

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୧ ଡିସେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 11 DECEMBER 2020
Vol.No. 30 ■ No. 313 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ନୂଆ ସଂସଦ ଭବନର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

## ନୂତନ ସଂସଦ ଦେଶର ଆକାଂକ୍ଷାକୁ ପୂରଣ କରିବ: ପ୍ରଧାନମନ୍ତ୍ରୀ
## ଗଣତନ୍ତ୍ର ଆମର ସଂସ୍କୃତି: ଶ୍ରୀ ମୋଦୀ
## ନୂଆ ସଂସଦ ଆତ୍ମନିର୍ଭର ଭାରତ ନିର୍ମାଣ ଦେଖିବ: ପ୍ରଧାନମନ୍ତ୍ରୀ
## ଦେଶର ସ୍ୱାର୍ଥକୁ ସର୍ବାଗ୍ରେ ରଖିବା ପାଇଁ ଶପଥ ନେବାକୁ ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ



ନୂଆଦିଲ୍ଲୀ,୧୦।୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆ ସଂସଦ ଭବନ (ପାର୍ଲାମେଂଟ ବିଲ୍ ?ଡିଂ)ର ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ ନୂଆ ସଂସଦ ଭବନ ଆମ ଆତ୍ମନିର୍ଭର ଭାରତ ଲକ୍ଷ୍ୟର ଏକ ସ୍ୱାଭାବିକ ଅଂଶ । ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ଲୋକଙ୍କ ପାର୍ଲାମେଂଟ ନିର୍ମାଣର ଏକ ଐତିହାସିକ ସୁଯୋଗ ସୃଷ୍ଟି ହୋଇଛି । ଏହା ୨୦୨୨ରେ ପାଳିତ ହେବାକୁ ଥିବା ଭାରତର ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତି ଅବସରରେ ଲୋକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଯଥାର୍ଥଭାବେ ପୂରଣ କରିପାରିବ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆଜିର ଏହି ଦିବସଟି ଭାରତର ଗଣତାନ୍ତ୍ରିକ ଇତିହାସରେ ଏକ ମାଇଲଖୁଂଟ ସ୍ଥାପନ କରିଛି । ଏଥିରେ ଭାରତୀୟତାର ବିଚାର ପୂରି ରହିଛି । ସେ କହିଛନ୍ତି ଯେ ଭାରତର ନୂଆ ପାର୍ଲାମେଂଟ ଭବନର ନିର୍ମାଣ କାର୍ଯ୍ୟ ଆରମ୍ଭ ଆମ ଗଣତାନ୍ତ୍ରିକ ପରମ୍ପରାର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ । ଏହି ନୂଆ ପାର୍ଲାମେଂଟ ଭବନକୁ ମିଳିତଭାବେ ନିର୍ମାଣ କରିବା ପାଇଁ ସେ ଦେଶର ଜନସାଧାରଣଙ୍କୁ ଆହ୍ୱାନ ଜଣାଇଛନ୍ତି । ଭାରତ ଯେତେବେଳେ ସ୍ୱାଧୀନତାର ୭୫ ବର୍ଷ ପୂର୍ତି ପାଳନ କରିବାକୁ ଯାଉଛି, ସେତେବେଳେ ଏକ ନୂଆ ପାର୍ଲାମେଂଟ ଭବନ ନିର୍ମାଣ କରାଯିବା ଭଳି ସୁନ୍ଦର ଓ ପବିତ୍ର ଘଟଣା ଆଉ କିଛି ନାହିଁ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ଏହି ଅବସରରେ ୨୦୧୪ରେ ପ୍ରଥମଥର ସେ ସଂସଦକୁ ପ୍ରବେଶ କରିବା ଘଟଣାର ସ୍ମୃତିଚାରଣ କରିଥିଲେ ।

▶▶ପୃଷ୍ଠା ୭

# ୧୮ ମାସରେ ବରମୁଣ୍ଡା ଆଇଏସବିଟି ଖର୍ଚ୍ଚ ହେବ ୧୮୦ କୋଟି



ଭୁବନେଶ୍ୱର,୧୦।୧୨ (ନି.ପ୍ର): ଗୁରୁବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବରମୁଣ୍ଡାର ଆନ୍ତଃରାଜ୍ୟ ବସ୍ ଟର୍ମିନାଲର ନିର୍ମାଣ କାର୍ଯ୍ୟ ବୁଲି ଦେଖିବା ସହ ଏହି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ପ୍ରକଳ୍ପର ଦୁଇଟି ଭାଗ ରହିଛି। ଗୋଟିଏ ଖଣ୍ଡଗିରିସ୍ଥ ବସ୍ ଡିପୋ ଏବଂ ଅନ୍ୟଟି ବରମୁଣ୍ଡା ଆନ୍ତଃରାଜ୍ୟ ବସ୍ ଟର୍ମିନାଲ। ଖଣ୍ଡଗିରି ବସ୍ ଡିପୋ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି ଏବଂ ମୁଖ୍ୟମନ୍ତ୍ରୀ ଆଜି ତାହା ବୁଲି ଦେଖିଥିଲେ ଏବଂ ଉନ୍ନତ ନିର୍ମାଣ କାର୍ଯ୍ୟ ସହିତ ବସ୍ ରହିବାର ସୁବ୍ୟବସ୍ଥା ହୋଇଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ। ଏହି କାର୍ଯ୍ୟ ପାଇଁ ମୋଟ ୧୮୦ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ୧୮ ମାସ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ବରମୁଣ୍ଡା ଆନ୍ତଃରାଜ୍ୟ ବସ୍ ଟର୍ମିନାଲକୁ ପୂର୍ବ ଭାରତର ପ୍ରମୁଖ ବସ୍ ଟର୍ମିନାଲ ଭାବରେ ଗଢି ତୋଳିବାକୁ ରାଜ୍ୟ ସରକାରଙ୍କର ଲକ୍ଷ୍ୟ ରହିଛି ।

▶▶ପୃଷ୍ଠା ୭

# ଆକାଶ ପାଠକଙ୍କୁ ୫ ଦିନିଆ ରିମାଣ୍ଡରେ ନେବ କ୍ରାଇମବ୍ରାଂଚ

## ଏସଡିଜେଏମ୍ କୋର୍ଟ ଦେଲେ ଅନୁମତି



ଭୁବନେଶ୍ୱର,୧୦।୧୨ (ନି.ପ୍ର): ଟାଟା ମୋଟର୍ସ ନାଁରେ ଠକେଇ ମାମଲାରେ ମୁଖ୍ୟ ଅଭିଯୁକ୍ତ ଆକାଶ ପାଠକଙ୍କୁ କ୍ରାଇମ ବ୍ରାଂଚ ୫ ଦିନ ରିମାଣ୍ଡରେ ନେବାକୁ ଏସଡିଜେଏମ୍ କୋର୍ଟ ଅନୁମତି ଦେଇଛନ୍ତି । କୋର୍ଟର ଅନୁମତି ପରେ କ୍ରାଇମବ୍ରାଂଚ ଶୁକ୍ରବାର ୫ ଦିନିଆ ରିମାଣ୍ଡରେ ନେବ ବୋଲି ଜଣାଯାଇଛି। ଉଲ୍ଲେଖନୀୟ ଯେ ଆଇଏଫ୍ଏସ୍ ଅଫିସର ଅଭୟ ପାଠକଙ୍କ ପୁଅ ଆକାଶ ନାମରେ ଠକେଇ କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲା ସମ୍ପର୍କରେ କମିସନରେଟ୍ ପୁଲିସ କୋର୍ଟଙ୍କୁ ଅବଗତ କରିଥିଲା।

# ଜାନୁଆରୀରୁ ଖୋଲିପାରେ ସ୍କୁଲ: ଛୁଟି ଦିନରେ ବି ହେବ କ୍ଲାସ୍

ଭୁବନେଶ୍ୱର,୧୦।୧୨ (ନି.ପ୍ର): ଜାନୁଆରୀ ମାସରେ ଖୋଲିପାରେ ସ୍କୁଲ୍ । ରାଜ୍ୟରେ ଜାନୁଆରୀରେ ସ୍କୁଲ୍ ଖୋଲିବା ପାଇଁ ସରକାର ଯୋଜନା କରିଛନ୍ତି ବୋଲି ସୂଚନା ଦେଇଛନ୍ତି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ। ସେ କହିଛନ୍ତି ଯେ ପ୍ରଥମେ ଦଶମ ଓ ଦ୍ୱାଦଶ ଶ୍ରେଣୀ ଖୋଲିବାକୁ ପ୍ରାଥମିକତା ଦିଆଯିବ। ଅନ୍ୟ କ୍ଲାସ୍ ଗୁଡ଼ିକ ଖୋଲିବ କି ନାହିଁ, ସେ ନେଇ କୌଣସି ନିଷ୍ପତି ନିଆଯାଇନାହିଁ। ସ୍କୁଲ ଖୋଲିବା ପରେ ଅତିକମରେ ୧୦୦ ଦିନ କ୍ଲାସ୍ ହେବା ପରେ ପରୀକ୍ଷା ହେବ। ।ନୁଆରୀରୁ ସ୍କୁଲ ଖୋଲିଲେ ଶନିବାର ଓ ରବିବାର ଦିନଗୁଡ଼ିକରେ କ୍ଲାସ୍ ହେବ। କେବଳ ପର୍ବପର୍ବାଣୀ ଗୁଡ଼ିକରେ ଛୁଟି ହେବ। କିଛି ଦିନ ମଧ୍ୟରେ ଛାତ୍ରଛାତ୍ରୀଙ୍କ ଚାପ କମାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଜରିଆରେ ପାଠପଢା ସାମଗ୍ରୀ ଉଦଘାଟନ କରାଯାଇ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, କରୋନା ପାଇଁ ଗତ ମାର୍ଚ୍ଚ ମାସରୁ ସ୍କୁଲ ବନ୍ଦ ରହିଛି। ପିଲାମାନେ ଅନଲାଇନ ପାଠ ପଢୁଛନ୍ତି।

# ସିଡାକ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ୱର,୧୦।୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ (ସିଡାକ୍)କୁ ଉତ୍କର୍ଷ କେନ୍ଦ୍ର ଭାବରେ କେନ୍ଦ୍ର ସରକାର ମାନ୍ୟତା ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି ଯେ ଏହି ଅନୁଷ୍ଠାନ ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ 'କଳାଭୂମି'କୁ ପରିଚାଳିତ କରିଥାଏ ଓ ସରକାରୀ ସ୍ତରରେ ଅଣବୈଷୟିକ ତାଲିମ ପାଇଁ ରାଜ୍ୟର ଅନୁରୂପ ପ୍ରଥମ ଅନୁଷ୍ଠାନ ।

# ଶାସନ କଳର ଲଗାତାର ଅପବ୍ୟବହାର ଯୋଗୁଁ ପଶ୍ଚିମବଙ୍ଗରେ ଆଇନଶୃଙ୍ଖଳା ଭୁଶୁଡ଼ିବା ମୁଖ୍ୟ କାରଣ : ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୧୦।୧୨ (ନି.ପ୍ର): ପଶ୍ଚିମବଙ୍ଗରେ ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡାଙ୍କ କାର ଉପରେ ପଥର ମାଡ଼ ହେବା ଆକ୍ରମଣ ଘଟଣାକୁ ନିନ୍ଦା କରିବା ସହ ଏହାକୁ ଦୁଃଖଦାୟକ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ପଶ୍ଚିମବଙ୍ଗ ଗସ୍ତରେ ଥିବାବେଳେ ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡାଙ୍କ କାର ଉପରେ ଆକ୍ରମଣ କରାଯାଇଛି। ରାଜନୈତିକ ପ୍ରତିଦ୍ୱନ୍ଦି ମାନଙ୍କ ବିରୁଦ୍ଧରେ ଶାସନ କଳର ଲଗାତାର ଅପବ୍ୟବହାର ପଶ୍ଚିମବଙ୍ଗରେ ଆଇନଶୃଙ୍ଖଳା ଭୁଶୁଡ଼ିଯିବାର ମୁଖ୍ୟ କାରଣ । ଏହି ଘଟଣାରୁ ପଶ୍ଚିମବଙ୍ଗ ପ୍ରଶାସନର ସୁରକ୍ଷା ବ୍ୟବସ୍ଥା ଫେଲ୍ ମାରିଥିବା ଜଣାପଡିଛି। କାହିଁକି ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଏବଂ ତାଙ୍କର କର୍ମୀମାନେ ଭୟଭୀତ । ଏହା ପ୍ରତ୍ୟାଖାନ ହେବାର ଭୟ କି ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି ।

# ଲିଙ୍ଗଭିତିକ ହିଂସାର ବିଲୋପ ହେବା ଜରୁରୀ

ଭୁବନେଶ୍ୱର,୧୦।୧୨ (ନି.ପ୍ର): ଆନ୍ତର୍ଜାତିକ ମାନବିକ ଅଧିକାର ଦିବସ ଓ ୧୬ ଦିବସୀୟ ଲିଙ୍ଗଭିତିକ ହିଂସା ବିରୋଧୀ କାର୍ଯ୍ୟକ୍ରମର ଶେଷ ଦିବସ ଅବସରରେ ଅତିଥିମାନେ ଲିଙ୍ଗଭିତିକ ହିଂସାର ବିଲୋପ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଛନ୍ତି। ସିସିଡବ୍ଲୁଡି ଓ ଆକ୍ସନ୍ଏଡ୍ ତରଫରୁ ଲିଙ୍ଗଭିତିକ ହିଂସାର ବିଲୋପ ସଂପର୍କିତ ମାନବ ଶୃଙ୍ଖଳ ଓ ଚିତ୍ରାଙ୍କନ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ପଥରବନ୍ଧ ବସ୍ତି ୱାର୍ଡ ନଂ. ୧୭ ଠାରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିଥି ଭାବରେ ଆକ୍ସନ୍ଏଡ୍ର ଆଂଚଳିକ ପରିଚାଳକ ଦେବବ୍ରତ ପାତ୍ର, ଶୁଭେନ୍ଦୁ କୁମାର ରାୟ, ଗୌରାଙ୍ଗ ଚନ୍ଦ୍ର ମହାପାତ୍ର, ଉଷାରାଣୀ ବେହେରା, ସିସିଡବ୍ଲୁଡିର ସଂପାଦକ ସଦାଶିବ ସ୍ୱାଇଁ, ଭୁବନେଶ୍ୱର ୟଙ୍ଗ ଅର୍ବାନ୍ ୱିମେନ୍ ଫୋରମ୍ର ସଭାପତି ସସ୍ମିତା ମହାରାଣା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ୫୮୮ କୋଟି ଟଙ୍କାର ୨୮ ପୁଞ୍ଜି ନିବେଶ ପ୍ରକଳ୍ପ ତ୍ୱରାନ୍ୱିତ

## - ୩୨୪୫ ଜଣଙ୍କ ପାଇଁ ସୃଷ୍ଟି ହେବ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ
## - ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୦।୧୨ (ନି.ପ୍ର): ରାଜ୍ୟରେ ବ୍ୟବସାୟ ଅନୁକୂଳ ବାତାବରଣର ସଫଳ ରୂପାୟନ ଦିଗରେ ଅନ୍ୟ ଏକ ପଦକ୍ଷେପ ସ୍ୱରୂପ ପ୍ରାୟ ୫୮୮ କୋଟି ଟଙ୍କା ପୁଞ୍ଜି ନିବେଶ ହେବାକୁ ଥିବା ୨୮ଟି ଶିଳ୍ପ ପ୍ରକଳ୍ପକୁ ତ୍ୱରିତ ଗତିରେ ଇଡ୍କୋ ମାଧ୍ୟମରେ ଜମି ଯୋଗାଇ ଦିଆଯାଇଛି । ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ଜମି ଆବଂଟନ କମିଟି ବୈଠକରୁ ଏହା ଜଣାପଡ଼ିଛି । ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ ମୋଡ଼ରେ ଅନୁଷ୍ଠିତ ଏହି ବୈଠକରେ ଇଡ୍କୋର ଅଧକ୍ଷ ତଥା ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସଂଜୟ କୁମାର ସିଂ ପ୍ରକଳ୍ପ ଗୁଡ଼ିକ ବିଷୟରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥବଲେ । ଶ୍ରୀ ସିଂ କହିଥିଲେ ଯେ, ଏହି ପ୍ରକଳ୍ପ ଗୁଡ଼ିକ ମୁଖ୍ୟତଃ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ, ସୂଚନାଓ ପ୍ରଯୁକ୍ତି ବିଦ୍ୟା, କୃଷି-ଉତ୍ପାଦ ପ୍ରକ୍ରିୟାକରଣ, ମୋଟରଯାନ, ପର୍ଯ୍ୟଟନ, ହାଲୁକା ଯନ୍ତ୍ରପାତି, ବିଭିନ୍ନ ପଦାର୍ଥ ବିପଣୀ-ମହଜୁଦ ନିମନ୍ତେ ଭଣ୍ଡାର ବ୍ୟବସ୍ଥା, ବିହନ ପ୍ରକ୍ରିୟାକରଣ ଏବଂ ସରଞ୍ଜାମ ନିର୍ମାଣଆଦି କ୍ଷେତ୍ର ଅନ୍ତର୍ଭୁକ୍ତ । ନିୟମ ଅନୁଯାୟୀ ପ୍ରକଳ୍ପ ଗୁଡ଼ିକ ରାଜ୍ୟ ଓ ଜିଲ୍ଲାସ୍ତରୀୟ ସିଙ୍ଗିଲ୍ ୱିଣ୍ଡୋ କମିଟି ଏବଂ ବିଭିନ୍ନ ସରକାରୀ ନୋଡ଼ାଲ ବିଭାଗ ମାନଙ୍କ ଦ୍ୱାରା ସୁପାରିଶ କରାଯାଇଛି । ବୈଷୟିକ କମିଟି ଦ୍ୱାରା ମଧ ଏଗୁଡ଼ିକର ଯାଂଚ୍ କରାଯାଇଛି । ଶିଳ୍ପାନୟନ ନିମନ୍ତେ ଏହି ପ୍ରକଳ୍ପ ଗୁଡ଼ିକର ଗୁରୁତ୍ୱ ଏବଂ ରାଜ୍ୟର ବିଭିନ୍ନ ସରକାରୀ ନୋଡ଼ାଲ ବିଭାଗ ମାନଙ୍କ ଦ୍ୱାରା ସୁପାରିଶ କରାଯାଇଛି । ବୈଷୟିକ କମିଟି ଦ୍ୱାରା ମଧ ଏଗୁଡ଼ିକର ଯାଂଚ୍ କରାଯାଇଛି ।

# ପରୀ ହତ୍ୟା ମାମଲା : ନୟାଗଡ ଆଇଆଇସି ନିଲମ୍ବିତ, ବଦଳିଲେ ଏସଡିପିଓ

ଭୁବନେଶ୍ୱର,୧୦।୧୨ (ନି.ପ୍ର): ପରୀ ହତ୍ୟାକାଣ୍ଡ ମାମଲାରେ ନୟାଗଡ଼ ଥାନା ଆଇଆଇସି ରୀତାରାଣୀ ସାହୁଙ୍କୁ ନିଲମ୍ବିତ କରାଯାଇଛି । ଏହା ସହିତ ଏସଡିପିଓ ନିରଞ୍ଜନ ସାହୁଙ୍କୁ କନ୍ଧମାଳ ଡିଏସପି ଭାବେ ବଦଳି କରାଯାଇଛି। ଆଇଆଇସି ରୀତାରାଣୀ ପରୀ ମା'ଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହେବା ପରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଅଭୟ ଏହି ପଦକ୍ଷେପ ନେଇଛନ୍ତି । ସୂଚନାଯୋଗ୍ୟ, ଗତ ଜୁଲାଇ ୧୪ ତାରିଖରେ ପରୀ ଗାଁ ଦାଣ୍ଡରେ ଖେଳୁଥିବା ବେଳେ ନିଖୋଜ ହୋଇଯାଇଥିଲା। କିଛି ଦିନ ପରେ ତାର ଗଳିତ ମୃତଦେହ ମିଳିଥିଲା। ଦୀର୍ଘ ୪ ମାସ ଧରି ପୁଲିସ କାର୍ଯ୍ୟାନୁଷ୍ଠାନ ନେଇନଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତ ବିଜେଡି ଦଳ ସହ ସଂପୃକ୍ତ ହୋଇଥିବାରୁ ଓ ସେମାନଙ୍କୁ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ସୁରକ୍ଷା ଦେଉଥିବା ଅଭିଯୋଗ ଆସିଥିଲା। ଏଭଳି ସ୍ଥିତିରେ ପରୀ ବାପା, ମା' ଗତ ୨୪ ତାରିଖରେ ବିଧାନସଭା ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଥିଲେ। ଏହା ପରେ ସରକାର ପ୍ରଥମେ କ୍ରାଇମବ୍ରାଂଚ, ପରେ ଏସଆଇଟି ଗଠନ କରି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ଗୋଟି ଦିନରେ ସୁସ୍ଥ ହେଲେ ୪୫୮

ଭୁବନେଶ୍ୱର,୧୦।୧୨ (ନି.ପ୍ର): ଆଜି ରାଜ୍ୟରୁ ୪୫୮ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇଲେ ଏଯାବତ୍ ରାଜ୍ୟରେ ୩୧୭୮୭୦ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟୁଇଟ କରି ଏହି ସୂଚନା ଦେଇଛି। ଆଜି ଅନୁଗୁଳରୁ ୪୮ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ବଲାଙ୍ଗୀରରୁ ୪୪ଜଣ, ଖୋର୍ଦ୍ଧାରୁ ୪୧ଜଣ, ସୁନ୍ଦରଗଡ଼ରୁ ୩୭ଜଣ, ମୟୁରଭଞ୍ଜରୁ ୩୫ଜଣ, କଟକରୁ ୨୪ଜଣ, ନୂଆପଡ଼ାରୁ ୨୪ଜଣ, ଜଗତସିଂହପୁରରୁ ୨୨ଜଣ, ଯାଜପୁରରୁ ୧୯ଜଣ, ପୁରୀରୁ ୧୯ଜଣ, ବାଲେଶ୍ୱରରୁ ୧୪ଜଣ, କେନ୍ଦୁଝରରୁ ୧୪ଜଣ, ସମ୍ବଲପୁରରୁ ୧୪ଜଣ, କେନ୍ଦ୍ରାପଡ଼ାରୁ ୧୨ଜଣ, କୋରାପୁଟରୁ ୧୧ଜଣ, କଳାହାଣ୍ଡି ୮ଜଣ, ମାଲକାନଗିରିରୁ ୮ଜଣ, ଭଦ୍ରକରୁ ୭ଜଣ, ଦେବଗଡ଼ରୁ ୭ଜଣ, ନବରଙ୍ଗପୁରରୁ ୭ଜଣ, ନୟାଗଡ଼ରୁ ୭ଜଣ, ଗଞ୍ଜାମରୁ ୬ଜଣ, ଝାରସୁଗୁଡ଼ାରୁ ୬ଜଣ, ଢେଙ୍କାନାଳରୁ ୫ଜଣ, ବରଗଡ଼ରୁ ୩ଜଣ, ବୌଦ୍ଧରୁ ୨ଜଣ, ରାୟଗଡ଼ାରୁ ୨ଜଣ, ସୁବର୍ଣ୍ଣପୁରରୁ ୨ଜଣ, କନ୍ଧମାଳରୁ ଜଣେ ଓ ଷ୍ଟେଟପୁଲରୁ ୯ଜଣ ଲେଖାଏଁ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

# ଗୋଟିଏ ଦିନରେ ୩୪୩ କରୋନା ଆକ୍ରାନ୍ତ ଚିହ୍ନଟ : ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨୨୬୪୨

ଭୁବନେଶ୍ୱର,୧୦।୧୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୪୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨୨୬୪୨ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୧୭୪୧୨ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୩୩୮୩ ରହିଛି । ଆଜି ଚିହ୍ନଟ ହୋଇଥିବା ୩୪୩ ଜଣଙ୍କ ମଧ୍ୟରୁ ୧୯୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୪୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ସବୁଠାରୁ ଅଧିକ ୪୧ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରୁ ୩୨ ଜଣ କରୋନା ସଂକ୍ରମିତ ହୋଇଥିବା ବେଳେ ବାଲେଶ୍ୱରରୁ ୧୭ ଜଣ, ବରଗଡ଼ରୁ ୧୮ ଜଣ, ଭଦ୍ରକରୁ ୪ ଜଣ, ବଲାଙ୍ଗୀରରୁ ୧୯ ଜଣ ରହିଛନ୍ତି ।

## ପରୀର ପରିବାରକୁ ଭେଟିଲେ ବିଜେପି ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ

# ପରୀକୁ ନ୍ୟାୟ ନମିଳିବା ଯାଏଁ ଲଢେଇ ଜାରି ରହିବ : ଡି.ପୁରନ୍ଦେଶ୍ୱରୀ



ନୟାଗଡ/ଭୁବନେଶ୍ୱର,୧୦।୧୨ (ନି.ପ୍ର): ନୂତନ ଭାବେ ନିଯୁକ୍ତ ହୋଇଥିବା ରାଜ୍ୟ ପ୍ରଭାରୀ ଶ୍ରୀମତୀ ଡି.ପୁରନ୍ଦେଶ୍ୱରୀ ୪ ଦିନିଆ ଓଡିଶା ଗସ୍ତରେ ଆସି ଗୁରୁବାର ନୟାଗଡ ଜିଲ୍ଲା ଯଦୁପୁର ଗାଁକୁ ଯାଇ ପରୀ ପରିବାରକୁ ଭେଟିଛନ୍ତି। ଶ୍ରୀମତୀ ପୁରନ୍ଦେଶ୍ୱରୀ ପ୍ରଥମେ ପରୀର ବାପା, ମାଁଙ୍କୁ ଭେଟି ଆଲୋଚନା କରିବା ପରେ ଘଟଣସ୍ଥଳକୁ ଯାଇ ବାସ୍ତବ ସ୍ଥିତି ଅନୁଧ୍ୟାନ କରିଥିଲେ ।

ରାଜ୍ୟ ସରକାର ଏଭଳି ସମ୍ବେଦନଶୀଳ ଘଟଣାରେ ତତ୍ପରତା ପ୍ରଦର୍ଶନ କରିବା ପରିବର୍ତେ କୋହଳ ମନୋଭାବ ପ୍ରଦର୍ଶନ କରିବା ଅତ୍ୟନ୍ତ ଲଜ୍ଜାଜନକ । ଅଭିଯୁକ୍ତକୁ ସୁରକ୍ଷା ଦେଉଥିବା ରାଜ୍ୟ ମନ୍ତ୍ରୀମଣ୍ଡଳର ପ୍ରଭାବଶାଳୀ ମନ୍ତ୍ରୀ ଅରୁଣ ସାହୁ ତୁରନ୍ତ ନିଜ ପଦବୀରୁ ଇସ୍ତଫା ଦିଅନ୍ତୁ ନଚେତ୍ ମୁଖ୍ୟମନ୍ତ୍ରୀ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ତୁରନ୍ତ ବହିଷ୍କାର କରନ୍ତୁ। ମୃତା ପରୀ ଏବଂ ପରୀ ପରିବାରକୁ ନ୍ୟାୟ ପ୍ରଦାନ ନହେବା ଯାଏଁ ଭାରତୀୟ ଜନତା ପାର୍ଟୀ ଲଢେଇ ଜାରୀ ରଖିବ ବୋଲି ଶ୍ରୀ ପୁରନ୍ଦେଶ୍ୱରୀ କହିଛନ୍ତି । ରାଜ୍ୟବାସୀମାନେ ନିଜ ସୁରକ୍ଷା ପାଇଁ ବିଜେଡିକୁ ବିପୁଳ ଭୋଟ ଦେଇ ଶାସନ କ୍ଷମତା ପ୍ରଦାନ କରିଛନ୍ତି । ଅନ୍ୟ ପଟେ ଶାସକ ବିଜେଡି ରାଜ୍ୟବାସିଙ୍କ ବିଶ୍ୱାସକୁ ହତ୍ୟା । ଯଦି ଗୋଟିଏ ଝିଅକୁ ନ୍ୟାୟ ଦେଇପାରୁ ନାହାନ୍ତି, ତାହେଲେ ସମଗ୍ର ରାଜ୍ୟବାସୀଙ୍କ କିପରି ସୁରକ୍ଷା ଯୋଗାଇ ଦେବେ ବୋଲି ଶ୍ରୀମତୀ ପୁରନ୍ଦେଶ୍ୱରୀ ପ୍ରଶ୍ନ କରିଛନ୍ତି। ଏହାର ଉତର ନିଶ୍ଚିତ ଭାବେ ଓଡିଶାବାସୀ ମାଗିବେ । ତଦନ୍ତ ପାଇଁ ରାଜ୍ୟ ସରକାର ଗଠନ କରିଥିବା ଏସଆଇଟିର ମୁଖ୍ୟ ବର୍ତମାନ ଓଡିଶା ରାଜ୍ୟ ପରିବହନ ନିଗମର ମୁଖ୍ୟ ଅଛନ୍ତି । ଏସଆଇଟିର ଜୁଡିସିଆଲ କ୍ଷମତା ନାହିଁ ।

▶▶ପୃଷ୍ଠା ୭

# ସଖୀବଟରେ ନୂତନ ବିବାହ ମଣ୍ଡପ ଉଦଘାଟନ

କେନ୍ଦ୍ରାପଡ଼ା,୧୦।୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ଅନ୍ୟତମ ପର୍ଯ୍ୟଟନ ସ୍ଥଳୀ ଗୁପ୍ତକ୍ଷେତ୍ର ସଖୀବଟ ଠାରେ ନବ ନିର୍ମିତ ବିବାହ ବେଦୀକୁ ଜନ ସାଧାରଣଙ୍କ ବ୍ୟବହାର ଉପଲକ୍ଷେ ଲୋକାର୍ପଣ କରାଯାଇଛି । ଏହି କ୍ଷେତ୍ରରେ ବର୍ଷର ବିଭିନ୍ନ ସମୟରେ ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇ ଆସୁଛି । ଭିତିଭୂମିର ଅଭାବ ସହିତ ବିଭିନ୍ନ ପ୍ରକାର ଅସୁବିଧା ଲାଗି ରହିଥିବାରୁ ଏଠାକୁ ଆସୁଥିବା ଶ୍ରଦ୍ଧାଳୁ ମାନେ ହଇରାଣ ହରକତ ହେଉଥିଲେ । ଏହାକୁ ଲକ୍ଷ୍ୟକରି ଜଳ ସଂପଦ ବିଭାଗର ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ଙ୍କ ପ୍ରଫୁଲ୍ଲ ଚନ୍ଦ୍ର ଚୌଧୁରୀଙ୍କ ଆର୍ଥିକ ସହାୟତାରେ ନିର୍ମାଣ କରାଯାଇଛି । ୧ ଲକ୍ଷ ୪୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏହି ବେଦୀକୁ ଶ୍ରୀ ଚୌଧୁରୀ ଉଦ୍‌ଘାଟନ କରିଥିଲେ । ସଖୀବଟ ଉନ୍ନୟନ ପରିଷଦର ସଭାପତି ନିରଞ୍ଜନ ସାହୁ, ସଭ୍ୟ ଦିଲିପ ବିଶ୍ୱାଳ ଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ।

# ଆଇନ ସେବା ପ୍ରାଧିକରଣ ପକ୍ଷରୁ ମାନବ ଅଧିକାର ଦିବସ ପାଳିତ

କେନ୍ଦ୍ରାପଡ଼ା,୧୦।୧୨ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ମାନବାଧିକାର ଦିବସ ପାଳନ କରାଯାଇଛି । କୋଭିଡ କଟକଣାକୁ ଦୃଷ୍ଟିରେ ରଖି ଅନଲାଇନ ଫର୍ମାଟରେ କାର୍ଯ୍ୟକ୍ରମ ପାଳିତ ହୋଇଥିଲା । ପ୍ରାଧିକରଣ ର ଅଧକ୍ଷ ତଥା ଜିଲ୍ଲା ଦୌରାଜଜ ବାସୁଦେବ ପଣ୍ଡାଙ୍କ ତ୍ୱାବଧାନ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାଧିକରଣର ସଚିବ ମଳୟ କୁମାର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ମାନବାଧିକାର ସମ୍ବନ୍ଧୀୟ ନିର୍ଦ୍ଦେଶନାମା କୁ ଅବଗତ କରାଇଥିଲେ । କରୋନା କଟକଣା ହେତୁ ଗୁଗୁଲମିଟ୍ ଅନଲାଇନ ରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ବ୍ରହ୍ମପୁର ପୋଲିସର କାର୍ଯ୍ୟାନୁଷ୍ଠାନ: ୧ ଲକ୍ଷ ୨୧ ହଜାର ୮୦୦ ଟଙ୍କା ଜୋରିମାନା ଆଦାୟ

ଗଞ୍ଜାମ,୧୦।୧୨ (ନି.ପ୍ର): ବ୍ରହ୍ମପୁର ପୋଲିସ ଜିଲ୍ଲା ପକ୍ଷରୁ ଗତ ୯ ତାରିଖ ସକାଳ ୬ଟା ଠାରୁ ୧୦ ତାରିଖ ସକାଳ ୬ ଟା ପର୍ଯ୍ୟନ୍ତ ୨୪ ଘଂଟା ମଧ୍ୟରେ କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀ, ବେପରୁଆ ଗାଡି ଚାଳକ ଓ ବେଆଇନ ମଦ କାରବାର ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ପୋଲିସର ସୂଚନା ଅନୁଯାୟୀ, ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରିଥିବା ବେପରୁଆ ଗାଡ଼ି ଚାଳକ ୨୧୯ ଜଣଙ୍କ ଚାଲାଣ କଟାଯାଇଛି । ସେମାନଙ୍କ ନିକଟରୁ ଜୋରିମାନା ବାବଦକୁ ୧ ଲକ୍ଷ ୯ ହଜାର ୫୦୦ ଟଙ୍କା ଆଦାୟ କରାଯାଇଛି । ମାସ୍କ ବ୍ୟବହାର କରୁନଥିବା ବ୍ୟକ୍ତି ବିଶେଷଙ୍କ ନିକଟରୁ ୯୮୦୦ ଟଙ୍କା । ଏବଂ ସାମାଜିକ ଦୂରତା ଉଲ୍ଲଙ୍ଘନକାରୀଙ୍କ ନିକଟରୁ ୨୫୦୦ ଟଙ୍କା ଆଦାୟ କରାଯାଇଛି । ଏହିପରି ଜୋରିମାନା ବାବଦକୁ ମୋଟ୍ ୧ ଲକ୍ଷ ୨୧ ହଜାର ୮୦୦ ଟଙ୍କା ଆଦାୟ କରାଯାଇଛି । ଏହା ବ୍ୟତୀତ ବିଭିନ୍ନ ସ୍ଥାନରେ ଚଡ଼ଉ କରି ୨୪.୮ ଲିଟର ମଦ ଜବତ କରିଛି ପୋଲିସ। ପୃଥକ୍ ପୃଥକ୍ ମାମଲାରେ ୨ ଜଣଙ୍କୁ ଗିରଫ କରିଛି । ବିଭିନ୍ନ ଥାନାରେ ୨ଟି ଏତଲା ଦାୟର୍ ହୋଇଛି ।

# ବିଶ୍ୱ ମାନବାଧିକାର ଦିବସରେ ଲିଙ୍ଗଭିତ୍ତିକ ହିଂସା ରୋକିବାପାଇଁ ଦାବିପତ୍ର ପ୍ରଦାନ

ମାଲକାନଗିରି ,୧୦।୧୨ (ନି.ପ୍ର): ମହିଳା ମାନଙ୍କ ଉପରେ ହେଉଥିବା ହିଂସା ଦୂରିକରଣ ନିମନ୍ତେ ଏକ ସ୍ୱତନ୍ତ୍ର ଆଇନ ଲାଗୁ କରିବା ଉଦ୍ଦେଶ୍ୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ଆଜି ବିଶ୍ୱ ମାନବାଧିକାର ଦ୍ୱିସରେ ମାଲକାନଗିରି ଶ୍ରମଜୀବି ସଙ୍ଗଠନ ଓ ମହିଳା ଶ୍ରମଜୀବି ସଙ୍ଗଠନ , ମାଲକାନଗିରି ୭ ଗୋଟିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କ ଜରିଆରେ ୮ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଦାବିଗୁଡିକ ମଧ୍ୟରେ ମହିଳା ଅଧିକାର ଓ ହିଁସା ଜନିତ ସମସ୍ତ ଅଦାଲତ ସମ୍ପର୍କିତ ତଥ୍ୟ ପାଇଁ ସରକାରୀ ସ୍ତରରେ ସ୍ୱତନ୍ତ୍ର ୱେବସାଇଟ ଖୋଲାଯାଉ । -ମହିଳା ସମ୍ପର୍କିତ ସମସ୍ତ ହିଁସାର ସମାଧାନ ଓ ସମସ୍ତ ବର୍ଗର ମହିଳା ଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ନିମନ୍ତେ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳଙ୍କୁ ସବୁବ୍ବେଳେ ସବୁ ସମୟରେ ସ୍ୱତନ୍ତ୍ର ଭାବେ ନିଯୁକ୍ତି କରାଯାଉ ଏବଂ ଦଳରେ ୭୫ ଭାଗ ମହିଳା ଙ୍କ ନିଯୁକ୍ତି କୁ ପ୍ରାଧାନ୍ୟ ଦିଆଯାଉ । ମହିଳା ସମ୍ପର୍କିତ ସମସ୍ତ ହିଁସାର ସମାଧାନ ଓ ସମସ୍ତ ବର୍ଗର ମହିଳା ଙ୍କୁ ତୁରନ୍ତ ନ୍ୟ ।ୟ ପ୍ରଦାନ ନିମନ୍ତେ ସ୍ୱତନ୍ତ୍ର ମହିଳା କୋର୍ଟ ସ୍ଥାପନ କରାଯାଉ । ମହିଳା ସମ୍ପର୍କିତ ସମସ୍ତ ହିଁସାରେ ସାକ୍ଷୀ ମାନଙ୍କ ସୁରକ୍ଷା ପାଇଁ ବିଶେଷ ସୁବିଧା ସୁଯୋଗ ସହ ପ୍ରୋତ୍ସାହନ ସୁବିଧା ଉପଲବ୍ଧ କରାଯାଉ । ମହିଳା ସମ୍ପର୍କିତ ସମସ୍ତ ହିଁସାର ସମାଧାନ ନିମନ୍ତେ ସମସ୍ତ ଆଇନ ଗତ ପ୍ରାବଧାନ କୁ ସାର୍ବଜନୀନ ନିମନ୍ତେ ବିଭିନ୍ନ ଗ୍ରମସଭା,ପଲ୍ଲୀ ସଭା ଆଦି ରେ ପ୍ରଚାର ପ୍ରସାର କରାଯାଉ । ମହିଳା ମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ତୃଣମୂଳ ସ୍ତରରେ ସ୍ୱତନ୍ତ୍ର ମହିଳା ଗ୍ରାମ ସଭା ମାଧ୍ୟମରେ ସମସ୍ୟା ଚିହ୍ନଟ କରି ତାର ସମାଧାନ ନିମନ୍ତେ ରାଜ୍ୟ ବଜେଟରେ ସ୍ୱତନ୍ତ୍ର ପ୍ରାବଧାନ କରାଯାଉ । ଓଡିଶା ସରକାର ସମସ୍ତ କାର୍ଯ୍ୟକ୍ଷେତ୍ର କୁ ନିର୍ଯ୍ୟାତନା ମୁକ୍ତ ଅଂଚଳ ଭାବେ ଘୋଷଣା କରାଯାଉ । ମହିଳା ମାନଙ୍କ ବିରୁଦ୍ଧରେ ଅନଲାଇନ ହିଁ ସାକୁ ରୋକିବା ପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ଜାରୀ କରନ୍ତୁ । ଆଦି ଦାବି କରି ଆଜି ଓଡ଼ିଶା ଶ୍ରମଜୀବି ମଂଚ ଓ ମହିଳା ଶ୍ରମଜୀବି ମଂଚର ଆହ୍ୱାନ କ୍ରମେ ରାଜ୍ୟର ୧୭ ଗୋଟି ଜିଲ୍ଲା ର ଲୋକ ସଙ୍ଗଠନ ପ୍ରତିନିଧିଙ୍କ କାର୍ଯ୍ୟାଳୟ ମାନଙ୍କରେ ଶ୍ରମଜୀବି ସଙ୍ଗଠନ ର ସଭାପତି ଘାସିରାମ ଗୁଟ୍ଟା, ଭାଗିରଥି ପାଟନିଆ, ରେଲି ଖିଲ,ବୃଟିକ ବେହେରା, ଶାନ୍ତି ବେକ,ଶ୍ୟାମ ସୁନାସିଆ,ଗାଙ୍ଗୀ ମାଢୀ,ନର୍ସିଂ ମାଢୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଅଭିଯୁକ୍ତଙ୍କୁ ବନ୍ଧୁକ ଲାଇସେନ୍ସ ଅନୁମତି ଅଭିଯୋଗ

କେନ୍ଦ୍ରାପଡ଼ା,୧୦।୧୨ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଚାଟରାପାଟଣା ଗ୍ରାମର ଜଣେ ଯୁବନେତାଙ୍କ ନାମରେ ୪ଟି ମାମଲା ଥିବାବେଳେ ଜିଲ୍ଲା ପ୍ରଶାସନ ତାଙ୍କୁ ବନ୍ଧୁକ ରଖିବା ପାଇଁ ଅନୁମତି ଦେଇଥିବାରୁ ଗ୍ରାମର କେତେକ ବ୍ୟକ୍ତି ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ଅଭିଯୋଗ କରିଛନ୍ତି । ଅଭିଯୋଗ ରୁ ପ୍ରକାଶ ଯେ, ଚାଟରାପାଟଣା ଗ୍ରାମର ଏହି ଯୁବନେତା ବନ୍ଧୁକ ଦେଖାଇ ବିଭିନ୍ନ ସମୟରେ ଲୋକମାନଙ୍କୁ ଭୟଭୀତ କରିବା ସହ ଧମକଚମକ ଦେଉଛନ୍ତି । ଏହି ଯୁବନେତାଙ୍କ ନାମରେ କେସ ନଂ- ୧ଉଉ ୧୨୭/୨୦, ୨୮୩/୨୦,୧୪୨/୨୦ ଏବଂ କେନ୍ଦ୍ରାପଡା ଟାଉନ ଥାନା କେସ ନଂ- ୪୬/୨୦ ରେ ମାମଲା ରହିଛି । ୪ଟି ମାମଲା ଥିବାବେଳେ ଅଭିଯୁକ୍ତଙ୍କୁ କିଭଳି ବନ୍ଧୁକ ଲାଇସେନ୍ସ ପ୍ରଦାନ କରାଗଲା ସେନେଇ ଗ୍ରାମର ଦିଲିପ କୁମାର ମହାନ୍ତି, ମଧୁସୁଦନ ରାଉତ, ମଥୁରାନନ୍ଦ ଦାସ, ବଂଶିଧର ଦାସ, ନିତ୍ୟାନନ୍ଦ ନାୟକ, ଗୁରୁଚରଣ ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଉତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି ।

# ଆବର୍ଜନାରେ ଭର୍ତ୍ତି ମହାପ୍ରଭୂଙ୍କ ହେମସାଗର(ଚନ୍ଦନ) ପୋଖରୀ

## ➢ନାମ ଦେବୋତର ବିଭାଗର, ସରକାରୀ ରେକର୍ଡ଼ରେ ପୌରପରିଷଦ
## ➢ରକ୍ଷଣାବେକ୍ଷଣ ଅଭାବରୁ ପରିବେଶକୁ ପ୍ରଦ୍ୟୁଷିତ କରାଉଛି

ବାରିପଦା,୧୦।୧୨ (ନି.ପ୍ର): ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବରେ ଖ୍ୟାତି ଲାଭ କରିଥିବା ବାରିପଦା ଶ୍ରୀଶ୍ରୀହରିବଳଦେବ ଜୀଉ ବିଜେ ମହାପ୍ରଭୂଙ୍କ ପୁଷ୍କରଣୀ (ହେମସାଗର ପୋଖରୀ) । ନାମ ଦେବୋତର ବିଭାଗର ହୋଇଥିବା ବେଳେ ସରକାରୀ ରେକର୍ଡ଼ ବାରିପଦା ପୌରପରିଷଦ ନାମରେ । ମହାପ୍ରଭୂଙ୍କର ଏହି ପୋଖରୀ ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଅଳିଆ ଆବର୍ଜନାରେ ଭର୍ତି ହୋଇ ପରିବେଶକୁ ପ୍ରଦୋଷିତ କରାଉଛି । ଦେବୋତର ବିଭାଗ ପୋଖରୀକୁ ନିଲାମ ଦେଇ ଓ ପୋଖରୀ ହୁଡ଼ା ଦୋକାନୀମାନଙ୍କୁ ଭଡ଼ାରେ ଲଗାଇ ଅର୍ଥ ଆଦାୟ କରୁଥିବା ବେଳେ ବିଭାଗ ଏହାର ରକ୍ଷଣାବେକ୍ଷଣ ଓ ପୁର୍ନଉଦ୍ଧାର କରିବା ଦୂରର ବିଷୟ ଏହା ପୌରପରିଷଦ ଖାତାକୁ ଚାଲିଯାଇଥିବା ବିଷୟରେ କୌଣସି ସୂଚନା ବିଭାଗ ନିକଟରେ ନଥିବାର ଜଣାପଡ଼ିଛି । ଏଥି ନିମନ୍ତେ ଦେବୋତର ନିର୍ବାହୀ ଅଧିକାରୀଙ୍କ ପାରିବା ପଣିଆ ଉପରକୁ ଜନସାଧାରଣ ଅଙ୍ଗୁଳି ଉଠାଇଛନ୍ତି । ବାରିପଦା ତହସିଲ ଅଧୀନ ୟୁନିଟ-୯ ଆନନ୍ଦ ବଜାର ମୌଜା ଖାତା ନଂ ୨୨୦ ଓ ପ୍ଲଟ ନଂ ୨୨୫, କିସମ- ଜଳାଶୟ, ଏରିଆ ୨.୬୯ ହେମସାଗର ପୁଷ୍କରଣୀର ଜଳାଶୟ ସହିତ ଜଳାଶୟର ଉତର ଓ ଦକ୍ଷିଣ ଦିଗରେ ଖାତା ନମ୍ବର ୨୨୦, ପ୍ଲଟ ନଂ ୨୧୧ , କିସମ ରାସ୍ତା, ଏରିଆ ଏ୦.୯୩୦; ଦକ୍ଷିଣ ଦିଗରେ ପ୍ଲଟ ନଂ ୨୨୪, କିସମ ରାସ୍ତା, ଏରିଆ ଏ୦.୨୪୦ ଓ ଦକ୍ଷିଣ ଓ ପୂର୍ବ ଦିଗରେ ପ୍ଲଟ ନଂ ୨୨୬, କିସମ- ରାସ୍ତା , ଏରିଆ ଏ୦.୨୯୦ ଏହି ପରି ପୋଖରୀ ଓ ପୋଖରୀର ଆଡ଼ିକୁ ମିଶାଇ ମୋଟ ଏ୪.୧୫ ଡେସିମିଲ ଜମି ପୌରପରିଷଦ ନାମରେ ରହିଥିବାର ଜଣାପଡ଼ିଛି । ଦେବୋତର ନିର୍ବାହୀ ଅଧିକାରୀ ତଥା ବାରିପଦା ଉପଜିଲ୍ଲାପାଳ ଓ ତହସିଲ କାର୍ଯ୍ୟାଳୟ ମଝିରେ କେବଳ ୫/୭ ଫୁଟ ରାସ୍ତା ସୀମାରେଖା ଟାଣି ଛିଡ଼ା ହୋଇଥିବା ବେଳେ ହେମସାଗର ପୋଖରୀ ଦେବୋତରଠାରୁ ପୌରପରିଷଦ ଖାତାକୁ ଚାଲିଯିବା ଘଟଣାକୁ ଜଗନ୍ନାଥ ପ୍ରେମୀମାନେ ସହଜରେ ଗ୍ରହଣ କରିପାରି ନାହାନ୍ତି ।

୨୦୧୯ ଫେବୃଆରୀ ୧୨ରେ ବାରିପଦା ପୌରପରିଷଦର ନଗରପାଳ ବବିତା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହେମସାଗର ପୋଖରୀର ଉନ୍ନତିକରଣ ଏବଂ ସୌନ୍ଦର୍ଯ୍ୟକରଣର ଭିତି ପ୍ରସ୍ତର ସ୍ଥାପନ ସମାରୋହକୁ ତତ୍କାଳୀନ ବିଧାନସଭାର ଉପବାଚସ୍ପତି ତଥା ବାରିପଦା ବିଧାୟକ ସାନନ୍ଦ ମାର୍ଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭ ଉଦଘାଟନ କରିଥିଲେ । ପରବର୍ତି ସମୟରେ ପୌରପରିଷଦର ପ୍ରପୋଜାଲ କ୍ରମେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ହେମସାଗର ପୋଖରୀର ଉନ୍ନତିକରଣ ଏବଂ ସୌନ୍ଦର୍ଯ୍ୟକରଣର ନିମନ୍ତେ ୪୫ : ୪୫ : ୧୦ (୪୫ ପ୍ରତିଶତ ନଗର ଉନ୍ନୟନ ବିଭାଗ ୪୫ ପ୍ରତିଶତ ପୌରପରିଷଦ ଋଣ ସୂତ୍ରରେ ନେବ ଏବଂ ୧୦ ପ୍ରତିଶତ ପୌରପରିଷଦ ନିଜସ୍ୱ ପାଣ୍ଠି) ରେସିଓରେ ୧୩୯.୭୩ ଲକ୍ଷ ଟଙ୍କାର ଅନୁଦାନ ଆସିଥିଲେ ମଧ୍ୟ ଅଦ୍ୟାବଧି ପୌରପରିଷଦ ପକ୍ଷରୁ ଏଥି ନିମନ୍ତେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇ ନାହିଁ ।

ବାରିପଦା ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେଙ୍କ ମନ୍ଦିରରେ ପାଳିତ ହେଉଥିବା ରୀତିନୀତି ସହିତ ହେମସାଗର ପୋଖରୀର ନିବିଡ଼ ସମ୍ପର୍କ ରହିଛି । ଏହି ପୁଷ୍କରଣୀରେ ଚନ୍ଦନ ଚାପ ସହିତ ଶ୍ରୀଜୀଉଙ୍କ କାଳୀୟ ଦଳନ ନୀତି ସମ୍ପନ୍ନ ହୋଇଥାଏ । ମହାପ୍ରଭୂଙ୍କ ଚାପ ପୋଖରୀର ଚର୍ତୁପାର୍ଶ୍ୱରେ ଆହୁଲା ମାରି ଘୁରି ବୁଲିବା ସମୟରେ ଆହୁଲାରେ ପ୍ଲାଷ୍ଟିକ ଜରି ସହିତ ଅଳିଆ ଆବର୍ଜନା ଉଠିଆସିଥାଏ । ବର୍ତମାନ ପୋଖରୀ ଦଳରେ ପରିପୂର୍ଣ୍ଣ ହୋଇ ସବୁଜ ପଡ଼ିଆର ଭ୍ରମ ସୃଷ୍ଟି କରାଉଛି । ପାଣିରୁ ଦୁର୍ଗନ୍ଧ ବାହାରିବା ସାଙ୍ଗକୁ ପରିବେଶ ପ୍ରଦୋଷିତ କରଇବା ଆରମ୍ଭ କରିଥିବା ବେଳେ ପୌର ନିର୍ବାହୀ ଅଧିକାରୀ ତଥା ଦେବୋତର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ବାରିପଦା ଉପଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ନୀରବ ଦ୍ରଷ୍ଟା ସାଜି ବସିଛନ୍ତି । ସ୍ଥାନୀୟ ଜନତା ସତ୍ୟକାମ ରଣାଙ୍କ କହିବା ଅନୁସାରେ ତାଙ୍କ ଜାଣତରେ ହେମସାଗର ପୋଖରୀ କୌଣସି ଦିନ ପୁର୍ନଉଦ୍ଧାର ହୋଇ ନାହିଁ । ଅଧିକନ୍ତୁ ପୋଖରୀ ହୁଡ଼ାରେ କୁକୁଡ଼ା ଗାଡ଼ି ସହିତ ଅନ୍ୟାନ୍ୟ ଗାଡ଼ି ମୋଟରଗୁଡ଼ିକର ଧୋଆସଫା ପାଣି ଜଳାଶୟ ମଧ୍ୟକୁ ନିୟମିତ ଆସୁଅଛି । ହେମସାଗର ପୋଖରୀର ଉଭୟ ପାର୍ଶ୍ୱରେ ଅଳିଆ ଆବର୍ଜନା ପୋଖରୀ ହୁଡ଼ାରେ ଗଦା ହଉଛି । ବର୍ଷା ହେଲେ ବର୍ଷା ପାଣି ସହିତ ଅଳିଆ ଆବର୍ଜନା ଧୋଇ ହୋଇ ପୋଖରୀ ପାଣିରେ ମିଶୁଛି । ଏହା ବ୍ୟତୀତ ପୌରପରିଷଦର ୬, ୭ ଓ ୯ ନଂ ୱାର୍ଡ଼ର ଜନସାଧାରଣ ପୋଖରୀକୁ ବ୍ୟବହାର କରୁଥିବା ବେଳେ ପୂର୍ବେ ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରୁଥିଲେ । ବର୍ତମାନ ପାଣିକୁ ସ୍ପର୍ଶ କରିବାକୁ ଆଗ୍ରହ ଆସୁ ନାହିଁ ବୋଲି ଶ୍ରୀରଣା କହିଛନ୍ତି ।

# କାର୍ ସହ ୨୬ କେଜି ଗଞ୍ଜେଇ ଜବତ: ୩ ଗିରଫ

ଜୟପୁର,୧୦।୧୨ (ନି.ପ୍ର): ଜୟପୁର ଟାଉନ ପୋଲିସ ଗଞ୍ଜେଇ ଚାଲାଣ ବେଳେ ଚଢ଼ଉ କରିଛି । କାର୍ ଯୋଗେ ଚାଲାଣ ହେଉଥିବା ୨୬ କେଜି ୨ ଶହ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଘଟଣାରେ ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଉତର ପ୍ରଦେଶର ରାଜେନ୍ଦ୍ର ପ୍ରତାପ ସିଂ (୩୭), କୁଳଦୀପ ସିଂ (୧୯) ଓ ମାନ ସିଂ (୩୪) । ପୋଲିସ ସୂତ୍ରରୁ ପ୍ରକାଶ ଯେ, ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ସତୀଗୁଡା ନିକଟରେ ଏକ କାର୍‌କୁ ଅଟକାଇ ଯାଂଚ୍ କରିଥିଲା । ଜୟପୁର ଦେଇ ଉତର ପ୍ରଦେଶ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ପୋଲିସ କୌଣସି ସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲା । ଯାଂଚ୍ ବେଳେ କାର୍‌ରୁ ୨୬ କେଜି ୨ ଶହ ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା । ଗଞ୍ଜେଇ ସହ କାର୍ ନଂ ୟୁପି ୩୩ ବିଜେ ୯୭୧୮ ଓ ଅଭିଯୁକ୍ତ ମାନଙ୍କ ନିକଟରୁ ନଗଦ ୬୨ ହଜାର ୫ ଶହ ଟଙ୍କା ଜବତ କରିଛି ପୋଲିସ । ଟାଉନ ଥାନା ପୋଲିସ ଏ ସଂକ୍ରାନ୍ତରେ ୩୪୯/୨୦ ରେ ଏକ ମାମଲା ରୁଜୁ କରି ଗିରଫ ତିନି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି ।

# ଲାଲୁ ପ୍ରସାଦ ଜେନା ହେଲେ ଜିଲ୍ଲା ଯୁବ ବିଜେଡି ସଂପାଦକ

କେନ୍ଦ୍ରାପଡ଼ା,୧୦।୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଯୁବ ବିଜେଡି ସଂପାଦକ ଭାବେ ଯୁବନେତା ଲାଲୁ ପ୍ରସାଦ ଜେନାଙ୍କୁ ନୂତନ ନିଯୁକ୍ତି ଦିଆଯାଇଛି । ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଶ୍ରୀ ଜେନାଙ୍କୁ ନିଯୁକ୍ତି ଦିଆ ଯାଇଥିବା ଜଣାପଡିଛି । ଶ୍ରୀ ଜେନା ପୂର୍ବରୁ ବିଜେଡିର ଜଣେ ସକ୍ରିୟ କାର୍ଯ୍ୟକର୍ତା ଭାବେ କାମକରି ନିଜର ଦକ୍ଷତା ପ୍ରତିପାଦନ କରିଥିଲେ । ନିର୍ବାଚନରେ ତାଙ୍କର କାର୍ଯ୍ୟଦକ୍ଷତା ଦେଖି ତାଙ୍କୁ ପ୍ରଶଂସା କରାଯିବା ସହ ଏହି ନିଯୁକ୍ତି ମିଳିଥିବାରୁ ତାଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ, ସାଂସଦ, ବିଧାୟକ ଏବଂ ଜିଲ୍ଲାର ସମସ୍ତ କର୍ମକର୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ବେଆଇନ ବାଲି ବୋଝେଇ ଟ୍ରକ ଯାଂଚ କଲା ତହସିଲ

କେନ୍ଦ୍ରାପଡ଼ା,୧୦।୧୨ (ନି.ପ୍ର): କେନ୍ଦ୍ରାପଡା ତହସିଲ ପକ୍ଷରୁ ବାଲି ବୋଝେଇ ହୋଇଥିବା ଟ୍ରକ ଗୁଡିକୁ ଯାଂଚ କରାଯିବା ସହ ଏହାର କାବଜପତ୍ର ତନଖି କରାଯାଇ ଥିଲା । ଗୁରୁବାର ବାଲି ବୋଝେଇ ହୋଇଥିବା ହାଇୱା ଗୁଡିକୁ ମହିପାଳରେ ଅଟକାଯାଇ ଏହାର କାଗଜପତ୍ର ଯାଂଚ କରାଯାଇ ଥିଲା । କେନ୍ଦ୍ରାପଡା ଜିଲ୍ଲାରେ ବାଲି ଚୋରା ଚାଲାଣ ଜୋରରେ ଚାଲି ଥିବାରୁ କେତେକ ଟ୍ରକ ମାଲିକ ନଦୀପଠା ରୁ ବାଲି ଉଠାଇ ବିନା କାଗଜପତ୍ର ରେ ବିକ୍ରି କରି ପ୍ରଚୁର ଲାଭବାନ ହେବା ସହ କୋଟି କୋଟି ଟଙ୍କାର ରାଜସ୍ୱ ହାନୀ ଘଟୁଥିବା ଅଭିଯୋଗ ହୋଇ ଆସୁଛି । ଜିଲ୍ଲାରେ ବାଲି ସୈରାତ ନିଲାମ ବାତିଲ ହୋଇଥିବାରୁ ଏହି ବାଲି ଚୋରା ଚାଲାଣକାରୀ ମାନେ ଏହି ମଉକାରେ ପ୍ରଚୁର ଲାଭବାନ ହେଉଥିବା ଦେଖା ଦେଇଛି । ତେବେ ଆଜି କେନ୍ଦ୍ରାପଡା ତହସିଲ ପକ୍ଷରୁ ବାଲି ଟ୍ରକ ଗୁଡିକର ୱାଇଫର୍ମ ଯାଂଚ କରାଯାଇ ଥିବା କେନ୍ଦ୍ରାପଡା ତହସିଲଦାର ହେମଲତା ବାହାଲିଆ ସୂଚନା ଦେଇଛନ୍ତି ।

# ବର୍ଦ୍ଧିତ ବିଦ୍ୟୁତ ବିଲ୍ ପ୍ରତ୍ୟାହାର ଦାବି

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଆପ୍‌ର ଦାବିପତ୍ର ପ୍ରଦାନ

ଭୁବନ,୧୦।୧୨ (ନି.ପ୍ର): ବର୍ଦ୍ଧିତ ବିଦ୍ୟୁତ ବିଲ୍ ପ୍ରତ୍ୟାହାର ଦାବିରେ ଆପ୍ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ଅଧକ୍ଷ ତଥା ଅବସରପ୍ରାପ୍ତ ସୈନିକ ମହେଶ୍ୱର ମହାନ୍ତି ଙ୍କ ନେତୃତ୍ୱରେ ଭୁବନ ବସଷ୍ଟାଣ୍ଡ ଠାରେ ଜନସାଧାରଣଙ୍କୁ ବର୍ଦ୍ଧିତ ବିଦ୍ୟୁତ ବିଲ୍ ସଂପର୍କରେ ଅବଗତ କରାଇବା ସହ ଟାଟା ପାୱାର କମ୍ପାନୀ ଓଡିଶାରୁ ବିଦ୍ୟୁତ କିଣି ଦିଲ୍ଲୀରେ ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣାରେ ଦେଉଥିବା ବେଳେ ଓଡିଶାରେ କାହିଁକି କ୍ଷତି ହେଉଛି ଆଉ ଏହି କ୍ଷତିପୂରଣ ଉପଭୋକ୍ତା ମାନେ କାହିଁକି ଦେବେ ବୋଲି ଜିଲ୍ଲା ଆବାହକ ପଙ୍କଜ ନାୟକ ଜନସାଧାରଣଙ୍କୁ ଅବଗତ କରାଇବା ସହ ଲିଫଲେଟ ବଣ୍ଟନ କରିଥିଲେ । ପରେ ଜିଲ୍ଲା ସମ୍ପାଦକ ଆଇନଜୀବୀ ପ୍ରକାଶ ଚନ୍ଦ୍ର ରାଉତ,ଜିଲ୍ଲା କୋଷାଧକ୍ଷ ଚକ୍ରଧର ତରାଇ, ଜିଲ୍ଲା ଯୁବ ସଭାପତି ପର୍ଶୁରାମ ମହାଭୋଇ,ଛାତ୍ରନେତା ବିଶ୍ୱଜିତ ବରାଳ,ଅଭିରାମ ସେଠୀ,ଦୟାନିଧି ବେହେରା, ରଞ୍ଜନ ସାହୁ,ଦୁର୍ଯ୍ୟୋଧିନ ସାହୁ,ମଧୁସ୍ମିତା ନାୟକ ପ୍ରମୁଖ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରି ଏକ ଶୋଭାଯାତ୍ରାରେ ବସଷ୍ଟାଣ୍ଡରୁ ବ୍ଲକ କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ଆଶୀର୍ବାଦ ପରିଡା ଙ୍କୁ ଦାବିପତ୍ର ପ୍ରେରଣ କରିଥିଲେ ।

# କେନ୍ଦୁଝର ଜିଲ୍ଲାରେ ବଣୁଆ ହାତୀଙ୍କର ଉପଦ୍ରବ: ଭାଙ୍ଗିଲେ ଘର, ଉଜାଡିଲେ ଫସଲ

କେନ୍ଦୁଝର,୧୦।୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଜଙ୍ଗଲି ହାତୀଙ୍କର ଉପଦ୍ରବ ଥମିବାର ନାମ ଧରୁନାହିଁ । ଏହି ହାତୀପଲ ଲୋକଙ୍କର ଆଖିରୁ ନିଦ ହଜାଇ ଦେଇଛି । ସାଧାରଣ ଲୋକଙ୍କର ଧନ ଜୀବନ ଏକ ପ୍ରକାର ଅସୁରକ୍ଷିତ ହୋଇ ପଡିଛି ।ବନ ବିଭାଗ ମଧ୍ୟ ହାତୀ ପଲଙ୍କୁ ନିୟନ୍ତ୍ରଣ କରିବାରେ ସଫଳ ହୋଇ ପାରୁନାହିଁ । ଲୋକଙ୍କ ଭିତରେ ଏହାକୁ ନେଇ ଅସନ୍ତୋଷ ପୁଞ୍ଜି ବାନ୍ଧିବାରେ ଲାଗିଛି । ଏବେ ପୁନର୍ବାର ବାଲିବନ୍ଧ ଫରେଷ୍ଟ ଅଂଚଳରେ ହାତୀପଲଙ୍କ ଉପଦ୍ରବ ଆରମ୍ଭ ହୋଇଛି । ବାଲିବନ୍ଧ ଫରେଷ୍ଟ ଅନ୍ତର୍ଗତ ଲକ୍ଷ୍ମୀପଶି ବିଟର ଅଶୁକୀ ଜଙ୍ଗଲରେ ଦୁଇ ଦିନ ହେବ ମୟୂରଭଞ୍ଜ ଅଂଚଳରୁ ଚାଲି ଆସିଥିବା ୨୨ ଟିକିଆ ହାତୀ ପଲ ଆସ୍ଥାନ ଜମାଇଛନ୍ତି । ଅଶୁକୀ ଜଙ୍ଗଲ ପାର୍ଶ୍ୱରେ ଅରଡେଇ ନଦୀ ବୋହି ଯାଉଥିବା ବେଳେ, ସେମାନଙ୍କ ପାଇଁ ଖାଦ୍ୟ ଓ ପାନୀୟର ଅଭାବ ରହୁ ନଥିବାରୁ ହାତୀ ପଲ ଯାଉ ନଥିବା ବନ ବିଭାଗ କହୁଛନ୍ତି । ଏହି ୨୨ ଟିକିଆ ହାତୀ ପଲରେ ୫ ଟି ଛୁଆ ହାତୀ ରହିଥିବା ଫରେଷ୍ଟର ଖଗେଶ୍ୱର ବାରିକ ସୂଚନା ଦେଇଛନ୍ତି । ରାତ୍ରୀରେ ହାତୀପଲ ଗାଁ ଭିତରକୁ ପଶି ଉତ୍ପାତ କରୁଛନ୍ତି । ଗତ ୨ ଦିନ ମଧ୍ୟରେ ରେ ହାତୀ ପଲ ଅଶୁକୀ ଜଙ୍ଗଲ ପାଖ ବଳଭଦ୍ରପୁରରେ ୪ ଟି ଘର ଭାଙ୍ଗିଥିବା ବେଳେ, ନଦୀ କୂଳରେ ଥିବା ଗ୍ରାମବାସୀଙ୍କର ପନିପରିବା ଚାଷ ସମ୍ପୂର୍ଣ୍ଣ ଉଜାଡି ଦେଇଛନ୍ତି । ସେହିପରି ନିକଟସ୍ଥ ପାର୍ବତୀପୁରରେ ଦାଶରଥି ମୁଣ୍ଡାଙ୍କର ଘର ମଧ୍ୟ ହାତୀପଲ ଭାଙ୍ଗି ଦେଇଛନ୍ତି । ବଳଭଦ୍ରପୁରରେ ଘର ଭାଙ୍ଗିବା ନେଇ କ୍ଷତିଗ୍ରସ୍ତ ଖଗେଶ୍ୱର ତନ୍ତୀ, ଲକ୍ଷ୍ମୀଧର ମାଝୀ, ଗଣେଶ ମାଝୀ, ଜିତୁ ମାଝୀ ପ୍ରମୁଖ ଅଭିଯୋଗ କରିଛନ୍ତି । ଜଙ୍ଗଲ ପାର୍ଶ୍ୱରେ ଗ୍ରାମବାସୀଙ୍କର ଗହଳି ଲାଗି ରହିଥିବାରୁ ଓ ପାଟିତୁଣ୍ଡ କରୁଥିବାରୁ ଜଙ୍ଗଲ ଭିତରେ ହାତୀପଲ ଇତସ୍ତତ ବୁଲୁଥିବା ଦେଖାଯାଇଛି । ଜଙ୍ଗଲ ବିଭାଗର କର୍ମଚାରୀ ଜଗି ରହିଥିବା କହୁଛନ୍ତି । କିନ୍ତୁ ଏ ପଟେ ହାତୀପଲ ଲୋକଙ୍କର ଫସଲ ଉଜାଡିବା ସହ ଘରଦ୍ୱାର ଭାଙ୍ଗୁଥିବା ବେଳେ ଲୋକଙ୍କ ପାଇଁ ଆତଙ୍କର କାରଣ ହୋଇଛନ୍ତି । କିନ୍ତୁ ଲୋକଙ୍କୁ ସୁରକ୍ଷା ଦେବାରେ ବନ ବିଭାଗ ବିଫଳ ହେଉଥିବା ଜଳ ଜଳ ହୋଇ ଦେଖାଯାଉଛି ।

# ଚୁନଟି ହାଇସ୍କୁଲରେ କାନ୍ତକବିଙ୍କ ୧୩୩ତମ ଜୟନ୍ତୀ ପାଳିତ

ଭଦ୍ରକ,୧୦।୧୨ (ନି.ପ୍ର): ଚରମ୍ପା ସାହିତ୍ୟ ସଂସ୍କୃତି ମ ଆନୁକୂଲ୍ୟରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ‘୧୩୩ତମ ରାଜ୍ୟ ସ୍ତରୀୟ ଜୟନ୍ତୀ’ ସମାରୋହ ଚୁନଟି ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ପ୍ରଥମ ଅଧିବେସନର ‘କବିତା ପଠୋତ୍ସବ’ର ସଭାପତି ସଦାନନ୍ଦ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ଶିକ୍ଷୟିତ୍ରୀ ସାଇଲକ୍ଷ୍ମୀ ନାୟକ ସ୍ୱାଗତ ଭାଷଣ ଦେଇ ମନ୍ତ୍ର ଆହ୍ୱାନ କରିଥିଲେ । ରବିନ୍ଦ୍ର କୁମାର ବେଉରିଆ ମୁଖ୍ୟଅତିଥି, ମହେନ୍ଦ୍ର ବାରିକ ମୁଖ୍ୟବକ୍ତା ଭୁବନମୋହନ ମହାନ୍ତି ଏବଂ ରବି କୁମାର ମହାନ୍ତି, ସନ୍ତୋଷ ଆଚାର୍ଯ୍ୟ ସମ୍ମାନିତ ଅତିଥିଭାବେ ଯୋଗାଦନକରି କାନ୍ତକବିଙ୍କ ଅମର ସାହିତ୍ୟକୃତିକୁ ସମୀକ୍ଷା କରିଥିଲେ । ପରେପରେ ଉକ୍ତ ସଭାରେ ମହେନ୍ଦ୍ର ନାଥ ମହାପାତ୍ର କାନ୍ତକବିଙ୍କ ସ୍ୱରଚିତ ‘ସବୁଥିରୁ ବଂଚିତକରି’ ସଂଗୀତ ଗାନ କରିଥିଲେ । ଉପସ୍ଥିତ ନାରାୟଣ ଚନ୍ଦ୍ର ପ୍ରଧାନ ସମେତ କବି, କବୟିତ୍ରୀ, ଗାଳ୍ପିକ, ବ୍ୟଙ୍ଗସାହିତିୟକମାନେ ସେମାନଙ୍କ କାନ୍ତକବିଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ କବିତା ପାଠ କରିଥିଲେ । ଚରମ୍ପା ସାହିତ୍ୟ ସଂସ୍କୃତି ମଂଚର ସଭ୍ୟ କଲ୍ଲୋଳ କୁମାର ଲେଙ୍କା ସଭାସଦବର୍ଗଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଅଧିବେଶନ ପ୍ରାରମ୍ଭରେ ଶୁଭଉଦ୍‌ଘାଟନ ପରେ ବିଦ୍ୟାଳର ଛାତ୍ରୀଗଣ ‘ବନ୍ଦେ ଉତ୍କଳ ଜନନୀ’ ଗାନ କରିଥିଲେ । ଏହି ଲୋକାର୍ପଣ ଉତ୍ସବରେ ମଂଚର ସଭାପତି ଅଧିବକ୍ତା ନିରାକାର ଜେନଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଡ. ସୁଦର୍ଶନ ପଟ୍ଟନାୟକ ମୁଖ୍ୟଅତିଥି, ଡ. ରାମଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଓ ଅଧକ୍ଷ କୃପାସିନ୍ଧୁ ନାୟକ ସମ୍ମାନିତ ବକ୍ତାଭାବେ ଯୋଗଦାନ କରିଥିଲେ । ଗଗନବିହାରୀ ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ମଂଚ ସମ୍ପାଦକ ଉମାକାନ୍ତ ନାୟକ ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ପ୍ରାବନ୍ଧିକ ଅମରେଶ ବିଶ୍ୱାଳଙ୍କ ୨ଖଣ୍ଡ ପୁସ୍ତକ ‘ମନକୀ ବାତ’ ଓ ‘ବିଶ୍ୱ ଗବାକ୍ଷରେ ଭାରତ’ ଏବଂ ଗାଳ୍ପିକା ରେଣୁବାଳା ନାୟକଙ୍କ ଗଳ୍ପ ପୁସ୍ତକ ‘ଅକୁହା କଥା’ ସଭାରେ ଉନ୍ମୋଚିତ ହୋଇଥିଲା । ଡ. ରାମଚନ୍ଦ୍ର ପଣ୍ଡା, ଗଗନବିହାରୀ ରାଉତ, କୃପାସିନ୍ଧୁ ନାୟକ ଉକ୍ତ ପୁସ୍ତକ ଗୁଡିକୁ ସମୀକ୍ଷା କରିଥିଲେ । ପ୍ରାବନ୍ଧିକ ଅମରେଶ ବିଶ୍ୱାଳଙ୍କୁ ମାନପତ୍ର ଓ ଉତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାକର ଖଟୁଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ପ୍ରତିଷ୍ଠାତା ଓ ମ ସାହିତ୍ୟର ସଭ୍ୟ ରତ୍ନାକର ସାମଲ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସଭା ପରିଚାଳନା କରିବାରେ ସହାୟତା କରିଥିଲେ ।

# ଏମପିଙ୍କ ଦ୍ୱାରା ମେଧାବୀ ଛାତ୍ରଙ୍କୁ ସ୍ମାର୍ଟଫୋନ ବଣ୍ଟନ

ଭୁବନ,୧୦।୧୨ (ନି.ପ୍ର): ଢେଙ୍କାନାଳ ସାଂସଦ ମହେଶ ସାହୁ ଗତକାଲି ସଂଧ୍ୟାରେ ଭୁବନ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ଜନୈକ ଗରିବ ମେଧାବୀ ଛାତ୍ର ଙ୍କୁ ସ୍ମାର୍ଟଫୋନ ବଣ୍ଟନ କରିଥିଲେ । ଭୁବନ ଏନଏସି ଅନ୍ତର୍ଗତ ୧୪ ନମ୍ବର ୱାର୍ଡର ରମେଶ ଗୁରୁ ଙ୍କ ପୁଅ ରାହୁଳ ଗୁରୁ ଭୁବନ ଉଚ୍ଚ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥବା ବେଳେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଅନଲାଇନରେ ପାଠପଢି ପାରୁନଥିଲେ । ସାଂସଦ ଙ୍କୁ ଏ ସଂପର୍କରେ ପଣ୍ଡିତ ମାତୃପ୍ରସାଦ ମିଶ୍ର ଅବଗତ କରିବା ପରେ ସାଂସଦ ଶ୍ରୀଯୁକ୍ତ ସାହୁ ନିଜ ତରଫରୁ ଆଗ୍ରହ ପ୍ରକାଶ କରି ସ୍ମାର୍ଟଫୋନ ପ୍ରଦାନ କରିଥିଲେ ।

# ଚୋରା ପଥର ଚାଲାଣ ଧରାପଡିଲା : ଅଟକାଇବାରୁ ଯାଂଚ୍ ଟିମ୍‌ର ବୋଲେରୋ କାଚ ଭାଙ୍ଗିଲେ

ଜଟଣୀ,୧୦।୧୨ (ନି.ପ୍ର): ଆଜି ସକାଳ ପ୍ରାୟ ସାଢ଼େ ୭ଟା ସମୟରେ ଏକ ଟ୍ରାକ୍ଟର ନଂ ଓଡ଼ି୦୨ଡବ୍ଲ୍ୟୁ ୩୧୩୮ ଯୋଗେ ଚୋରାରେ ପଥର ଚାଲାଣ ବେଳେ ତରାବୋଇ- ଖୋର୍ଦ୍ଧା ଘାଟି ରାସ୍ତାରେ ଜଟଣୀ ତହସିଲଦାରଙ୍କ ନେତୃତ୍ୱରେ ଗଠିତ ଯାଂଚ୍ ଟିମ୍ ଗାଡିଟିକୁ ଅଟକାଇଥିଲେ । ସେହି ସମୟରେ ଟ୍ରାକ୍ଟର ମାଲିକ ଖୋର୍ଦ୍ଧା ଜକରା ଅଂଚଳର ଶିବପ୍ରସାଦ ପଟ୍ଟନାୟକ ଗାଡି ନିକଟରେ ପହଂଚିଥିଲେ । ଅଳ୍ପ ସମୟ ମଧ୍ୟରେ ୧୦ଟି ଦୁଇ ଚକିଆ ଯାନରେ୨୦ ଜଣ ଯୁବକ ପହଂଚି ହଠାତ୍ କର୍ମଚାରୀଙ୍କ ବ୍ୟବହୃତ ବୋଲେରୋ ଗାଡି ନଂ ଓଡ଼ି୦୨ଏୱାଇ ୨୨୦୯ ର ପଛ କାଚକୁ ବେଲଚା ମାଧ୍ୟମରେ ଭଙ୍ଗାରୁଜା କରିବା ସହ ପଥର ବୋଝେଇ ଟ୍ରାକ୍ଟରଟିକୁ ସେଠାରୁ ନେଇ ଚମ୍ପଟ୍ ମାରିଥିଲେ । ଖବର ପାଇ ଜଟଣୀ ତହସିଲଦାର ତପନ କୁମାର ମହାପାତ୍ର ସଦଳବଳେ ସେଠାରେ ପହଂଚି କର୍ମଚାରୀଙ୍କୁ ଉଦ୍ଧାର କରିଛନ୍ତି । ଖୋର୍ଦ୍ଧା ଶିଳ୍ପାଂଚଳ ଫାଣ୍ଡିରେ ଏ ସଂକ୍ରାନ୍ତରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଖୋର୍ଦ୍ଧା ଏସପି କବିରାଜ ସ୍ୱାଇଁ ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି ।

# ପାରିବାରିକ କଳହରୁ ସ୍ୱାମୀର ଆତ୍ମହତ୍ୟା

ମାଲକାନଗିରି,୧୦।୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ତେଲେରାଇ ପଂଚାୟତ ର ଉର୍ମାଗୁଡା ଗ୍ରାମରେ ଘଟି ଯାଇଛି ଏକ ଅଭାବନୀୟ ଘଟଣା । ଗ୍ରାମର ଦେବା କବାସୀ ନାମକ ଜଣେ ଆଦିବାସୀ ବ୍ୟକ୍ତି ନିଜ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରି ନିଜେ ଆଜି ଘର ଭିତରେ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବାର ଜଣାପଡିଛି। ସୂଚନା ଅନୁସାରେ ଗତକାଲି ରାତିରେ କୌଣସି କାରଣରୁ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଝଗଡା ଲାଗିଥିଲା । ଏଥିରେ ଉତକ୍ଷିପ୍ତ ହୋଇ ଦେବା ନିଜର ସ୍ତ୍ରୀ ଭୀମେ ଉପରେ ଆକ୍ରମଣ କରିଥିଲା । ସ୍ୱାମୀଙ୍କ ଦ୍ୱାରା ଆକ୍ରମଣର ଶିକାର ହେବା ପରେ ଭୀମେ ମୁହଁରେ ଗଭୀର କ୍ଷତ ହୋଇଛି । ତେବେ ଦେବା କବାସୀ ଆଜି ଭୋର ସମୟରେ ନିଜ ଘର ଭିତରେ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବାର ଦେଖିବା କୁ ମିଳିଥିଲା । ଏ ସମ୍ପର୍କରେ ଖବର ପାଇ ଏମ୍ ?ଭି-୭୯ ପୁଲିସ ଘଟଣାସ୍ଥଳକୁ ଯାଇ ଶବକୁ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବାର ଜଣାପଡିଛି !

# ଗଞ୍ଜାମ ଜିଲ୍ଲାରେ ନୂଆ ୮ କରୋନା ପଜିଟିଭ୍ ଚିହ୍ନଟ

ଗଞ୍ଜାମ, ୧୦ ଡ଼ିସେମ୍ବର (ହି.ସ.)- ଗଞ୍ଜାମ ଜିଲ୍ଲାରେ ଆଜି ନୂଆ ୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ରିପୋର୍ଟ ପଜିଟିଭ୍ ଆସିବା ପରେ ଗୁରୁତର ଆକ୍ରାନ୍ତଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେହିପରି ସାମାନ୍ୟ ଆକ୍ରାନ୍ତଙ୍କୁ ହୋମ୍ ଆଇସୋଲେସନରେ ରହିବାକୁ ପରାମର୍ଶ ଦିଆଯାଇଛି । ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୨୧,୭୦୨ କୁ ବୃଦ୍ଧି ପାଇଛି । ଅଦ୍ୟାବଧି ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୨୫୩ ରହିଛି

# ଫେଙ୍ଗଶୁଇରେ ଫାୟାରମଙ୍କି



ସୁସ୍ଥ ସବଳ ରହିବା ସହ ଅଶାନ୍ତି ଓ ଆର୍ଥିକ ଅନାଟନରୁ ଦୂରେଇ ରହିବା ପାଇଁ ପ୍ରତ୍ୟେକ ବର୍ଗର ଲୋକ ଚାହିଁଥାନ୍ତି । ହିନ୍ଦୁ ଧର୍ମାବଲମ୍ବୀମାନେ ଏଥି ନିମନ୍ତେ ପୂଜାପାଠ କରିବା ସହ ବର୍ତ୍ତମାନ ସମୟରେ ଅଧିକାଂଶ ବାସ୍ତୁଶାସ୍ତ୍ର ଓ ଫେଙ୍ଗଶୁଇକୁ ଜିନିଷ ଏବେ ବଜାରରେ ତଥା ଅନ ଲାଇନରେ ଉପଲବ୍ଧ ହେଉଛି । ଚୀନ ମାନ୍ୟତା ଅନୁସାରେ 'ଫାୟାର ମଙ୍କି' ଘରେ ସକାରାତ୍ମକ ଶକ୍ତି ବୃଦ୍ଧି କରିବା ସହ ଅଶାନ୍ତିକୁ ମଧ୍ୟ ଦୂରେଇ ରଖେ । -ଫାୟାର ମଙ୍କିକୁ ଯେ କୌଣସି ରୂପରେ ଜଣେ ବ୍ୟକ୍ତି ନିଜ ପାଖରେ ରଖିପାରିବେ । ଯେପରି ଲକେଟ୍ ବ୍ରେସଲେଟ୍, ମୁଦିଭାବେ, ତେବେ ଏହା ହଳଦୀ ରଙ୍ଗର ହେବା ନିତାନ୍ତ ଆବଶ୍ୟକ । ଘରର କୌଣସି ପ୍ରାନ୍ତରେ ସାଜସଜ୍ଜା ସାମଗ୍ରୀ ଭାବେ ମଧ୍ୟ ରଖି ହେବ, କିନ୍ତୁ ବାରମ୍ବାର ଏହି ଫାୟାର ମଙ୍କିର ସ୍ଥାନ ପରିବର୍ତ୍ତନ କଲେ ତାହା ଘର ସଦସ୍ୟଙ୍କ ମଧ୍ୟରେ କଳି ଆରମ୍ଭ କରେ । ବୈଠକଖାନା ହେଉ କିମ୍ବା ଡାଇନିଂ ହଲ, ତାହାର କାନ୍ଥରେ ଫାୟାର ମଙ୍କିର ଚିତ୍ର ଟାଙ୍ଗିବା ଶୁଭଫଳ ପ୍ରଦାନ କରେ । ନିଜ ସ୍ମାର୍ଟଫୋନ ବ୍ୟାକ୍ କଭରରେ ମଧ୍ୟ ଫାୟାର ମଙ୍କି ଚିତ୍ର ଥିବା କଭର ବ୍ୟବହାର କରିହେବ । ଏବେ ଅଧିକାଂଶ ଲୋକ ଏଇ ପଦ୍ଧତିରେ ବ୍ୟବହାର କରୁଥିବାର ଦେଖାଯାଉଛି । ଘରୁ ନକରାତ୍ମକ ଶକ୍ତି ଦୂର କରିବାର ଅନ୍ୟତମ ଉପାୟ ହେଉଛି ଘରର ପ୍ରତ୍ୟେକ କକ୍ଷର ଝରକା କାଚରେ ତିଆରି କରିବା । ଏପରି ହେବା ଦ୍ୱାରା ସୂର୍ଯ୍ୟକିରଣ ପ୍ରତ୍ୟେକ ସ୍ଥାନରୁ ବିଚ୍ଛୁରିତ ହୋଇପଡ଼େ । କାଚ ଝରକା ବନ୍ଦ ରହିଲେ ମଧ୍ୟ ସୂର୍ଯ୍ୟ କିରଣ ଘର ଭିତରକୁ ପଥବେଶ କରେ । ଗୋଟିଏ ବାଲଟି ପାଣିରେ ୪-୫ବଡ଼ ଚାମଚ ଲୁଣ ପକାଇ ଘର ପୋଛନ୍ତୁ । ଲୁଣକୁ ଖୁବ୍ ଶୁଭ ଭାବେ ଗ୍ରହଣ କରାଯାଉଥିବା ସହ ଏହା ଘରେ ସକାରାତ୍ମକ ଶକ୍ତିର ଉତ୍ପନ୍ନ କରେ ।

# ସ୍ମାର୍ଟ ମାଇକ୍ରୋଗାର୍ଡେନ

ସଜ ପନିପରିବା ଖାଇବା ସହରୀ ଜୀବନରେ ଏବେ ପ୍ରାୟତଃ ସମ୍ଭବ ହେଉନାହିଁ । ଏପରି ସ୍ଥିତିରେ ଛୋଟଛୋଟପତ୍ର ବା ଶାଗଜାତୀୟ ଖାଦ୍ୟସାମଗ୍ରୀ ହାତପାଆନ୍ତାରେ ପାଇବାକୁ ନିଶ୍ଚୟ ଇଚ୍ଛା ହେବ । ସ୍ମାଉଟସ ଆଇଓ ଏପରି ଏକ ମାଟିମୁକ୍ତ ସ୍ମାର୍ଟ ବଗିଚା ପ୍ରସ୍ତୁତ କରିଛି ଯାହା ପସନ୍ଦର ଶାଗ ବା ପତ୍ରଜାତୀୟ ଖାଦ୍ୟ ଦେଇପାରିବ । ଏହି ସ୍ମାର୍ଟ ଗାର୍ଡେନ ଲାଗି କେବଳ ପାଣି, ପୋଷକ ତତ୍ତ୍ୱ ଏବଂ ଆଲୋକ ଦରକାର । ସାଧାରଣ ବଗିଚା ଆବଶ୍ୟକ କରୁଥିବା ଜଳର ମାତ୍ର ୨ ପ୍ରତିଶତ ଥିରେ ଲାଗିଥାଏ ଏବଂ ଏହାର ଗଛ ତିନିଗୁଣ ଅଧିକ ବେଗରେ ବଢ଼େ ।






# ଋତୁ ଅନୁସାରେ ଉତ୍ତାପ

କଫି ପିଇବାରେ ଅଭ୍ୟସ୍ତ ଥିଲେ ବି ଖରାଦିନେ ଆପାତତଃ କମ୍ ଗରମ ଏବଂ ଶୀତଦିନେ ଗରମ କଫି ପିଇବାକୁ ଭଲ ଲାଗେ । ହେଲେ କପରେ କଫି ରଖି କୌଣସି କାମ କରୁକରୁ ଏହା ଯଦି ଅଧିକ ଥଣ୍ଡା ହୋଇଯାଏ, ପିଇବାକୁ ଇଚ୍ଛା ହୁଏନି । ଚଳିତବର୍ଷ ଏମ୍ବର ପକ୍ଷରୁ ଜାଭା ଟେକନୋଲୋଜି ବ୍ୟବହାର କରାଯାଇ ଏପରି ଏକ ସେରାମିକ୍ କପ୍ ପ୍ରସ୍ତୁତ କରାଯାଇଛି ଯାହା ଚାର୍ଜ ପ୍ୟଡଯୁକ୍ତ କୋଷ୍ଟର ସହାୟତାରେ କଫି ପିଇବା ଉପଯୁକ୍ତ ତାପମାତ୍ରାରେ ରଖିପାରିବ । ଥର୍ମୋମିଟର ଏବଂ ବିଦ୍ୟୁତ ଉପକରଣରେ ସଜ୍ଜିତ ଷ୍ଟେନଲେସ୍ ଷ୍ଟିଲର କପ ଉପରେ ସେରାମିକ ଆବରଣ ଦିଆଯାଇଛି । କପର ତଳେ ଥିବା ବ୍ୟାଟେରି ତାପମାତ୍ରା ପରିଚାଳନା କରିଥାଏ । ଏ କପ୍ ଦ୍ୱାରା ନିଜ ପସନ୍ଦର ତାମପାତ୍ରା ସେଟ୍ କରିବାକୁ ପଡ଼େ ।

# ଜାଣି ରଖନ୍ତୁ

■ଗ୍ରୀନ ମଟରକୁ ଅଧିକ ସମୟ ରଖିବା ଲାଗି ଚାହୁଁଥିଲେ ଏହାକୁ ଏୟାର ଟାଇଟ କଣ୍ଟେନରରେ ପୂରାଇ ଫ୍ରିଜରେ ରଖନ୍ତୁ ।

■ଯଦି ଆପଣ ବ୍ୟସ୍ତ ଥିବାରୁ ବିନ୍ସର କୌଣସି ରେସିପି ପ୍ରସ୍ତୁତ କରି ପାରୁନାହାନ୍ତି, ତେବେ ପୂର୍ବରୁ ଫାଙ୍କ ସମୟରେ ବିନ୍ସକୁ କାଟନ୍ତୁ । କଟା ବିନ୍ସକୁ ପ୍ଲାଷ୍ଟିକ ବ୍ୟାଗରେ ପୂରାଇ



ଫ୍ରିଜରେ ରଖନ୍ତୁ ।

■କୋବି ଓ ବ୍ରୋକଲି ଭଳି ପରିବାକୁ ଅଳ୍ପ ଓଦା ପେପର କିମ୍ବା ଟାୱେଲରେ ଗୁଡ଼ାଇ ରଖିଲେ ତାହା ବେଶି ସମୟ ସୁରକ୍ଷିତ ରହିପାରିବ ।

■ଆଳୁ, ଗାଜର, ମୁଳା, ବବିଟ ଭଳି ପରିବାକୁ ବେଶି ସମୟ ରଖିବାକୁ ଚାହୁଁଥିଲେ ଏକ ପାତ୍ରରେ ପାଣି ନେଇ ସେଥିରେ କଟା ପରିବା ରଖନ୍ତୁ । ହେଲେ ପାତ୍ରଟିକୁ ଢାଙ୍କିବାକୁ ଭୁଲନ୍ତୁ ନାହିଁ ।

# ଶୁଦ୍ଧ ଅମ୍ଳଜାନ ଯୋଗାଉଥିବା ଯନ୍ତ୍ର

ବାୟୁ ପ୍ରଦୂଣେ ଅନେକ ଶିଳ୍ପ ସମୃଦ୍ଧ ଦେଶରେ ଏକ ମୁଖ୍ୟ ସମସ୍ୟା ପେଟ୍ରୋଲ-ଡିଜେଲ ଚାଳିତ ଯାନ-ବାହାନର ଅଧିକ ବ୍ୟବହାର ପରିସ୍ଥିତିକୁ ଆହୁରି ଦିଗାଡୁଛି । ବ୍ୟକ୍ତିବିଶେଷଙ୍କ ପାଇଁ ପ୍ରଦୂଷିତ ବାୟୁକୁ ଶୁଦ୍ଧ କରିବା ପ୍ରଚେଷ୍ଟା ସର୍ବତ୍ର ଚାଲିଛି । ଏଥିପାଇଁ ନୂଆ ନୂଆ ଯନ୍ତ୍ର ବାହାରୁଛି । ଏବେ ଏକ ଜର୍ଜଆନ୍ ଉତ୍ପାଦନ ସଂସ୍ଥା ପକ୍ଷରୁ ଏକ ଅଭିନବ ଯନ୍ତ୍ର ବିକଶିତ କରାଯାଇଛି । 'ଟ୍ରିପେକସ' ଭାବେ ନାମିତ ଏହି ଛୋଟିଆ ଯନ୍ତ୍ରକୁ ମୁହଁରେ ଲଗାଇ, ବ୍ୟବହାର କରାଯାଇପାରିବ । ଏହା ଭିତରେ ଖଞ୍ଜାଯାଇଛି, ଜୀବନ୍ତ ଉଦ୍ଭିଦଜ କୋଷ ଭର୍ତ୍ତି କାଟ୍ରିଜ । ପତ୍ର ପ୍ରାକୃତିକ ଭାବେ ଅଙ୍ଗାରକାମ୍ଳ ଶୋଷି, ଶୁଦ୍ଧ ଅମ୍ଳଜାନ ଛାଡ଼ିଥାଏ । 'ଟ୍ରିପେକସ' ଠିକ୍ ପତ୍ର ଭଳି କାର୍ଯ୍ୟ କରିବ । ଏହା ଦ୍ୱାରା ଶୁଦ୍ଧ ଅମ୍ଳଜାନ ଶରୀରକୁ ଯିବ । ଏହି କଲେକଟ୍ରୋନିକସ ଯନ୍ତ୍ରକୁ ଅଧ ଘଣ୍ଟା ଚାର୍ଜ କରି, ଚବିଶ ଘଣ୍ଟା ବ୍ୟବହାର କରିହେବ । କାଟ୍ରିକ୍ ପୁରୁଣା ହୋଇଗଲେ, ବଦଳାଇହେବ ।

# ଶୀତରେ ମସଲା ଚା'



ଶୀତଦିନେ ଥଣ୍ଡା, ଜ୍ୱର, କାଶ, ଛିଙ୍କ ଏବଂ କଫ ଭଳି ସମସ୍ୟା ଉପନ୍ନହୁଏ ହୋଇଥାଏ । ଯଦିଓ ଏସବୁ ସାଧାରଣ କଥା; କିନ୍ତୁ ଏଥିପାଇଁ ଅନେକ କଷ୍ଟ ଉଠାଇବାକୁ ପଡ଼େ । ଔଷଧ ସେବନ ପରେ ବି ଅନେକ ସମୟରେ ଏହି ସଂକ୍ରାମକ ରୋଗ ଭଲ ହୋଇନଥାଏ । ଏଥିପାଇଁ କିଛି ଘରୋଇ ଉପଚାର ଗ୍ରହଣ କରାଯାଇଥାଏ । ଯେମିତି ମସଲା ଚା' । ପରିବର୍ତ୍ତିତ ପାଣିପାଗ ସାଙ୍ଗକୁ ଛୋଟଛୋଟ ସ୍ୱାସ୍ଥ୍ୟଗତ ସମସ୍ୟାରୁ ରକ୍ଷା କରିବାର ଏହା ଏକ ରାମବାଣ ମହୌଷଧି । ଲବଙ୍ଗ, ଅଦା, ଗୁଜୁରାତି, ଗୋଲମରିଚ ଏବଂ ତୁଳସୀ ପତ୍ରକୁ ଏକ ପ୍ୟାନରେ ଚାପତି ଏବଂ ପାଣି ସହ ସେ ପର୍ଯ୍ୟନ୍ତ ଫୁଟାନ୍ତୁ, ଯେଯାଏ ପାଣି ଅଧା କପ ହୋଇଛି । ଚା'ର ସ୍ୱାଦ ବଢ଼ାଇବାକୁ ଚାହୁଁଥିଲେ ସେଥିରେ ଏକ ଚାମଚ ମହୁ ମିଶାଇ ପାରିବେ । ଶୀତଦିନେ ପ୍ରତିଦିନ ସକାଳ ଏବଂ ସନ୍ଧ୍ୟାରେ ଏହି ମସଲା ଚା ପିଇବା-ଦ୍ୱାରା ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଶରୀରର ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି କରି ଶୀତଦିନିଆ ରୋଗରୁ ରକ୍ଷାକରେ । ଏହି ଚାର ସେବନ ଦ୍ୱାରା ଶୀତଦିନେ ଦେଖାଯାଉଥିବା ଆର୍ଥ୍ରଇଟ୍ସ ସମସ୍ୟାରୁ ମଧ୍ୟ ଅନେକ ପରିମାଣରେ ଉପଶମ ମିଳିଥାଏ ।

# ଶୀତରେ ସାବନା କରାଏ....

ଖରାଦିନ ତୁଳନାରେ ଶୀତିଦିନେ ବିଉଟି ଟ୍ରିଟ୍‌ମେଣ୍ଟର ଅଧିକ ଆବଶ୍ୟକତା ଥାଏ । ଏ ସମୟରେ ତ୍ୱଚାରେ ଶୁଷ୍କତା ବଢ଼ିଯାଏ । ଫଳରେ ଚେହେରାର ପ୍ରାକୃତିକ ମଇଷ୍ଟରାଇଜର ନଷ୍ଟ ହୋଇଯାଏ । ଏମିତିରେ କିଛି ବିଉଟି ପ୍ରଡକ୍ଟ ଏବଂ ଘରୋଇ ଉପାୟ ଚେହେରାର ସୌନ୍ଦର୍ଯ୍ୟ ନଷ୍ଟ କରିବା ସହ ତାକୁ ସାବନା କରିଦିଏ । ଜାଣନ୍ତୁ ସେଗୁଡ଼ିକ ବିଷୟରେ...











**ବେକିଂ ସୋଡ଼ା :** ଏମିତି କିଛି ବିଉଟି ଟ୍ରଟ୍‌ମେଣ୍ଟ ରହିଛି, ଯେଉଁଥିରେ ବେକିଂ ସୋଡ଼ାର ବ୍ୟବହାର କରାଯାଏ । ଯଦି ଶୀଘ୍ର ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିବାକୁ ଚାହୁଁଛନ୍ତି, ତେବେ ବେକିଂ ସୋଡ଼ା ବେଶ୍ ଫାଇଦା ଦେଇଥାଏ । କିନ୍ତୁ ମନେରଖିବେ ଖରାଦିନ ବ୍ୟତୀତ ଶୀତଦିନେ ଏହାର ବ୍ୟବହାର ହାନିକାରକ ସାବ୍ୟସ୍ତ ହୋଇପାରେ । ଏହାଦ୍ୱାରା ତ୍ୱଚାରେ କଳାଦାଗ ପଡ଼ିବା ସହ ସାବନାପଣ ବଢ଼ିଯାଏ ।

**ଲେମ୍ବୁ :** ଯେକୌଣସି ଘରୋଇ ଫେଶପ୍ୟାକ୍ ତିଆରି କରନ୍ତୁ, ସେଥିରେ ଲେମ୍ବୁର ବ୍ୟବହାର ଅବଶ୍ୟ ହୋଇଥାଏ । ଏଥିରେ ସାଇଟ୍ରିକ୍ ଏସିଡ୍ ପ୍ରଚୁର ମାତ୍ରାରେ ଥାଏ, ଯାହା ତ୍ୱଚାକୁ ତୈଳାଂଶ ଦୂରେଇ ଶୁଷ୍କ କରିଥାଏ । କିନ୍ତୁ ଶୀତଦିନେ ଏହାକୁ ବ୍ୟବହାର କରିବା ଦ୍ୱାରା ତ୍ୱଚା ଶୁଷ୍କତା ବୃଦ୍ଧି ପାଇଥାଏ । ତତ୍‌ସହିତ ଉଜ୍ଜ୍ୱଳତା ହ୍ରାସ ପାଏ ।

**ପୁଦିନା :** ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧିରେ ପୁଦିନାର ଉପଯୋଗ କୌଣସି ଗୁଣରେ କମ ନୁହେଁ । କିନ୍ତୁ ଶୀତଦିନେ ଏହାକୁ ବିଉଟି ପ୍ୟାକ୍ ଭାବେ ବ୍ୟବହୃତ କରୁଥିଲେ ସାବଧାନ ହୋଇଯାଆନ୍ତୁ । ଏଡାଦ୍ୱାରା ତ୍ୱଚାରେ କଳାଦାଗ ବଢ଼ିଯାଏ । ଯେହେତୁ ଏଥିରେ ମେନ୍ଥୋଲ ମାତ୍ରା ଅଧିକ ଥାଏ, ତାହା ଚେହେରାର ନମନୀୟତା ହ୍ରାସ କରେ ।

**ସିରକା :** ସିରକାର ବ୍ୟବହାର ମଧ୍ୟ ଅନେକ ଘରୋଇ ଫେଶପ୍ୟାକରେ ହୋଇଥାଏ । ଖରାଦିନେ ଏହାର ବ୍ୟବହାର ସବୁଠୁ ଉତ୍ତମ । ଶୀତରେ ଏହାକୁ ବ୍ୟବହାର କଲେ ଚେହେରାର ତୈଳ ଅଂଶ ହ୍ରାସ ପାଏ ଏବଂ ସାବନା ଦେଖାଯାଏ ।

# ମେରୁଦଣ୍ଡ ଯକ୍ଷ୍ମା

ମେରୁଦଣ୍ଡ ଯକ୍ଷ୍ମା ଏକ ମାରାତ୍ମକ ରୋଗ । ସିଟି ସ୍କାନ୍, ଏମଆରଆଇ ଆଦି ପରୀକ୍ଷା ଦ୍ୱାରା ଏହି ରୋଗ ଚିହ୍ନଟ ହୁଏ । ମେରୁଦଣ୍ଡରେ କଷ୍ଟ ହେବା ସାଧାରଣ ଲକ୍ଷଣ । ଯକ୍ଷ୍ମା ଜୀବାଣୁ ମେରୁଦଣ୍ଡର ଅସ୍ଥି ସଙ୍କୁଚିତ କରାଏ । ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବାବେଳେ ମଣିଷକୁ ଆକ୍ରାନ୍ତ କରିଥାଏ । ଏହି ଜୀବାଣୁ ରକ୍ତରେ ରହି ନାନା ସମସ୍ୟା ସୃଷ୍ଟି କରାଏ । ମେରୁଦଣ୍ଡ ଅସ୍ଥି ସଂକୁଚିତ ହେଲେ ସ୍ନାୟବିକ ସମସ୍ୟା ହୁଏ । ଚିକିତ୍ସା କରାନଗଲେ ମେରୁଦଣ୍ଡ ସବୁ ଦିନପାଇଁ ବିକୃତ ହୋଇଯାଇପାରେ । ବାରକ୍ୟୁଲାର କେମୋଥେରାପି ଦ୍ୱାରା ଏହା ଚିକିତ୍ସା କରାଯାଉଛି । ଏହି ଚିକିତ୍ସା ସୁବିଧା ଅଧିକାଂଶ ସରକାରୀ ଚିକିତ୍ସାଳୟରେ ମାଗଣାରେ ମିଳୁଛି । ଠିକ୍ ସମୟରେ ଚିକିତ୍ସା କଲେ, ରୋଗରୁ ସଂପୂର୍ଣ୍ଣ ମୁକ୍ତି ପାଇବା ସଂଭବ ।

# ଉପକାରୀ ପୁଦିନା ପତ୍ର

**ପୁଦିନା କେବଳ ଖାଦ୍ୟର ସ୍ୱାଦ ବଢ଼ାଇ ନଥାଏ ବରଂ ଏଥିରେ ଭରି ରହିଥିବା ଉପାଦାନ ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ବି ବରଦାନ ସଦୃଶ.... ପୋଦିନାକୁ ଏକ ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଉପାଦାନ ଭାବେ ବହୁ ପୁରୁଣା ଦିନରୁ ବ୍ୟବହାର କରାଯାଇଆସୁଅଛି । ଏଥିରେ ଥିବା ବିଭିନ୍ନ ତତ୍ତ୍ୱ ତ୍ୱଚା ଏବଂ କେଶର ସୁନ୍ଦରତାକୁ ବଢ଼ାଇଥାଏ । ଆସନ୍ତୁ ଜାଣିବା ଏହାର ବ୍ୟବହାର ସମ୍ପର୍କରେ...**

■ ବ୍ଲାକ୍‌ହେଡ୍ ଦୂର କରିବାରେ ପୁଦିନା ପତ୍ର ବେଶ୍ ଉପକାରୀ । ଯଦି ଆପଣଙ୍କର ଏହି ସମସ୍ୟା ରହିଛି ତେବେ କିଛି ପୁଦିନା ପତ୍ରକୁ ଅଳ୍ପ ପାଣିରେ ଭଲ ଭାବେ ଫୁଟେଇ ଦିଅନ୍ତୁ । ଏହି ପତ୍ରକୁ ଭଲଭାବେ ବାଟି ସେଥିରେ ଅଳ୍ପ ହଳଦୀଗୁଣ୍ଡ ମିଶାଇ ମୁହଁରେ ଲଗାନ୍ତୁ । ଆଙ୍ଗୁଳି ଟିପ ସାହାଯ୍ୟରେ ଧୀରେଧୀରେ ବ୍ଲାକହେଡ ଥିବା ସ୍ଥାନକୁ ରଗଡନ୍ତୁ । ଅଳ୍ପ ସମୟ ରଖିବା ପରେ ଥଣ୍ଡା ପାଣିରେ ମୁହଁ ଧୋଇ ଦିଅନ୍ତୁ । ପୁଦିନା ପତ୍ରରେ ଆଣ୍ଟିବ୍ୟାକ୍ଟେରିଆର ତତ୍ତ୍ୱ ଭରପୂର ମାତ୍ରାରେ ରହିଛି । ତେଣୁ ଏହାର ପେଷ୍ଟକୁ ଫେସପ୍ୟାକ୍ ଭାବେ ଲଗାଇବା ଦ୍ୱାରା ବ୍ରଣ ଏବଂ କଳାଦାଗ ଆଦି ଦୂର ହୋଇଥାଏ ।

■ କେଶ ପାଇଁ ପୁଦିନାପତ୍ର ମଧ୍ୟ ଲାଭଦାୟକ । ପୁଦିନା ପତ୍ରକୁ ୨୦ ମିନିଟ୍ ପାଣିରେ ସିଝାନ୍ତୁ । ଉକ୍ତ ପାଣିକୁ ଥଣ୍ଡା କରି କେଶ ମୂଳ ବା ସ୍କାଲ୍ପରୁ ଅଗ ଯାଏ ଲଗାଇ ଧୀରେ ଧୀରେ ମସାଜ କରନ୍ତୁ । ୧୦ମିନିଟ୍ ରଖିବା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ ।





■ ପୁଦିନା ପତ୍ର ବଟାରେ ହଳଦୀଗୁଣ୍ଡ ଏବଂ ରୋଜୱାଟର ମିଶାଇପ୍ୟାକ୍ ପ୍ରସ୍ତୁତ କରନ୍ତୁ । ଏହାକୁ ମୁହଁରେ ଲଗାଇ ୧୫ମିନିଟ୍ ରଖିବା ପରେ ପାଣିରେ ଧୋଇ ଦିଅନ୍ତୁ । ଏପରି କରିବା ଦ୍ୱାରା ଆପରଙ୍କ ସ୍କିନ୍ ଟୋନ ବଢ଼ିବ ଏବଂ ପୂର୍ବପେକ୍ଷା ଅଧିକ ଗୋରା ଲାଗିବ । ରିଙ୍କଲ କିମ୍ବା ଫାଇନ୍ ଲାଇନ ଭଳି ସ୍କିନ ଏଜିଂ ସମସ୍ୟା ଦୂର କରିବାରେ ମଧ୍ୟ ଏହା ବେଶ୍ ସାହାଯ୍ୟ କରିଥାଏ । କିଛି ପୁଦିନା ପତ୍ରକୁ ପାଣିରେ ସିଝାଇ ଦିଅନ୍ତୁ । ପତ୍ରକୁ ଛାଣି ଅଲଗା କରି ଦିଅନ୍ତୁ । ଏହି ପାଣିକୁ ମୁହଁରେ ଲଗାଇ କିଛି ସମୟ ରଖିବା ପରେ ପାଣିରେ ଧୋଇ ଦିଅନ୍ତୁ । ପ୍ରତିଦିନ ଏପରି କରନ୍ତୁ ଉପକୃତ ହେବେ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୧ ଡିସେମ୍ବର ୨୦୨୦, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନିଶା କାରବାର ଉଦ୍‌ବେଗଜନକ...

ବଲିଉଡ୍ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁ ପରଠୁ ନିଶା କାରବାରକୁ ନେଇ ଦେଶରେ ଚର୍ଚ୍ଚା ଲାଗି ରହିଛି। ଏହି ଘଟଣାରେ ନାର୍କୋଟିକ୍ସ କଣ୍ଟ୍ରୋଲ୍ ବ୍ୟୁରୋ (ଏନସିବି) ଅଭିନେତ୍ରୀ ରିୟା ଚକ୍ରବର୍ତ୍ତୀଙ୍କ ସମେତ ପ୍ରାୟ ୨୫ ଜଣ ଅଭିନେତା ଓ ଅଭିନେତ୍ରୀଙ୍କୁ ସମନ୍ ଜାରି କରି ତଦନ୍ତ ଚଳାଇଛି। ଏ ଘଟଣା ପରେ ବର୍ଷବର୍ଷ ଧରି ଶୋଇ ରହିଥିବା ନାର୍କୋଟିକ୍ସ ବ୍ୟୁରୋର ନିଦ ଭାଙ୍ଗିଛି। ଭାରତକୁ ପଡ଼ୋଶୀ ପାକିସ୍ତାନ ଓ ଆଫଗାନିସ୍ତାନରୁ ମାଦକ ଦ୍ରବ୍ୟ ଚୋରା ଚାଲାଣ ହୋଇଥାଏ। ଏହାକୁ ରୋକିବାରେ ନାର୍କୋଟିକ୍ସ ବ୍ୟୁରୋ ବିଫଳ ହୋଇଥିବା କୁହାଯାଇପାରେ। ଡିସେମ୍ବର ୨ରୁ ୪ ତାରିଖ ମଧ୍ୟରେ ଭିଏନାଠାରେ ହୋଇଥିବା ଜାତିସଂଘର ୬୩ତମ ଅଧିବେଶନରେ ମାଦକ ଦ୍ରବ୍ୟ ତାଲିକାରୁ ଗଂଜେଇ ଓ ଭାଙ୍ଗକୁ ବାଦ୍ ଦିଆଯାଇଛି। ମାଦକଦ୍ରବ୍ୟ ସଂକ୍ରାନ୍ତ ୧୯୬୧ କନଭେନସନ ତାଲିକାରୁ ଗଂଜେଇର ପତ୍ର ଓ ଗଂଜେଇର କଢ଼କୁ ବାଦ୍ ଦେବା ସଂକ୍ରାନ୍ତ ବିଧେୟକ ୨୭.୨୫ ଭୋଟରେ ଗୃହୀତ ହୋଇଛି। ଫଳରେ ଆର୍ନ୍ତଜାତିକ ସ୍ତରରେ ଗଂଜେଇ ଓ ଭାଙ୍ଗ ବିପଜ୍ଜନକ ନିଶା ତାଲିକାରେ ଆଉ ରହିବ ନାହିଁ। ପୂର୍ବରୁ ହେରୋଇନ, ଭାଙ୍ଗ ଓ ଅଫିମ ଆଦି ସହ ବିପଜ୍ଜନ ଡ୍ରଗ୍ସ ସୂଚୀରେ ଗଂଜେଇକୁ ସାମିଲ କରାଯାଇଥିଲା। ନିକଟରେ ଜାତିସଂଘରେ ହୋଇଥିବା ମତଦାନରେ ଅଧିକାଂଶ ରାଷ୍ଟ୍ର ଗଂଜେଇକକୁ ବିପଜ୍ଜନକ ଡ୍ରଗ୍ସ ତାଲିକାରୁ ବାଦ୍ ଦେବାକୁ ମତ ଦେଇଥିଲେ। କାନାଡ଼ା ଓ ଉରୁଗୁଏ ଆଦି ଦେଶ ଗଂଜେଇ ବିକ୍ରି ଓ ବ୍ୟବହାରକୁ ବୈଧ କରିଛନ୍ତି। ଆଶ୍ଚର୍ଯ୍ୟର ବିଷୟ ଭାରତ ସମେତ ୨୭ଟି ରାଷ୍ଟ୍ର ଏପରି ପ୍ରସ୍ତାବକୁ ସମର୍ଥନ କରିଥିଲେ। ତେବେ ପାକିସ୍ତାନ, ଚୀନ୍ ଆଦି ୨୫ଟି ରାଷ୍ଟ୍ର ବିରୋଧରେ ମତଦାନ କରିଥିଲେ ଓ ଜଣେ ସଦସ୍ୟ ରାଷ୍ଟ୍ର ଅନୁପସ୍ଥିତ ଥିଲେ। ଜାତିସଂଘର ନାର୍କୋଟିକ ଆଣ୍ଡ ଡ୍ରଗ୍ସ ନିୟନ୍ତ୍ରଣ କମିଶନରେ ଭାରତ ସମେତ ୫୩ଟି ରାଷ୍ଟ୍ର ସଦସ୍ୟ ଅଛନ୍ତି। ଭାରତ ପୂର୍ବରୁ ଭାଙ୍ଗକୁ ଡ୍ରଗ୍ସ ତାଲିକାରୁ ବାଦ୍ କରିଥିଲା। ଏହା ଔଷଧ ନିମନ୍ତେ ବ୍ୟବହାର କରାଯାଉଥିବାରୁ ଡ୍ରଗ୍ସ ତାଲିକାରୁ ବାଦ୍ ଦିଆଯାଇଥିବା ଭାରତ ସରକାର ମତ ଦେଇଥିଲେ। ୨୦୧୮ରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଏକ ଚିଠି କରିଥିଲେ। ଏଥିରେ ଭାଙ୍ଗର ଉପକାରିତା ସଂକ୍ରାନ୍ତରେ ଉଲ୍ଲେଖ କରାଯାଇଥିଲା। ସେହି ବର୍ଷ ଜୁଲାଇରେ ଭାଙ୍ଗ ଚାଷ ଉପରେ ଥିବା ନିଷେଧାଦେଶକୁ ପ୍ରତ୍ୟାହାର କରାଯାଇଥିଲା। ପ୍ରଥମ ରାଷ୍ଟ୍ରଭାବେ ଉତ୍ତରାଖଣ୍ଡ ଭାଙ୍ଗ ଚାଷ ଆରମ୍ଭ କରିଥିଲା। ଯଦି କୌଣସି ବ୍ୟକ୍ତି ମାଦକ ଦ୍ରବ୍ୟ ସେବନ କରେ ତେବେ 'ଦ ନାର୍କୋଟିକ୍ସ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରୋଫିକ ସବଷ୍ଟାନ୍ସ ଆକ୍ଟ-୧୯୮୫' ଅନୁଯାୟୀ ତାଙ୍କୁ ୬ମାସ କାରାଦଣ୍ଡ ଓ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡ଼ିବ। ଏନଡିପିସିଏ ଆକ୍ଟରେ ସଂଶୋଧନ ନହେବା ପର୍ଯ୍ୟନ୍ତ ଜାତିସଂଘର ଉପରୋକ୍ତ ପ୍ରସ୍ତାବ ଲାଗୁ ହେବନାହିଁ। ଜାତିସଂଘ ରିପୋର୍ଟ ଅନୁଯାୟୀ ବିଶ୍ୱରେ ପ୍ରାୟ ୩୫ନିୟୁତ ବ୍ୟକ୍ତି ନିଶା ସେବନ କରିଥାନ୍ତି। ବିଶ୍ୱ ଜନସଂଖ୍ୟାର କେବଳ ୩୦ ପ୍ରତିଶତ ଭାରତୀୟ ଓ ନାଇଜେରିଆବାସୀ ନିଶାସେବନ କରିଥାନ୍ତି। ଏମାନଙ୍କ ବୟସ ୧୨ରୁ ୬୦ ମଧ୍ୟରେ। ଦକ୍ଷିଣ ଏସିଆରେ ବାର୍ଷିକକ ପାଖାପାଖି ୪୦ଟନ୍ ଗଂଜେଇ ଉତ୍ପାଦିତ ହୋଇଥାଏ। ଏଥିରୁ କେବଳ ଭାରତରେ ୧୭ଟନ୍ ଗଂଜେଇ ଉତ୍ପାଦନ କରାଯାଇଥାଏ। ଏସୀୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ କେବଳ ୩୦ ପ୍ରତିଶତ ଭାରତୀୟ ମାଦକଦ୍ରବ ସେବନ କରିଥାନ୍ତି। ଦେଶରେ ଉତ୍ତରପ୍ରଦେଶ, ପଂଜାବ, ହରିୟାଣା, ଦିଲ୍ଲୀ, ମହାରାଷ୍ଟ୍ର, ରାଜସ୍ଥାନ, ଆନ୍ଧ୍ର ଓ ଗୁଜୁରାଟବାସୀ ଅତ୍ୟଧିକକ ନିଶାସେବନ କରିଥାନ୍ତି। ଦେଶର ମୋଟ ଜନସଂଖ୍ୟାର କେବଳ ୧୪.୬ ପ୍ରତିଶତ ଖାଲି ମଦ୍ୟପାନ କରିଥାନ୍ତି। ଦେଶର ମୋଟ ଜନସଂଖ୍ୟାର କେବଳ ୧୪.୬ ପ୍ରତିଶତ ଖାଲି ମଦ୍ୟପାନ କରିଥାନ୍ତି। ଉତ୍ତରପ୍ରଦେଶ, ଛତିଶଗଡ଼, ଗୋଆ, ତ୍ରିପୁରା, ଆନ୍ଧ୍ରପ୍ରଦେଶରେ ମଦର ବ୍ୟାପକ ବିକ୍ରି ହୋଇଥାଏ। ଭାରତରେ ବିଶେଷକରି ହେରୋଇନ୍, ଅଫିମ, ମଦ, ବ୍ରାଉନସୁଗାର, ଭାଙ୍ଗ ଓ ଗଂଜେଇ ବ୍ୟାପକ ଭାବେ ସେବନ କରାଯାଇଥାଏ। ପ୍ରତିବର୍ଷ ବାର୍ଷିକ ୮ ଟନ୍ ଗଂଜେଇ ଆଫଗାନିସ୍ତାନରୁ ଭାରତକୁ ଚୋରା ଚାଲାଣ ହୋଇଥାଏ। ପ୍ରତିବର୍ଷ ଜୁନ୍ ୨୬ ତାରିଖ ବିଶ୍ୱ ନିଶା ନିବାରଣ ଦିବସ ଭାବେ ପାଳନ କରାଯାଉଛି। ଏପରି କ୍ଷେତ୍ରରେ ଗଂଜେଇକୁ ମାଦକ ଦ୍ରବ୍ୟ ତାଲିକାରୁ ହଟାଇବା ସଭିଙ୍କୁ ଚକିତ କରିଛି। ମାଦକଦ୍ରବ୍ୟ ସେବନ କରି ପ୍ରତିବର୍ଷ ଲକ୍ଷଲକ୍ଷ ଭାରତୀୟଙ୍କ ମୃତ୍ୟୁ ଘଟୁଛି। ଗୋଟିଏ ପଟେ ନିଶା ନିବାରଣ ପାଇଁ ଭାରତ ସରକାର ପଦକ୍ଷେପ ନେଉଥିବା କହୁଥିବାବେଳେ ଅନ୍ୟପଟେ ଏହାର କାରବାର ପ୍ରତିବର୍ଷ ବୃଦ୍ଧି ପାଇବାରେ ଲାଗିଛି। ଦେଶର ଯୁବପିଢ଼ିର ସର୍ବନାଶ ହେବା ପୂର୍ବରୁ ସରକାର ଏଥିପ୍ରତି ସତର୍କ ରହିବା ଆବଶ୍ୟକ ମନେହୁଏ।

### କବିତା କୋଣାର୍କ

## ଦେହାତୀତ...

ଶୁଭସ୍ମିତା ତ୍ରିପାଠୀ

ଆଉଥରେ ଏ ବସନ୍ତ
ମୁକୁଳିତ ବଉଳର କୁଂଜକାନନରେ !
ଆଶାବରୀ ରାଗେ ଯେତେ ଉଚ୍ଛନ୍ନ ଘୁଙ୍ଗୁର
ଝରିଯିବେ ପଥେ ପଥେ
ଫୁଲ ମହକରେ...
ଏ ଦେହର ଦେହାତୀତ ସ୍ପର୍ଶେ
ଯେତେ ରଙ୍ଗ ରାଗ ଏଇ ବସନ୍ତ ଫୁଲର
ତମ ବକ୍ଷେ ଆଙ୍କି ଦେବାବେଳେ
ପ୍ରୀତିର ସେ ଚାରୁଚିତ୍ର ରୂପ;
ଅନନ୍ତ ଏ ଆକାଶର ବକ୍ଷ
ଭିଜିଯିବ ଓଦା ଓଦା ଜହ୍ନ ଆଲୁଅରେ...
ଏ ଦେହର ଦେହାତୀତ ସ୍ପର୍ଶେ
ଅସ୍ପଷ୍ଟ ଏ ହୃଦୟର ଯେତେ ସେ ଗୁଂଜନ
ଅସରନ୍ତି ଶବ୍ଦ ଆଉ କ୍ଷୀଣ ଉଚ୍ଚାରଣ
ତମ କଣ୍ଠେ
ଝରିଯିବ ପ୍ରୀତି କୋଇଲିର
ମଧୁ ମଧୁ କୁହୁ ତାନ
ମଧୁ ଉଚ୍ଚାରଣେ...
ଦେହାତୀତ ଶୂନ୍ୟମୟ
ସମଗ୍ର ଏ ଅନ୍ତରୀକ୍ଷ !
କ୍ଷୀଣୁ କ୍ଷୀଣୁ ବାଲୁକାର ମୁକୁତା ଅଂଜଳି
ଝରିଯିବା ପରେ ଯେତେ ତମ ନିକଟରେ
ସାଗରେ ସମାଧିସ୍ଥ ହେବ
ଉତ୍ତୁଙ୍ଗ ଶିଖରୀ
ଏ ଦେହର ଦେହାତୀତ ସ୍ପର୍ଶେ
ଅଗରୁ, ଚନ୍ଦନ, ଗନ୍ଧମୟ ଅଙ୍ଗରାଗ
ବହିଯିବେ ଧୀରେ ଧୀରେ
ସମୀରେ ସମୀରେ
କଦମ୍ବର କିଶଳୟେ
ହେବ ମଧୁ ବନ୍ୟା
ପଥ ହରା ଭଅଁରର ମଧୁ ଗୁଂଜନରେ...
ଦେହାତୀତ ସ୍ପର୍ଶେ ଯେବେ
ଛୁଇଁ ହୁଏ ଆକାଶର ଜହ୍ନ,
ମେଘର ସମୁଦ୍ର ଆଉ ନୀଳିମା ନଭର;
ଆଙ୍କି ହୁଏ
କୋମଳ ସେ କୋମଳ କପାଳରେ ତୁମ
ହିମାଦ୍ରୀର ସ୍ପର୍ଶେ ଏଇ
ଶୀତଳ ଚନ୍ଦନ !
ଅସ୍ପର୍ଶେ ସେ ଛୁଇଁ ହୁଏ
ପଳାସର ଓଠ ଆଉ ଚନ୍ଦ୍ରିକା ତୁମର
ଦେହେ ତେବେ କାହିଁ ଭରେ
ଅନାବିଳ ସପ୍ତବର୍ଣ୍ଣୀ ସ୍ୱପ୍ନିଳ ସ୍ୱପ୍ନିଳ
ବର୍ଣ୍ଣଛିଟା ଯେତେ
ମଧୁମୟୀ ଫୁଲଙ୍କର.... ? ?


+ବ୍ରହ୍ମପୁର, ଗଂଜାମ
ମୋ: ୮୨୪୯୮୦୧୮୫୪


ଗୁଲସନ ରାୟ

# ଗୋଷ୍ଠୀ କନ୍ଦଳରେ ବିଜେପି

ଓଡିଶାର ବିରୋଧୀମାନଙ୍କ ବଳରେ ବର୍ତ୍ତମାନର ଶାସକଦଳ ଅଧିକ ଶକ୍ତିଶାଳୀ ହୋଇଛି ବୋଲି କହିଲେ ଠିକ୍ ହେବ । ଅନ୍ୟ ଭାଷାରେ ବୁଝାଇଲେ ରାଜ୍ୟରେ ବିରୋଧୀଦଳମାନେ କ୍ରମଶଃ ଦୁର୍ବଳ ହେବା ଯୋଗୁ ଶାସକଦଳ ବିଜୁ ଜନତା ଦଳ ଗତ ଦୁଇ ଦଶନ୍ଧି ଧରି ରାଜ୍ୟରେ ନିରଙ୍କୁଶ ଶାସନ ଚଳାଇବାକୁ ସକ୍ଷମ ହୋଇଛି । ପୂର୍ବରୁ କଂଗ୍ରେସ ଦଳ ମୁଖ୍ୟ ବିରୋଧୀ ଦଳ ରହିଥିବା ବେଳେ ଏବେ ବିଜେପି ଗତ ବିଧାନସଭା ନିର୍ବାଚନ ପରଠାରୁ ସେହି ସ୍ଥାନ ଦଖଲ କରିଛି । ବିଜେପିକୁ ରାଜ୍ୟରେ ମୁଖ୍ୟ ବିରୋଧୀଦଳ ହେବାପାଇଁ କିଛି କମ୍ କଷ୍ଟ କରିବାକୁ ପଡିନାହିଁ । ରାଜ୍ୟରେ ପ୍ରଥମେ ଜନସଂଘ ନାମରେ ଏବଂ ୧୯୮୦ ପରଠାରୁ ବିଜେପି ଏକାକୀ ନିର୍ବାଚନ ଲଢି କେବେ ବି ୨୫ ଆସନ ପାଇବାକୁ ସକ୍ଷମ ହୋଇନାହିଁ । ରାଜ୍ୟ ନିର୍ବାଚନ ୧୯୬୭, ୧୯୭୦,୧୯୭୪ ମସିହାରେ କୌଣସି ଗୋଟିଏ ଆସନ ପାଇବାକୁ ଜନସଂଘ ଆଦୌ ସକ୍ଷମ ହୋଇନଥିଲା । ୧୯୮୦ ବିଜେପି ଗଠନ ହେବା ପରେ ୧୯୮୫ରେ ଗୋଟିଏ, ୧୯୯୦ରେ ଦୁଇଟି, ୧୯୯୫ରେ ୯ଟି ଆସନ ଦଳ ପାଇଥିଲା । ବିଜୁ ଜନତା ଦଳ ସହ ମେଣ୍ଟ କରି ଲଢିବା ପରେ ୨୦୦୦ ଏବଂ ୨୦୦୪ ବିଧାନସଭା ନିର୍ବାଚନରେ ବିଜେପି କ୍ରମଶଃ ୩୮ ଓ ୩୨ଟି ଆସନ ଲାଭ କରିଥିଲା । କିନ୍ତୁ ୨୦୦୯ରେ ମେଣ୍ଟରୁ ଓହରି ଆସିଥିବା ବିଜେପିକୁ ମାତ୍ର ୬ଟି ଆସନରେ ସନ୍ତୁଷ୍ଟ ହେବାକୁ ପଡିଥିଲା । ୨୦୧୪ରେ ୧୦ ଓ ୨୦୧୯ରେ ଏକାକୀ ନିର୍ବାଚନ ଲଢି ଦଳ ୨୩ଟି ଆସନ ପାଇଥିଲା । ହେଲେ ଗତ ଉପନିର୍ବାଚନରେ ବାଲେଶ୍ୱର ଆସନଟି ହରାଇ ଏବେ ୨୦୨୨ ଖସିଆସିଛି । ପୂର୍ବରୁ "ନେତା ଭଲ ନୀତି ଭଲ, ବିଜେପି ଶାସନ ଦେଖିବା ଚାଲ" ବୋଲି କହୁଥିବା ଏହି ଦଳ ୨୦୧୮ରେ ଅବକୀବାର ମୋଦି ସରକାର ୨୦୧୯ରେ ବିକାଶ ଓ ବିଶ୍ୱାସର ସ୍ଲୋଗାନକୁ ନେଇ ନିର୍ବାଚନ ଲଢିଥିଲା । ରାଜ୍ୟରେ ବିଜେଡିର ବିକଳ୍ପ ହେବାପାଇଁ ନିର୍ବାଚନ ପୂର୍ବରୁ ମିଶନ ୧୨୦ ସ୍ଲୋଗାନ ଦେଇ ଦେଇ ଦଳ ୧୪୬ଟି ଆସନରେ ଲଢି ୨୩ଟିରେ ଅଟକି ଯାଇଥିଲା, ଯାହା ଏବେ ୨୨କୁ ଖସିଆସିଛି । ଗତ ବିଧାନସଭା ନିର୍ବାଚନ ପରଠାରୁ ରାଜ୍ୟରେ ଦଳ ଅଧିକ ଶକ୍ତିଶାଳୀ ହେବ ବୋଲି ଯେମିତି ଆଶା କରାଯାଉଥିଲା ତାହା ସମ୍ଭବ ହୋଇପାରିନାହିଁ । ଦଳ ମଧ୍ୟରେ ଗୋଷ୍ଠୀ କନ୍ଦଳ, ଉପଯୁକ୍ତ ନେତା ନିର୍ବାଚନରେ ବିଫଳତା, ତଳସ୍ତରରେ ଲୋକସଂପର୍କ ବୃଦ୍ଧିରେ ଶିଥିଳତା ପାଇଁ ଦଳ ବିକଳ୍ପ ହେବା ବଦଳରେ ବିଶ୍ୱାସ ହରାଇବାରେ ଲାଗିଛି ।

ରାଜ୍ୟରେ ଦଳର ସର୍ବମୟ କର୍ତ୍ତା ହେବା ଉଦ୍ଦେଶ୍ୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଗୋଟି ଚାଳନା ଦଳପାଇଁ କ୍ଷତିକାରକ ହେଉଛି ବୋଲି କୁହାଯାଉଛି । ଓଡିଶାରୁ ନିର୍ବାଚିତ ନ ହୋଇ ମଧ ଧର୍ମେନ୍ଦ୍ର ରାଜ୍ୟ ସଂଗଠନକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଯେପରି ପ୍ରୟାସ ଚଳାଇ ଆସୁଛନ୍ତି ତାହା ବିଜେପି ପାଇଁ କାଳ ହୋଇଛି । ଗତ ସାଧାରଣ ନିର୍ବାଚନ ବେଳେ ନିଜକୁ ଓଡିଶାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ବିଜେପି ପକ୍ଷରୁ ଉପସ୍ଥାପିତ କରାଇବାକୁ ଚେଷ୍ଟାକରି ପରିଣାମରେ ବିଫଳ ହେବା ପରେ ଦିନା କେତେ ଚୁପ୍ ରହିଥିଲେ । କିନ୍ତୁ ରାଜ୍ୟ ରାଜନୀତିରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଏବଂ ଭୁବନେଶ୍ୱର ସାଂସଦ ଅପରାଜିତତା ଷଡଙ୍ଗୀଙ୍କ ଲୋକପ୍ରିୟତା ଏବଂ କାର୍ଯ୍ୟ ଦକ୍ଷତାକୁ ଦେଖି ଧର୍ମେନ୍ଦ୍ର ନିଜର ଭବିଷ୍ୟତ ପ୍ରତି ଆଶଙ୍କା ଥିବା ଅନୁମାନ କଲେ । ୨୦୧୪ରୁ ଆଜିଯାଏ ବାହାର ରାଜ୍ୟରୁ ରାଜ୍ୟସଭାକୁ ପ୍ରତିନିଧିତ୍ୱ କରି ମନ୍ତ୍ରିତ୍ୱ ଲାଭ କରିଥିବା ଧର୍ମେନ୍ଦ୍ର ଆଜିଯାଏ ଦଳରେ ନିଜପରି ପରାଜିତ ନେତାମାନଙ୍କୁ ଦଳର ପ୍ରାଦେଶିକ ସଂଗଠନରେ ଆଗୁଆ ସ୍ଥାନ ଦେବାକୁ ସମର୍ଥନ ଦେଇ ଆସିଛନ୍ତି । ଦଳର ପ୍ରାଦେଶିକ ସଭାପତିଙ୍କଠାରୁ ଆରମ୍ଭ କରି ଅନେକ ଛାମୁଆ ଆସନରେ ବସିଥିବା ନେତାମାନେ ଆଦୌ ନିର୍ବାଚନରେ ସଫଳତା ହାସଲ କରିନାହାନ୍ତି । ଅଥଚ ଅନେକ ପୂର୍ବତନ ସାଂସଦ ଓ ବିଧାୟକମାନେ ଦଳରେ ଥିଲେ ମଧ ସେମାନଙ୍କୁ ଆବଶ୍ୟକ ଗୁରୁତ୍ୱ ଦଳ ପ୍ରଦାନ କରୁନାହିଁ । ଯାହାକୁ କେନ୍ଦ୍ର କରି ଧର୍ମେନ୍ଦ୍ର ବନାମ ଅନ୍ୟମାନେ ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଭୁବନେଶ୍ୱର ଜିଲ୍ଲାର ପୂର୍ବତନ ସଭାପତିଙ୍କୁ ସ୍ଥାନୀୟ ସାଂସଦ ଅପରାଜିତାଙ୍କ ସମର୍ଥକମାନେ ମାଡମାରିବା ନେଇ ସେ ଏକାଧିକ ବାର ଅଭିଯୋଗ କରିଥିଲେ । ସେମିତି ଧର୍ମେନ୍ଦ୍ରଙ୍କ ସମର୍ଥକମାନେ ସାଂସଦ ଅପରାଜିତାଙ୍କ ବିରୋଧରେ ଆଜିଯାଏ ସୋସିଆଲ ମିଡିଆରେ ଜୋରଦାର ପ୍ରଚାର ଚଳାଇ ଆସିଛନ୍ତି । କେହି କେହି ଅନ୍ଧ ପ୍ରଶଂସକ ମଧ ଧର୍ମେନ୍ଦ୍ରଙ୍କୁ ଓଡିଶାର ବିକାଶ ପୁରୁଷ କହି ପ୍ରଚାର ଚଳାଇଛନ୍ତି । ନିକଟରେ ଦଳର ସାଂଗଠନିକ କର୍ମକର୍ତ୍ତାଙ୍କ ନିଯୁକ୍ତିକୁ ନେଇ ବେଶ୍ ହଟ୍ଟଚମଟ ସୃଷ୍ଟି ହୋଇଛି । ଖୋର୍ଦ୍ଧା ଜିଲ୍ଲାର ସଭାପତି ଭାବେ ରଶ୍ମି ପରିଡା ନିଯୁକ୍ତ ହେବା ପରେ ପରେ ସେ ଅପରାଜିତାଙ୍କ ସମର୍ଥକ କୁହାଯାଇ ତାଙ୍କୁ ପଦବୀରୁ ଅନ୍ତର କରାଯାଇଥିଲା । ଦଳର ସଭାପତି ଜିଲ୍ଲା ସଭାପତିଙ୍କୁ ଅନ୍ତର କଲାବେଳେ ଦଳର ସାଂଗଠନିକ ସଂପାଦକ ମାନସ ମହାନ୍ତିଙ୍କ ମତକୁ ଗୁରୁତ୍ୱ ନ ଦେବା ଯୋଗୁ ସେ ଇତି ମଧ୍ୟରେ ଦଳର ପ୍ରାଦେଶିକ ସଂଗଠନ ସଂପାଦକ ପଦବୀରୁ ଅବ୍ୟାହତି ନେବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି । ଏପରିକି ସେ ଦଳର ପ୍ରାଦେଶିକ କାର୍ଯ୍ୟାଳୟ ବାହାରେ ରହୁଥିବା ଶୁଣାଯାଉଛି । ପରେ ଏହି ବିଷୟ ଚର୍ଚ୍ଚାକୁ ଆସିବା ପରେ ପୁନର୍ବାର ଜିଲ୍ଲା ସଭାପତିଙ୍କୁ ଦାୟିତ୍ୱ ଦିଆଯାଇଛି ଏବଂ ରଶ୍ମି ପରିଡା ତାଙ୍କ ପଦବୀକୁ ଫେରି ପାଇଛନ୍ତି । କଥା ହେଉଛି ଏହି ଘଟଣା ଅପରାଜିତାଙ୍କୁ ଅସନ୍ତୁଷ୍ଟ କରିଥିବା ହେତୁ ସେ କେନ୍ଦ୍ରୀୟ ନେତୃମଣ୍ଡଳୀକୁ ଏ ବିଷୟରେ ନିଜର କ୍ଷୋଭ ଜଣାଇଥିବାର ଶୁଣାଯାଏ । ଏହାକୁ ବାଦ୍ ଦେଲେ ବାଲେଶ୍ୱର ଉପନିର୍ବାଚନରେ ଅପରାଜିତାଙ୍କୁ ବଦନାମ କରିବାଲାଗି ତାଙ୍କୁ ଯୋଜନାବଦ୍ଧ ଭାବେ ଦାୟିତ୍ୱ ଦେଇ ପ୍ରମୁଖ ଲୋକମାନଙ୍କୁ ପ୍ରଚାର କମିଟିରୁ ବାହାର ରଖାଯାଇଥିବା ବିଷୟ ଏବେ ଚର୍ଚ୍ଚାକୁ ଆସିଛି । କାରଣ ନିର୍ବାଚନ ପ୍ରଚାର କମିଟିରେ ଦଳରୁ ଦୁଇଥର ବାଲେଶ୍ୱର ସାଂସଦ ଥିବା ଖାରବେଳ ସ୍ୱାଇଁଙ୍କୁ ଆଦୌ ରଖାଯାଇ ନଥିବା ଜଣାପଡିଛି । ଉପନିର୍ବାଚନ ପରାଜୟକୁ ଏକା ସମୟରେ ପ୍ରତାପ ଷଡଙ୍ଗୀ ଏବଂ ଅପରାଜିତାଙ୍କ ଅପାରଗତା ବୋଲି ଧର୍ମେନ୍ଦ୍ରଙ୍କ ଗୁଣଗାନକାରୀମାନେ ସୋସିଆଲ ମିଡିଆରେ ପ୍ରଚାର କରୁଛନ୍ତି । ଏହି କ୍ରମରେ ଦେଖିବାକୁ ଗଲେ ପୂର୍ବତନ ଆଇପିଏସ୍ ଅଧିକାରୀ ପ୍ରକାଶ ମିଶ୍ର, ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ପୂର୍ବତନ ସାଂସଦ ମହାମେଘବାହନ ଐର ଖାରବେଳ ସ୍ୱାଇଁ, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ସମେତ ଅନେକ ବରିଷ୍ଠ ନେତୃବୃନ୍ଦ ଦଳର କାର୍ଯ୍ୟ ଶୃଙ୍ଖଳାରେ ଆଦୌ ସନ୍ତୁଷ୍ଟ ନଥିବା ଜଣାଯାଏ । ଏଥିପାଇଁ ଗତ ବିଧାନସଭା ନିର୍ବାଚନରେ ବିଜେପିରୁ ଲଢି ବରିଷ୍ଠ ନେତା ଦାମୋଦର ରାଉତ ପରେ ଦଳରୁ ଇସ୍ତଫା ଦେଇ ସାରିଛନ୍ତି । ତେଣୁ ରାଜ୍ୟ ସଂଗଠନରେ ନଥାଇ ମଧ କେନ୍ଦ୍ରରୁ ରାଜ୍ୟ ସଂଗଠନରୁ ପୁତଳିକା ପରି ନିୟନ୍ତ୍ରଣ କରୁଥିବା ନେଇ ଧର୍ମେନ୍ଦ୍ରଙ୍କ ପ୍ରତି ଆଙ୍ଗୁଠି ଉଠୁଛି । ପୂର୍ବତନ ରାଜ୍ୟ ପ୍ରଭାରୀ ଅରୁଣ ସିଂହ କେନ୍ଦ୍ରୀୟ କର୍ତ୍ତୃପକ୍ଷଙ୍କୁ ଧର୍ମେନ୍ଦ୍ରଙ୍କ ଅଯଥା ହସ୍ତକ୍ଷେପ ନେଇ ଜଣାଇଥିବା କଥା କୁହାଯାଉଛି । ହେଲେ ନିଜ ଘର ସଜାଡି ନପାରିଲେ ବିଜେପି କିପରି ଶାସକଦଳର ବିକଳ୍ପ ହେବ ତାହା ବୁଝାପଡୁନାହିଁ । ଦଳରେ ବରିଷ୍ଠଙ୍କୁ ଅବହେଳା, ମିଛ ପ୍ରଶଂସକଙ୍କୁ ଗୁରୁତ୍ୱ ଦେଇ ଚାଲିଲେ ବିଜେପିର କ୍ଷତି ହେବ ନିଶ୍ଚୟ ।


ମୋ-୯୯୩୭୧୮୫୫୬୬


ବିପିନ ବିହାରୀ ମହାନ୍ତି

# ଆଲଫ୍ରେଡ୍ ନୋବେଲ ଏବଂ ନୋବେଲ୍ ପୁରସ୍କାର

ଆଲଫ୍ରେଡ୍ ନୋବେଲ୍, ଉନବିଂଶ ଶତାବ୍ଦୀର ସୁଇଜରଲ୍ୟାଣ୍ଡ ଶିଳ୍ପପତି ଓ ନୋବେଲ୍ ପ୍ରାଇଜ୍ ମାନଙ୍କର ସ୍ରଷ୍ଟା, ଯାହା ନାମରେ ନୋବେଲ୍ ପୁରସ୍କାର ନାମିତ, ହେଉଛନ୍ତି ଡିନାମାଇଟର ସ୍ରଷ୍ଟା । ଡ଼ିନାମାଇଟ୍ ଏକ ଶକ୍ତିଶାଳୀ ବିସ୍ଫୋରକ । ଏବେ ଡ଼ିନାମାଇଟ୍ ଶିଳ୍ପୋନ୍ନତି କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଅଛି ।

ନୋବେଲ୍ ୧୯୩୩ ମସିହାରେ ଷ୍ଟକହୋମଠାରେ ସୁଇଡିଶ ପିତାମାତାଙ୍କଠାରୁ ଜନ୍ମ ନେଇଥିଲେ । ସେ ମାତ୍ର ୯ ବର୍ଷରେ ତାଙ୍କ ପିତାମାତାଙ୍କ ସହ ସେଣ୍ଟ ପିଟସବର୍ଗ ସ୍ଥାନାନ୍ତରିତ ହୋଇଥିଲେ । ସେ ବହୁ ଇଉରୋପୀୟ ଦେଶରେ ଶିକ୍ଷା ଲାଭ କରିଥିବାରୁ ପରିଷ୍କାର ଓ ଅନର୍ଗଳ ଭାବରେ ପାଞ୍ଚୋଟି ଭାଷା ବିଶେଷକରି ଇଂରାଜୀ, ଫ୍ରେଞ୍ଚ୍, ସୁଇଡିଶ, ରୁଷିଆନ୍ ଓ ଜର୍ମାନ୍ ଭାଷାରେ କହି ଓ ଲେଖିପାରୁଥିଲେ । ସେ ତାଙ୍କ ବାପାଙ୍କ ପ୍ରୋତ୍ସାହନ କାରଣରୁ ବିସ୍ଫୋରକ ଉପରେ କାର୍ଯ୍ୟ ଆରମ୍ଭ କରି ଦେଇଥିଲେ । ବହୁ ପରୀକ୍ଷା ନୀରିକ୍ଷାପରେ ସେ ଏକ ସ୍ୱର୍ଣ୍ଣକାତର ବିସ୍ଫୋରକ ପ୍ରସ୍ତୁତ କରିଥିଲେ ଯାହାକୁ ୧୮୬୬ରେ ଡ଼ିନାମାଇଟ୍ ରୂପେ ନାମିତ କରାଗଲା ।

ନୋବେଲଙ୍କ ଉଦ୍ଭାବନ ଖଣି, ପୂର୍ତ୍ତ, କୋଠାନିର୍ମାଣ, ସୁଡ଼ଙ୍ଗ ଖୋଳା ଇତ୍ୟାଦିରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା । ତାଙ୍କର ଉଦ୍ଭାବୀ ମନ ଡ଼ିନାମାଇଟ୍ ବ୍ୟତୀତ ଅନ୍ୟାନ୍ୟ କ୍ଷେତ୍ରରେ ବିଶେଷକରି ରସାୟନ ବିଦ୍ୟାରେ କୃତ୍ରିମବସ୍ତୁ ଯଥା ରବର ଏବଂ ଚମଡ଼ା ପ୍ରସ୍ତୁତିରେ ସହାୟକ ହୋଇଥିଲା । ତାଙ୍କ ପ୍ରଚେଷ୍ଟାରେ ୫ଟି ମହାଦେଶର ୨୦ଟି ଦେଶରେ ୯୦ଟି ଶିଳ୍ପଶାଳା ଓ ବାଣିଜ୍ୟଗାର ବା ବ୍ୟବସାୟିକ ସଂସ୍ଥା ଖୋଲା ଯାଇଥିଲା । ତାଙ୍କ ବ୍ୟବସାୟିକ ଉଦ୍ୟମ ଏବଂ ଉଦ୍ୟୋଗ ଶେଷରେ ଏକ ବିଶ୍ୱସ୍ତରୀୟ ଶିଳ୍ପରୂପେ ପରିଗଣିତ ହେଲା ଯାହାକି ତାଙ୍କ ଆୟର ଏକ ମହାନ ଉତ୍ସ ରୂପେ ପରିଣତ ହେଲା । ସେ ପାଲଟିଗଲେ ବିଶ୍ୱପତି । ଏବେ ସେଇ ଅର୍ଥ ତାଙ୍କ ଇଚ୍ଛାନୁଯାୟୀ ମଣିଷଜାତିର ସେବାରେ ବିନିଯୋଗ ହେଉଛି ବିଶେଷକରି ନୋବେଲ୍ ପୁରସ୍କାର ଅକାରରେ ପ୍ରତିବର୍ଷ ଯାହାକି ମାନବ ସେବାପାଇଁ ତଥା ସଜନପାଇଁ ପ୍ରେରଣାର ଉତ୍ସ ଓ ଶ୍ରମର ମର୍ଯ୍ୟଦା ସ୍ୱରୂପ ଅଟେ ।

ନୋବେଲ୍ ୧୦ ଡ଼ିସେମ୍ବର ୧୮୯୬ରେ ତାଙ୍କ ନିଜଘର ସାନରେମୋ ଇଟାଲିରେ ସୁଖ ମହାନିଦ୍ରା ସମ୍ବରଣ କରିଥିଲେ । ପ୍ରତିବର୍ଷ ତାଙ୍କର ଏହି ନିର୍ବାପିତ ଦିବସରେ ନୋବେଲ ପୁରସ୍କାରପ୍ରଦାନ କରାଯାଇଥାଏ ବିଶେଷକରି ସ୍ୱନାମଧନ୍ୟ ବ୍ୟକ୍ତିତ୍ୱଙ୍କୁ ଯେଉଁମାନେ କି ବିଜ୍ଞାନ, ଶାନ୍ତି, ଅର୍ଥନୀତି ଏବଂ ସାହିତ୍ୟ କ୍ଷେତ୍ରରେ ବିଶଷକୃତିତ୍ୱ ଓ ପରାକାଷ୍ଠା ଦେଖାଇଥାନ୍ତି । ଏ ପୁରସ୍କାର ୧୯୦୧ ଠାରୁ ଦିଆଯାଇ ଆସୁଛି । ଆମ ଦେଶରୁ ସର୍ବ ପ୍ରଥମେ ସାହିତ୍ୟ 'ଗୀତାଞ୍ଜଳି' ପାଇଁ ରବିନ୍ଦ୍ରନାଥ ଠାକୁର ୧୯୧୩ ମସିହାରେ ନୋବେଲ୍ ପୁରସ୍କାର ପାଇଛନ୍ତି । ୧୯୩୯ ମସିହାରେ ଚନ୍ଦ୍ରଶେଖର ଭେଙ୍କଟରମଣ ବିଜ୍ଞାନ ପାଇଁ ନୋବେଲ୍ ପୁରସ୍କାର ପାଇଛନ୍ତି । ଏହା ବ୍ୟତୀତ ଡ଼. ହର ଗୋବିନ୍ଦ ଖୁରାନା (ବିଜ୍ଞାନ), ଆମ୍ପର୍ତ୍ତସେନ୍ (ଅର୍ଥନୀତି) ଏବଂ ମଦରଟେରେସା (ଶାନ୍ତି) ପାଇଁ ମଧ ନୋବେଲ୍ ପୁରସ୍କାର ପାଇଛନ୍ତି ।

ଚଳିତବର୍ଷ ଦ୍ୱିତୀୟଥର ପାଇଁ ଭାରତର କୈଳାସ ସତୀର୍ଥ ଏହି ପୁରସ୍କାର ପାଇଛନ୍ତି । ତେବେ ମଦର ଟେରେସା ଓ ସତୀର୍ଥଙ୍କ ମଧ୍ୟରେ ପାର୍ଥକ୍ୟ ଏହିଯେ, ମଦରଟେରେସା ଭାରତକୁ ନିଜର କରିଥିବା ବ୍ୟକ୍ତିତ୍ୱ ବେଳେ, ସତୀର୍ଥ ସଂପୂର୍ଣ୍ଣ ଭାବେ ଭାରତୀୟ ।

ନୋବେଲ୍ ପୁରସ୍କାର ଏକ ସମୟରେ ଷ୍ଟକ ହୋମ୍, ସୁଉଡ଼େନ୍ ଓ ନରୱେରୁ ରାଜକୀୟ ପରିବାରମାନଙ୍କର ଉପସ୍ଥିତିରେ ପ୍ରଦାନ ହୋଇଥାଏ । ନୋବେଲ୍‌ଙ୍କର ଏତାଦୃଶ କାର୍ଯ୍ୟପାଇଁ ସେ ଆମ ପାଖେ ଚିରସ୍ମରଣୀୟ ହୋଇ ରହିବେ । ଧନ୍ୟ ନୋବେଲ୍ ତୁମେ ।


**+ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ**
**ବିକାଶ ନଗର, ଜଟଣୀ, ଖୋର୍ଦ୍ଧା, ମୋ., ୯୯୩୮୩୪୧୩୮**


ଡାକ୍ତର ଅର୍ଚ୍ଚନା ମିଶ୍ର

# ଯୋଗ ସାଧନରେ ହଠ ଯୋଗ

ଯୋଗ ସାଧନ କ୍ଷେତ୍ରରେ ହଠଯୋଗର ତତ୍ତ୍ୱ ସାଧନା, ପ୍ରଣାଳୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ହଠଯୋଗ ଶାସ୍ତ୍ର ଅନୁସାରେ ହକାର (ହ)ର ଅର୍ଥ ପିଙ୍ଗଳା ନାଡ଼ୀ (ସର୍ଯ୍ୟସ୍ୱର) ଅଥବା ପ୍ରାଣବାୟୁ। ଠକାର ଅର୍ଥ ଇଡ଼ା ନାଡୀ (ଚନ୍ଦ୍ରସ୍ୱର) ଅଥବା ଅପାନ ବାୟୁ। ଏହି ସୂର୍ଯ୍ୟ ଏବଂ ଚନ୍ଦ୍ରସ୍ୱର ଅର୍ଥାତ୍ ପ୍ରାଣବାୟୁ ଏବଂ ଅପାନ ବାୟୁର ସମ୍ମିଳିତ ସ୍ୱରୂପକୁ ହଠଯୋଗ କୁହାଯାଏ। ଭଗବାନ ଶିବ ଏହି ଯୋଗର ପ୍ରବର୍ତ୍ତକ ବୋଲି ହଠଯୋଗୀମାନେ ବିଶ୍ୱାସ କରନ୍ତି। ମତ୍ସ୍ୟେନ୍ଦ୍ରନାଥ ଏବଂ ଗୋରଖନାଥଙ୍କ ପୂର୍ବରୁ ମଧ ହଠଯୋଗର ପ୍ରଚଳନ ଥିଲା। ଶରୀର ଓ ମନ ଉଭୟ ପରସ୍ପର ସମ୍ପୃକ୍ତ ବୋଲି ହଠଯୋଗ ପ୍ରତିପାଦନ କରେ। ଶରୀର ଏବଂ ପ୍ରାଣ ଉପରେ ବିଜୟ ଲାଭ କରିବା ହଠଯୋଗ ସାଧନାର ଲକ୍ଷ୍ୟ। ସ୍ୱାମୀ ଶିବାନନ୍ଦ ଲେଖିଛନ୍ତି - 'ଯେଉଁମାନେ ହଠଯୋଗ ସାଧନା କରନ୍ତି, ସେମାନେ ପୂର୍ଣ୍ଣଯୋଗୀ ନୁହଁନ୍ତି। ହଠଯୋଗ କ୍ରିୟା ଦ୍ୱାରା ଜଡ଼ସମାଧି ସଙ୍ଘଟିତ ହୁଏ। ଏହି ସମାଧି ଆତ୍ମଜ୍ଞାନ ପ୍ରଦାନ କରିବାକୁ ଅକ୍ଷମ। ଯେଉଁମାନେ ପୂର୍ଣ୍ଣଯୋଗୀ ସେମାନେ କେବଳ ଚୈତନ୍ୟ ସମାଧି କରିପାରନ୍ତି।' ରାଜଯୋଗ ସହିତ ଏହି ହଠଯୋଗର ତୁଳନା କଲେ, ଯାହା ଜଣାଯାଏ ରାଜଯୋଗର ସମ୍ବନ୍ଧ ରହିଛି ମନ ସହିତ। ରାଜଯୋଗୀ ଯମ, ନିୟମ, ଆସନ, ପ୍ରାଣାୟମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି - ଏହି ଆଠଗୋଟି ସୋପାନ ଦେଇ ନିଜକୁ ଶୁଦ୍ଧ କରି ଯୋଗ ଶିଖରରେ ଉପନୀତ ହୁଅନ୍ତି ଏବଂ ବିଭିନ୍ନ ସିଦ୍ଧିଲାଭ କରନ୍ତି। ସେ ନିଜ ମନର ସମସ୍ତ ବୃତ୍ତିକୁ ନିରୋଧ କରନ୍ତି। ମାତ୍ର ହଠଯୋଗର ସମ୍ବନ୍ଧ ରହିଛି ଭୌତିକଶରୀର ଏବଂ ପ୍ରାଣ ସହିତ। ସେଥିପାଇଁ ଏଥିରେ ପ୍ରାଣାୟମକୁ ସନ୍ନିବିଷ୍ଟ କରାଯାଇଛି। ପ୍ରାଣ ଓ ମନ ହେଉଛନ୍ତି ପରସ୍ପର ନିର୍ଭରଶୀଳ। ସେଥିମଧ୍ୟରୁ ଗୋଟିଏ ନିୟନ୍ତ୍ରିତ ହେଲେ ଅନ୍ୟଟି ସ୍ୱତଃ ନିୟନ୍ତ୍ରିତ ହୋଇଯାଏ। ସେଥିପାଇଁ ହଠଯୋଗୀଙ୍କର ଏ ପ୍ରାଣ ସାଧନା। ସ୍ୱାମୀ ଶିବାନନ୍ଦ ଲେଖନ୍ତି - ରାଜଯୋଗ ଓ ହଠଯୋଗ ପରସ୍ପର ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଉଭୟର ଅଭ୍ୟାସ ଓ ଜ୍ଞାନ ବିନା କେହି ପୂର୍ଣ୍ଣଯୋଗୀ ହୋଇପାରିବେ ନାହିଁ। ସମୁଚିତ ଅଭ୍ୟାସ କରାଯାଇଥିବା ହଠଯୋଗର ଯେଉଁଠି ପରିସମାପ୍ତି ଘଟେ, ରାଜଯୋଗର ଆରମ୍ଭ ହୁଏ ଠିକ୍ ସେଇଠୁ। ହଠଯୋଗୀ ଶରୀର ଏବଂ ପ୍ରାଣ ସ୍ତରରୁ ସାଧନା ଆରମ୍ଭ କରନ୍ତି। କିନ୍ତୁ ରାଜଯୋଗୀ ସାଧନା ଆରମ୍ଭ କରନ୍ତି ମନସ୍ତରରୁ। ଜ୍ଞାନଯୋଗୀ ନିଜର ବୁଦ୍ଧି ଓ ଇଚ୍ଛାଶକ୍ତି ସ୍ତରରୁ ସାଧନା ଆରମ୍ଭ କରନ୍ତି। ଏହିସବୁ ଯୋଗ ମଧ୍ୟରେ ଏହା ହିଁ ମୁଖ୍ୟ ପାର୍ଥକ୍ୟ। ରାଜଯୋଗରେ ସଫଳତା ଅର୍ଜନ କରିବାକୁ ହେଲେ ମନର ରହସ୍ୟ ତଥା ମନ ନିୟନ୍ତ୍ରଣ କରିବାର ଉପାୟ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଜ୍ଞାନ ଥିବା ଉଚିତ।

ହଠଯୋଗର ସାଧକ ଆସନ, ପ୍ରାଣାୟମ, ମୁଦ୍ରା ଓ ବନ୍ଧ ଦ୍ୱାରା ମୂଳାଧାର ଚକ୍ରରେ ସୁପ୍ତ ଅବସ୍ଥାରେ ଥିବା କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ କରିବା ଆବଶ୍ୟକ। ସେ ପ୍ରାଣ ଓ ଅପାନ ବାୟକୁ ସଂଯୁକ୍ତ କରିବାକୁ ଚେଷ୍ଟା କରିବା ଉଚିତ ତଥା ସଂଯୁକ୍ତ ପ୍ରାଣ, ଅପାନକୁ ସୁଷୁମ୍ନା ନାଡ଼ୀ ମଧ ଦେଇ ଉପର ଆଡ଼କୁ ନେଇଯିବା ଆବଶ୍ୟକ। ଶ୍ୱାସକୁ ରୋକିବା ଦ୍ୱାରା ଉଷ୍ମତା ବୃଦ୍ଧି ପାଏ ତଥା ବାୟୁକ କୁଣ୍ଡଳିନୀ ସହିତ ବିଭିନ୍ନ ଚକ୍ର ମଧ ଦେଇ ସହସ୍ରାର ଚକ୍ରକୁ ଉଠେ। ଯେତେବେଳେ କୁଣ୍ଡଳିନୀ ସହସ୍ରାର ଚକ୍ରରେ ଭଗବାନ ଶିବଙ୍କ ସହିତ ଯୁକ୍ତ ହୁଏ, ସେତେବେଳେ ଯୋଗୀ ସମାଧି ଲାଭ କରନ୍ତି ଓ ପରମଶାନ୍ତି, ସୁଖ ତଥା ଅମୃତତ୍ୱ ଉପଭୋଗ କରନ୍ତି।


+ସହକାରୀ ପ୍ରଫେସର,
ଶରୀରତତ୍ତ୍ୱ ବିଭାଗ,
ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ
E-mail : drchandrakantamishra666@gmail.com


### କବିତା କୋଣାର୍କ

## ମହାନ ବିପ୍ଳବୀ ଜୟୀ ରାଜଗୁରୁ...

ଶରତ କୁମାର ଦାସ

ଜୟକୃଷ୍ଣ ରାଜଗୁରୁ ମହାପାତ୍ର
ଜୟୀ ରାଜଗୁରୁ ନାମେ,
ଇତିହାସ ପୃଷ୍ଠା ଚିର ଝଲମଲ
ତାଙ୍କ ନଭଶ୍ଚୁମ୍ବୀ କାମେ।
ଓଡ଼ିଶାର ପୁଣ୍ୟ ପବିତ୍ର ମାଟିରେ
ଜନ୍ମିଥିଲେ ପୂଜ୍ୟ ବୀର,
ଭୂମିରୁ ଭୂମାକୁ ଛୁଇଁଥିଲା କୀର୍ତ୍ତି
ଉଚ୍ଚେ ଥିଲା ତାଙ୍କ ଶିର।
ମୁକୁନ୍ଦ ଦେବ ଦ୍ୱିତୀୟଙ୍କର ପ୍ରିୟ
ସାମରିକ ପ୍ରତିନିଧି,
ପ୍ରଶାସନ ପୁଣି ଆଧ୍ୟାତ୍ମିକ କ୍ଷେତ୍ରେ
ଆଣିଥିଲେ କେତେ ସିଦ୍ଧି।
ମହାନ ବିପ୍ଳବୀ ନିର୍ଭୀକ ଯୋଦ୍ଧା ସେ
ଗରିମାର ସୌଦାଗର,
ଅମାପ ସାହାସ ଅସୀମ ତ୍ୟାଗର
ମୂର୍ତ୍ତିମନ୍ତ କାରିଗର।
ଅବିସ୍ମରଣୀୟ ଧୌର୍ଯ୍ୟର ପ୍ରତୀକ
ବିଶ୍ୱାସର ପୂର୍ଣ୍ଣଭାସ,
ମାଟି ମାଆ ପାଇଁ ବଳିଦାନ ତାଙ୍କ
ଗୌରବର ମହାବାସ।
ଭାରତୀୟ ସ୍ୱାଧୀନତା ସଂଗ୍ରାମର
ପ୍ରଥମ ସହିଦ ରୂପେ,
ଯଶଃକୀର୍ତ୍ତି ଯେତେ ହେଲା ଆୟୁଷ୍ମାନ
ହୃଦକୁ ଛୁଇଁଲା ଦର୍ପେ।
ଅନ୍ୟାୟ ଅନୀତି ଦୁର୍ନୀତି ବିରୁଦ୍ଧେବ
ଲଢ଼ିଥିଲେ କେତେ ରଣ,
ଫିରିଙ୍ଗୀ ଶାସନ ଥରିଉଠିଥିଲା
ଦେଖି ତାଙ୍କ ଦମ୍ଭ ପଣ।
ବିଚକ୍ଷଣ ବୁଦ୍ଧି ଜ୍ଞାନର ଅମାର
ସତେ କି ସେ ପ୍ରାତଃ ରବି,
ବଳଶାଳୀ ପୁଣି ପ୍ରତିଭା ପୂଜାରୀ
ଦୀପ୍ତିମନ୍ତ ଦିବ୍ୟ ଛବି।
ଖୋର୍ଦ୍ଧାର ପାଇକ ହେଲେ ସଂଗଠିତ
ତାଙ୍କରି ଆହ୍ୱାନ କ୍ରମେ,
ବିଦ୍ରୋହର ବହ୍ନି ପ୍ରଜ୍ଜ୍ୱଳିତ ତାଙ୍କ
ନେତୃତ୍ୱର ପରାକ୍ରମେ।
ପାଇକଆଖଡ଼ା ସ୍ଥାପନ କରିଲେ
କଲେ ଜାଗରଣ ଯେତେ,
ଦେଶମାତୃକାର ସୁଖ ଶିରୀ ପାଇଁ
ଆବୋରିଲେ ଦୁଃଖ ସେତେ।
ଅସ୍ତ୍ରବିଦ୍ୟା ଶିକ୍ଷା ଦେଲେ ନିରନ୍ତର
ବୁଲି ପାଦେ ଗ୍ରାମେ ଗ୍ରାମେ,
ତେଜିୟାନ ହେଲା ପାଇକ ବିଦ୍ରୋହ
ବ୍ରିଟିଶ୍ ଶୋଷଣ ନାମେ।
ଗରିଲା ଯୁଦ୍ଧରେ ଥିଲେ ସିଦ୍ଧହସ୍ତ
କୌଶଳରେ ପାରଙ୍ଗମ,
ଅଫୁରନ୍ତ ଶକ୍ତି ବଳିଷ୍ଠ ବ୍ୟକ୍ତିତ୍ୱ
ଶ୍ରେଷ୍ଠତ୍ୱର ଅନ୍ୟନାମ।
ଉତ୍କଳୀୟ ରାଜବଂଶର ପ୍ରତିଷ୍ଠା
ବୃଦ୍ଧି କରିବାର ପାଇଁ,
ବରୁଣାଇଗଡ଼ ସୁଦୃଢ଼ କରିବେ
ସ୍ୱପ୍ନ ଦେଖିଥିଲେ ଜୟୀ।
ମହାନଦୀ କୂଳେ ଆକ୍ରମଣ କଲେ
ଇଂରେଜ ଉପରେ ଯାଇ,
ଶୋଷକ ସାମ୍ରାଜ୍ୟ ହେଲା ଟଳମଳ
ଦେଖିଲେ ନିସ୍ତାର ନାହିଁ।
କଲେ ଷଡ଼ଯନ୍ତ୍ର ବନ୍ଦୀ କଲେ ତାଙ୍କୁ
ଦେଲେ ମୃତ୍ୟୁ ଦଣ୍ଡାଦେଶ,
ଅମାନୁଷିକତାର ସୀମା ଲଂଘିଗଲେ
ଭିଆଇଲେ ଯେତେ କ୍ଳେଶ।
ଡରିଗଲେ ନାହିଁ ଦବିଗଲେ ନାହିଁ
ନୁଆଁଇଲେ ନାହିଁ ମଥା,
ସହିଦ ହୋଇଲେ ହସି ହସି ବୀର
କହେ ମାଟି ତାଙ୍କ କଥା।


+ଅଧ୍ୟାପକ, ବଡ଼ବିଲ
ମହାବିଦ୍ୟାଳୟ, ବଡ଼ବିଲ,
କେନ୍ଦୁଝର
ମୋ: ୮୨୪୯୧୩୭୦୯୧


## କଥା ରଖିବି...

ମହେଶ୍ୱର ପ୍ରଧାନ

ଆଜି କାହିଁ
ଶୂନ୍ୟ ଆକାଶଟା ବୋଝ ପରି ଲାଗୁଛି,
ଏଇ ଗଛ ଲତା, ନଦୀନାଳ
ବସାକୁ ଫେରନ୍ତା ବିହାଙ୍ଗମଦଳ
ଏଣିକି ମୋ ଘରର ଛାତ ବି
ମତେ ଆକଟ କରି ଅନାଉଛି।
ଆଜି କିକ୍ ମାରୁ ମାରୁ
ଗାଡ଼ିଟା ବି ଅମଙ୍ଗ ହୋଇ କହିଦେଲା
'ଯିଏ ନିଜ ପାଇଁ ଚଳି ପାରେନି
ସିଏ ମତେ କ'ଣ ଚଳେଇବ?'
କ'ଣ ଏତେ ନିଃସହାୟ ମୁଁ
ସରଗ ଓ ନରକ ପ୍ରାପ୍ତିର ମଝିରେ
ଧସ୍ତାଧସ୍ତି ହୋଇ,
ନା ମୁଁ ସରଗର, ନା ନର୍କର
ନା ହିଁ ନିଜର।
ସତରେ କଥା ଦେବା ଆଉ
କଥା ରଖିବା ଭିତରେ
ମାଟିରୁ ଆକାଶ ଯାଏଁ ଦୂରତା।
ଏଇ ଅନ୍ତର୍ଦାହରେ
ନିଇତି ଦହିହେବା ଅପେକ୍ଷା
ମୁଁ କଥା ରଖିବି ସାଙ୍ଗ !
ମୁଁ କହି ଦେଖିବି ମୋ ଆତ୍ମୀୟଙ୍କୁ,
ସବୁ ଠିକ୍ ହେଲେ ସମ୍ପୂର୍ଣ୍ଣ ସରଗ ମୋର
ନହେଲେ ପାଦ ତ ଥାମିବି
ମୋ ଘରେ
ମୋ ହଜିଲା ହୃଦୟରେ
କାହା ତାଚ୍ଛଲ୍ୟଭରା ଚାହାଣିକୁ
ମୁକାବିଲା କରି।


+ଧୂଳୁଣ୍ଡା, ଝାରସୁଗୁଡ଼ା
ମୋ:୯୦୭୮୯୩୧୫୨୨

# ଦେୟଯୁକ୍ତ ଜରାଶ୍ରମ ଶେଷ ବିଶ୍ରାମ



ପ୍ରଦୀପ୍ତ ଆଚାର୍ଯ୍ୟ
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଈଶାଣୀବ୍ରହ୍ମପୁର, କଟକ
ମୋ-୬୩୭୧୫୯୩୨୨୦


ସେଦିନ ଥାଏ ରବିବାର ।ପ୍ରାହ ଯାକର କର୍ମକ୍ଳାନ୍ତ ଜୀବନରେ ଗୋଟିଏ ଦିନ ଅବସର ।ସକାଳୁ ସକାଳୁ,ଚାହା କପ୍ ସାଙ୍ଗକୁ,ଖବର କାଗଜର ପଠନର ଭରପୁର ଆନନ୍ଦ ଉପଭୋଗ କରୁଥାଏ ରାଜେଶ୍ ।ହଠାତ୍ କଲିଂ ବେଲ୍ ଶବ୍ଦରେ ରାଜେଶ୍ ବାହାରକୁ ଯାଇ ଦେଖେତ,ତା ଡାଡିଙ୍କ ବାଲ୍ୟବନ୍ଧୁ ନୀଳାମ୍ବର ଅଙ୍କଲ ବାହାରେ ଠିଆହୋଇଛନ୍ତି । ପ୍ରଣାମ ଜଣାଇ,ଭିତରକୁ ଡାକି ଡ୍ରଇଂ ରୁମରେ ବସାଇଲା ଓ ଚା ଜଳଖିଆର ବ୍ୟବସ୍ଥାକରି , ଅଙ୍କଲ୍ ଙ୍କ ପାଖରେ ବସି ପଚାରିଲା, କେମିତି କଣ ଆଜି ମୋ କଥା ମନେ ପଡିଗଲା ଅଙ୍କଲ୍,ଗାଁରୁ କେବେ ଆସିଲେ ? ନାଇଁରେ ରାଜୁ,ସୁଦୁର ଆମେରିକାରେ ନିଜ ଗାଁର ଲୋକଙ୍କ ମୁହଁରୁ ପଦିଏ ମାତୃଭାଷା କାନରେ ପଡିଗଲେ ଯେ କି ଆତ୍ମତୃପ୍ତି ଆସେ ତାହା ଅନୁଭବି ବିନା କେହି ବୁଝି ପାରିବେ ନାହିଁ ।ଆଉ ତୋ ଡାଡି,ମୁଁ ଆସିବା ବେଳେ ବାରମ୍ବାର କହିଥିଲେ, ଆମ ରାଜୁକୁ ଟିକିଏ ଭେଟି ଆମ କଥା କହିବ ।ମୁଁ ଜାଣିଛି ଅଙ୍କଲ,ଡାଡିଙ୍କର ସବୁବେଳେ ସମସ୍ତଙ୍କ ଆଗରେ ଅଭିଯୋଗ,ଆମେ ତାଙ୍କୁ ଅଣଦେଖା କରୁଛୁ । କିନ୍ତୁ ପ୍ରକୃତରେ,ମୁଁ ମୋ ଡାଡି ମମିଙ୍କୁ ବହୁତ ଭଲ ପାଏ ।ମୁଁ ଆଜି ଯୋଉ ଯାଗାରେ ଅଛି,ଯାହା ହୋଇପାରିଛି ,କେବଳ ତାଙ୍କରି ପ୍ରଚେଷ୍ଟାରେ । ବାସ୍ତବ କ୍ଷେତ୍ରରେ ମୁଁ କାର୍ଯ୍ୟ ବ୍ୟସ୍ତତା ଭିତରେ, ଏତେ ଦୁରରୁ ଗାଁକୁ ଯାଇ ତାଙ୍କୁ ବାରମ୍ବାର ସାହଚର୍ଯ୍ୟ ପ୍ରଦାନ କରିପାରୁନାହିଁ କିମ୍ବା ଏଠାରେ ରଖିଲେ ମଧ୍ୟ,ତାଙ୍କ ପାଇଁ ସମୟ ଦେଇ ପାରୁନାହିଁ ।ତାପରେ ମୁଁ ତାଙ୍କୁ ଆଣି ଏଠାରେ ରଖିଲେ ମଧ୍ୟ, ସେ ଆତ୍ମ ସନ୍ତୋଷ ଲାଭ କରିପାରୁ ନାହାନ୍ତି ।ମୋର ଚାକର,ମାଳି ଡ୍ରାଇଭର ସମସ୍ତଙ୍କୁ ତାଙ୍କ ଦାୟିତ୍ୱ ତଥା ଆବଶ୍ୟକତା ପୁରଣ ନିମନ୍ତେ ସଜାଗ ରହିବା ପାଇଁ କହିଥିଲେ ମଧ୍ୟ, ମୁଁ ସମୟ ଦେଇ ପାରୁନାହିଁ । ଆପଣତ ଜାଣିଛନ୍ତି ଅଙ୍କଲ୍,ଏଠାରେ ଜୀବନର ଗତି କେତେ ଦ୍ରୁତ ଏବଂ ଯାନ୍ତ୍ରୀକ । ମଝିରେ ଡାଡି ଏଠିକି ଯାହାପାଇଁ ଆକର୍ଷିତ ହୋଇ ଚାଲି ଆସନ୍ତି,ସେ ହେଉଛି ତାଙ୍କ ନାତୀ ।ସେ ସକାଳୁ ସ୍କୁଲକୁ ଯାଇ ,ଫେରିବା ପରେ ମଧ୍ୟାହ୍ନ ଭୋଜନ ଏବଂ କିଛି ସମୟ ବିଶ୍ରାମ ପରେ ଦୁଇଦୁଇଟା ଟିଉସନ ଓ ହୋମଟ୍ୟାକ୍ସ ।ତେଣୁ ତା ସାଙ୍ଗରେ ମିଶିବା ମଧ୍ୟ ସମ୍ଭବ ହୁଏନାହିଁ ।ମୁଁ ଓ ମୋ ସ୍ତ୍ରୀ ମଧ୍ୟ କାର୍ଯ୍ୟ ବ୍ୟସ୍ତତା ଭିତରେ ତା ପାଇଁ ସମୟ ଦେଇ ପାରୁନାହିଁ ।ତେଣୁ ଡାଡିଙ୍କର ଗ୍ରାମ୍ୟ ଭାଇଚାରା ର ସ୍ମୃତି,ଗାଁରେ ଥିବା ଜମିବାଡିର ମୋହ ତଥା ସର୍ବୋପରି ଏଠାରେ ବନ୍ଦୀ ଜୀବନ ପରି ପ୍ରତୀୟମାନ ହେଉଥିବା ସମୟ ,ତାଙ୍କୁ ମାନସିକ ଶାନ୍ତି ପ୍ରଦାନ କରିପାରେନାହିଁ । ଆର୍ଥିକ ଦୃଷ୍ଟିରୁ ପ୍ରାଚୁର୍ଯ୍ୟତା ମଧ୍ୟରେ ଥିଲେ ବି,ସମୟ କ୍ଷେତ୍ରରେ ମୁଁ ଅତ୍ୟନ୍ତ ଦରିଦ୍ର ।ଡାଡି ମମିଙ୍କର କେବଳ ସମୟ ବ୍ୟତୀତ ଅନ୍ୟ ସମସ୍ତ ଆବଶ୍ୟକତା ପୁରଣ କରିବାରେ ମୁଁ କେବେ କାର୍ପଣ୍ୟତା ପ୍ରକାଶ କରିନାହିଁ ।କିନ୍ତୁ ସବୁଠାରୁ ବଡକଥା ଅଙ୍କଲ୍, ଡାଡିଙ୍କ ଦ୍ୱାରା ରୋପିତ ବୃକ୍ଷର ଫଳ ଯେ ସୁସ୍ୱାଦୁ ହେବନାହିଁ,ସେ ଏକଥା କଳ୍ପନା କରିନଥିଲେ । ସୁବର୍ଣ ପଞ୍ଜୁରୀରେ ସ୍ୱର୍ଣ ଶୁକପକ୍ଷୀ ଯେ କେବଳ ଦର୍ଶନ ସୁଖ ପ୍ରଦାନ କରିବ,ଏହା କେବେ ସୁମଧୁର ସ୍ୱରରେ ଗାନ କରି ପାରିବ ନାହିଁ, ଏହା ଥିଲା ତାଙ୍କ ଚିନ୍ତାର ବାହାରେ ।ପିଲାଦିନୁ ସ୍ନେହ, ଶ୍ରଦ୍ଧା ଓ ନୈତିକ ଶିକ୍ଷାରୁ ବଂଚିତ କରି, ମୋତେ ଗୋଟିଏ ଅର୍ଥ ରୋଜଗାରର ମେସିନ କରିବାର ଇଚ୍ଛା ତାଙ୍କର ସାକାର କରିପାରିଛନ୍ତି । ଡାଡି ମମିଙ୍କର ସମୟାଭାବ ଯୋଗୁଁ,ପିଲାଦିନେ ଆୟା କୋଳର ଆନ୍ତରିକତା ବିହୀନ ଯତ୍ନ ଏବଂ କୈଶୋର ଅବସ୍ଥାରେ ଆବାସିକ ବିଦ୍ୟାଳୟରେ ଅଧ୍ୟୟନ, ମୋର ସ୍ନେହ, ଶ୍ରଦ୍ଧା, ଦୟା, ସମବେଦନା, ସହାନୁଭୁତି ରୁପକ ନିର୍ଝରିଣୀକୁ ପ୍ରାୟତଃ ଶୁଷ୍କ କରିଦେଇଛି ।ପିଲାଦିନେ ସାଙ୍ଗସାଥୀ ମାନଙ୍କ ସହିତ ନମିଶିବା ପାଇଁ ଡାଡି ମମିଙ୍କର କଡାତାଗିଦା,ମୋତେ ସେମାନଙ୍କ ଦୃଷ୍ଟିରେ ଅସାମାଜିକ ଓ ସ୍ୱାର୍ଥପର କରିଦେଇଛି । ଖେଳକୁଦ, ମନୋରଞ୍ଜନ ତଥା ଭ୍ରମଣ ପରି କାର୍ଯ୍ୟରୁ ବଂଚିତ କରି ମୋତେ କେବଳ ପାଠପଢିବାକୁ ବାଧ୍ୟ କରି ମାନସିକ ନିର୍ଯ୍ୟାତନା ଦିଆଯାଉଥିଲା । କାହାପୁଅ ବଡ ଡାକ୍ତର,କାହାପୁଅ ବିଦେଶରେ ରହୁଛି,କାହାର କେତେ ବଡ ବଙ୍ଗଳା,କାହାର କେତେ ଦାମୀ ଗାଡି ଇତ୍ୟାଦି କଥା ମୋର କର୍ଣଗହ୍ୱରରେ ସର୍ବଦା ଗୁଞ୍ଜରଣ ସୃଷ୍ଟି କରିଛି । ଗାଁ ସାଥୀ ମାନଙ୍କର ବାପାବୋଉ ଡାକର ଆତ୍ମୀୟତା ଭିତରେ ମୋର ଯାନ୍ତ୍ରୀକ ଡାଡିମମି ଡାକର ତୁଳନା ମୋତେ ଭୀଷଣ ଭାବରେ ମର୍ମାହତ କରିଛି । ବିଦ୍ୟାଧ୍ୟୟନ ସମୟରେ ଅଭିଭାବକ ବୈଠକରେ ,ଅନ୍ୟ ସାଥୀମାନଙ୍କର ପିତାମାତାଙ୍କ ଉପସ୍ଥିତି ସତ୍ତ୍ୱେ ,ମୋର ଡାଡିମମିଙ୍କ ଅନୁପସ୍ଥିତି, ମୋତେ କେତେ ମାନସିକ ଆଘାତ ଦେଇଛି, ତାହା ଥିଲା ଡାଡିମମିଙ୍କ ଅନୁଭବର ଉର୍ଦ୍ଧ୍ୱରେ ।ପରୀକ୍ଷାରେ ଯେତେ ଭଲ କରିଥିଲେ ମଧ୍ୟ, ପ୍ରଗତି ପତ୍ର ଦେଖାଇବା ବେଳେ , ଡାଡିଙ୍କର ଭତ୍ସନା ମୋ ପାଇଁ ଥିଲା ଧାର୍ଯ୍ୟ ।ଆଜିବି ମୋର ମନେପଡେ ସେଦିନର ଜେଜେ ବାପା ଓ ଜେଜେମାଙ୍କର ଲୋତକପ୍ଳାବିତ ଚକ୍ଷୁ ଏବଂ ଅସହାୟତା ।ମୋତେ କୋଳରେ ଧରିବାର ଆଗ୍ରହ ଉକ୍ରଣ୍ଠା ତାଙ୍କ ମରି ଯାଇଥିଲା ମମିଙ୍କର ବାରଣ ନିମନ୍ତେ । ଅତ୍ୟଧିକ ସ୍ନେହ କରି ତାକୁ ଅମଣିଷ କରିଦିଅନ୍ତୁ ନାହିଁ ।ଅଙ୍କଲ୍,ମୁଁ କଣ ଆଜି ମଣିଷ ହୋଇନାହିଁ,ଅମଣିଷ ହୋଇଯାଇଛି । ଡାଡିଙ୍କୁ ପଚାରିବେ ମୁଁ କଣ ତାଙ୍କର ସ୍ୱପ୍ନକୁ ସାକାର କରିନାହିଁ ?ମୋର ଡେଣାକୁ ଶକ୍ତ କରି ସିଏ,ମୋତେଉପରକୁ ଉଡିବାର କୌଶଳ ଶିକ୍ଷା ପ୍ରଦାନ କରିଛନ୍ତି । ମୁଁ କିନ୍ତୁ ଏତେ ବେଶୀ ଉପରକୁ ଉଡିଯାଇଛି ଯେ, ଆଉ ଇଚ୍ଛା କଲେବି ତଳକୁ ଆସିବାର ଉପାୟ ହରାଇ ବସିଛି । ଅନ୍ୟ ମାନଙ୍କ ଆଗରେ ମୋର କୃତୀତ୍ୱ ବଖାଣି ସେ ବେଶ୍ ଆମୋଦିତ ହୁଅନ୍ତି ବୋଲି,ମୁଁ ଅନୁଭବ ମଧ୍ୟ କରିଛି ।କିନ୍ତୁ ଦୁଃଖର ସହିତ କହୁଛି ଅଙ୍କଲ୍,ଉଗ୍ର ଆଧୁନିକତାର ଅକ୍ଟୋପାସ୍ ପଞ୍ଜାରେ ମୁଁ ଆଜି ସମ୍ପୂର୍ଣ କବଳିତ,ଅତ୍ୟଧିକ ଅର୍ଥ ରୋଜଗାର କରିବାର ଦୁର୍ବାର ଲାଳସା,ମୋତେ ଅନ୍ଧ ଏବଂ ଶ୍ୱାସରୁଦ୍ଧ କରିଦେଇଛି ।ମୋର ପୁଅ ମଧ୍ୟ ଆମ ପାଇଁ କଣ କରିବ, ତାହା ଆମେ ଜାଣି ମାନସିକ ପ୍ରସ୍ତୁତି ହୋଇସାରିଛୁ । ଏଠାକାର ପିତାମାତା ମାନେ, ବୟସ୍କ ପୁତ୍ର ମାନଙ୍କ ଉପରେ ନିର୍ଭରଶୀଳ ନହୋଇ, ଦେୟପୈଠ ଜରାନିବାସରେ ସ୍ୱତନ୍ତ୍ର ଯତ୍ନ ପାଇ ଆନନ୍ଦରେ ସମୟ ଅତିବାହିତ କରୁଛନ୍ତି ।ମୁଁ ଡାଡିଙ୍କ ପାଖକୁ ତାଙ୍କର ସ୍ୱାଛନ୍ଦ ଚଳଣି ନିମନ୍ତେ ଆବଶ୍ୟକୀୟ ଅର୍ଥ ପଠାଉଛି ଓ ସହାୟତା ନିମନ୍ତେ ଗୋଟିଏ ଚାକର ଓ ରୋଷେୟା ନିଯୁକ୍ତି କରିଦେଇଛି ।ମୁଁ ଆଉ ଅଧିକ କଣ କରିପାରିବି କୁହନ୍ତୁତ ଅଙ୍କଲ୍ ? ସମାଜରେ ଏହିପରି ଅନେକ ଅବହେଳିତ ପିତା ମାନଙ୍କର ଆମେସବୁ ଅସହାୟ ପୁତ୍ର ।

# କର୍କଟ ରୋଗ ପାଇଁ ସଚେତନତା




ଭାରତୀୟ ଖାଦ୍ୟରେ ଭାତ ପ୍ରମୁଖ ସ୍ଥାନରେ ରହିଛି । ବିଭିନ୍ନ ପ୍ରାନ୍ତରରେ ଭିନ୍ନଭିନ୍ନ ସୁଆଦର ଭାତ ରନ୍ଧା ଯାଇଥାଏ ।ସର୍ବେକ୍ଷଣରୁ ଜଣାପଡ଼ିଛି, ପ୍ରାୟ ୮୧% ଭାରତୀୟ ପରିବାରରେ ଦୈନିକ ୨ ଓଳି ଭାତ ଖିଆଯାଏ । ଏବେ ଭାରତ ନୁହେଁ, ବିଶ୍ୱର ଅନ୍ୟ ପ୍ରାନ୍ତରେ ମଧ ଭାତର ବିଭିନ୍ନ ବ୍ୟଞ୍ଜନ ଯେପରି 'କଡ଼ି ଚାଓ୍ୱଲ', ବିରିୟାନୀ', 'ଭେଜ ପୁଲାଓ', 'ଫ୍ରାଇଡ୍ ରାଇସ୍' ।ଇତ୍ୟାଦିର ଆଦର ବଢ଼ୁଛି ।ଇଂଲଣ୍ଡର କ୍ୱିନ୍ସ ବିଶ୍ୱବିଦ୍ୟାଳୟର ଗବେଷକଦଳର ଚାଉଳ ଉପରେ ଗବେଷଣା କରି କହିଛନ୍ତି ଯେ ଭାତ ରାନ୍ଧିବା ପୂର୍ବରୁ ଚାଉଳକୁ ୨୦-୨୫ ମିନିଟ ବତୁରାଇ ରଖନ୍ତୁ । ଏପରି କଲେ ସେଥିରେ ଥିବା ବିଭିନ୍ନ ପ୍ରକାର ରାସାୟନିକ ତତ୍ତ୍ୱମାନ ବାହାରିଆସେ । ଗବେଷକଙ୍କ ମତରେ ଚାଷ ସମୟରେ ଉତ୍ତମ ଫସଲ ନିମନ୍ତେ କୃଷକ ବିଭିନ୍ନ ପ୍ରକାରର କୀଟନାଶକ ପ୍ରୟୋଗ କରେ । ତନ୍ମଧ୍ୟରୁ ଆର୍ସେନିକ ଅନ୍ୟତମ । ସଂଖ୍ୟାଧିକ ପ୍ରଜାତିର ଚାଉଳରେ ଏହା ମହଜୁଦ୍ ଥାଏ । ଏହି ଆର୍ସେନିକ କାରଣରୁ କର୍କଟ ହେବାର ଆଶଙ୍କା ସର୍ବାଧିକ । ଏଥିରୁ ବର୍ତ୍ତିବାକୁ ହେଲେ ନିଜେ ସଚେତନ ହେବା ଜରୁରୀ । ଏଣୁ ଚାଉଳକୁ ବତୁରାଇବାର କିଛି ସମୟ ପରେ ତାକୁ ରାନ୍ଧନ୍ତୁ । ଗାଁ ଗହଳିରେ ସାଧାରଣତଃ ଏଇ ଚାଉଳ, ଡାଲି ବତୁରାଇବାର ପରମ୍ପରା କେବେଠାରୁ ରହିଆସିଥିଲା ।ତେବେ ଆମ ସହରୀ ସଭ୍ୟତାର ସବୁକିଛି ତତ୍ପରତା ସହ କରିବାବେଳେ ଆମେ ଏସବୁ ପୁରାତନ ପ୍ରକ୍ରିୟାକୁ ଅଣଦେଖା କରିଥାଏ ।




# ଥଣ୍ଡା, ଛିଙ୍କରୁ ରକ୍ଷା ପାଇବାର ଘରୋଇ ଉପଚାର



ଶୀତଦିନେ ପିଲାଠାରୁ ବଡ଼ ସମସ୍ତେ ଥଣ୍ଡା ରୋଗରେ ଆକ୍ରାନ୍ତ ହୁଅନ୍ତି । ଏ ବାବଦରେ ସଚେତନ ରହିବା ସତ୍ତ୍ୱେ ଥଣ୍ଡା ସଂକ୍ରମଣରୁ ରକ୍ଷା ପାଇବା ଏତେ ସହଜ ହୋଇନଥାଏ । ତେବେ ଔଷଧ ଖାଇବା ପୂର୍ବରୁ କୋଟୋଟି ଘରୋଇ ଉପଚାର କରିନେବା ଭଲ ।

ସକାଳୁ ନାକ ବନ୍ଦ ହୋଇ ବାରମ୍ବାର ଛିଙ୍କ ହେଉଥିଲେ, ପ୍ରଥମେ ମିଶ୍ରି, ଅଦା ତେଜପତ୍ର ଫୁଟା ଉଷୁମ ପାଣି ପିଇନ୍ତୁ । ପରେ ଜଳଖିଆ ଖାଇବା ଉଚିତ । ଏହି ଉଷୁମ ପାଣି ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଥଣ୍ଡାରୁ ରକ୍ଷା କରେ ।

ମହୁ, ଆୟୁର୍ବେଦରେ ମହୁକୁ ଅମୃତ ଭାବେ ବର୍ଣ୍ଣନା କରାଯାଇଛି । ଶୁଦ୍ଧ ମହୁ ପିଲାଙ୍କୁ ଖୁଆଇବା ଖୁବ୍ ହିତକାରୀ । ଅନ୍ୟପାଖେ ଶୀତଦିନେ ରାତିବେଳା ଭୋଜନ ପରେ ୧ ଗିଲାସ ନଖ ଉଷୁମ ଖିରରେ ୧ଚାମଚ ଶୁଦ୍ଧ ମହୁ ମିଶାଇ ପିଇଲେ ତାହା ଥଣ୍ଡାରୁ ରକ୍ଷା କରେ ।ଯୁବବର୍ଗ ଓ ବୟସ୍କ ନିୟମିତ ଭାବେ ଏଇ ପାନୀୟ ପିଇଲେ ହଜମ ଶକ୍ତି ମଧ ଭଲ ଭାବେ ହୁଏ ।



ପ୍ରାୟ ୫ହଜାର ବର୍ଷ ପୂର୍ବେହିଁ ଅଁଳାର ବ୍ୟବହାର ହୋଇଥିବାର ବିଶେଷଜ୍ଞ ଦଳ ପ୍ରକାଶ କରିଛନ୍ତି । ଥଣ୍ଡା, ଛିଙ୍କ କବଳରୁ ରକ୍ଷା ପାଇବାକୁ ଚାହୁଁଥିଲେ ସକାଳ ଓ ସନ୍ଧ୍ୟାରେ ଅଁଳା ଫଳ ଖାଆନ୍ତୁ । ନଚେତ ଅଁଳା ଗୁଣ୍ଡ ମଧ ନଖ ଉଷୁମ ପାଣିରେ ଖାଇଲେ ତାହାର ଉତ୍ତମ ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼େ ।

# ଗ୍ରାଇଣ୍ଡରର ଯତ୍ନ




ରୋଷେଇ ଘରର ମର୍ଯ୍ୟାଦା ବୃଦ୍ଧିରେ ଗ୍ରାଇଣ୍ଡରର ଭୂମିକା ଅନସ୍ୱୀକାର୍ଯ୍ୟ । ଏହା କେବଳ ରୋଷେଇ ଘରର ମର୍ଯ୍ୟାଦା ବୃଦ୍ଧି କରେନାହିଁ, ପରନ୍ତୁ ଏହା ଗୃହିଣୀର କାମକୁ ଅଧିକ ସରଳ କରିଥାଏ । ସହରର ପ୍ରାୟତଃ ସବୁ ରୋଷେଇ ଘରେ ଶୋଭା ପାଉଥିବା ବେଳେ ଗ୍ରାମାଞ୍ଚଳର ଅନେକ ରୋଷେଇ ଘରେ ମଧ ଏହା ଦେଖିବାକୁ ମିଳୁଛି । ରୋଷେଇକୁ ସହଜ କରିବାରେ ଏହି ଯନ୍ତ୍ର ଅନେକ ସାହାଯ୍ୟ କରୁଥିବା ବେଳେ ଏହାକୁ ଯତ୍ନରେ ରଖିବା ନୀତି ଦରକାର । ସର୍ବଦା ଏହା କିପରି ଭଲ କଣ୍ଡିସନରେ ରହିବ ତାହା ଉପରେ ନଜର ଦେବା ଦରକାର । ଅନ୍ୟଥା ଏହା ଅଳ୍ପ ଦିନରେ ଖରାପ ହୋଇଯିବ ଏବଂ ଆପଣ ବାରମ୍ବାର ମେକାନିକ ପାଖକୁ ଯିବେ ବା ନୂଆ କିଣିବାର ଯୋଜନା କରିବେ । ତେଣୁ ସବୁଠାରୁ ଭଲ ହେବ ଆପଣ ସ୍ମାର୍ଟ ଶ୍ରୀମତର ହୋଇ ଏହାର ସଠିକ୍ ଯତ୍ନ ନେବା । ଗ୍ରାଇଣ୍ଡରକୁ ଚଳାଇବା ପୂର୍ବରୁ ଜାରକୁ ଠିକ୍ ଭାବେ ସେଟ୍ କରନ୍ତୁ । ନଚେତ୍ ବ୍ଲେଡ୍ ଭାଂଗିଯାଇପାରେ । ଗରମବ ଜିନିଷକୁ ଗ୍ରାଇଣ୍ଡରରେ ପେଷିବାରୁ ବିରତ ରୁହନ୍ତୁ । ଗ୍ରାଇଣ୍ଡରକୁ ଆରମ୍ଭରୁ ପୁରା ସ୍ପିଡରେ ଚଲାନ୍ତୁ ନାହିଁ କି ପୁରା ସ୍ପିଡରେ ବନ୍ଦ କରନ୍ତୁ ନାହିଁ । ଏହାଦ୍ୱାରା ମେସିନ୍ ଉପରେ ଚାପ ପଡ଼ିବ ଓ ଗ୍ରାଇଣ୍ଡର ଖରାପ ହୋଇଯିବାର ସମ୍ଭାବନା ବଢ଼ିଯିବ । ଗ୍ରାଇଣ୍ଡରକୁ ଅଧିକ ଦିନ ଚାଲିବାକୁ ଚାହୁଁଥିଲେ ତାକୁ ଏଭଳି ଚଲାନ୍ତୁ । ପ୍ରଥମେ ଧିର ତାପରେ ମଧ୍ୟମ ଓ ଶେଷରେ ଦ୍ରୁତ ଗତିରେ ଚଲାନ୍ତୁ । ଠିକ୍ ସେହିଭଳି ବନ୍ଦ କଲାବେଳେ ଦ୍ରୁତ ଗତିରେ ଥିଲେ ତାକୁ ମଧ୍ୟମକୁ ଆଣନ୍ତୁ ଓ ଧିର ଗତିକୁ ଆଣି ବନ୍ଦ କରନ୍ତୁ । ଗ୍ରାଇଣ୍ଡର ଚଳାଇବା ସମୟରେ ଜାର ଘୋଡ଼ଣୀ ଉପରେ ହାଲକା ଚାପା ଦେଇ ହାତ ରଖନ୍ତୁ । ପେଷିଲା ବେଳେ ଜାରରେ ଅଧାରୁ ଅଧିକ ସାମଗ୍ରୀ ଭରନ୍ତୁ ନାହିଁ । ଅଧାରୁ ଅଧିକ ସାମଗ୍ରୀ ରହିଲେ ଏହା ମେସିନ୍ ଉପରେ ଅଧିକ ଚାପ ପକାଇଥାଏ । ସାମଗ୍ରୀ ମଧ ଠିକ୍ ଭାବେ ପେଷି ହୋଇନଥାଏ । ବ୍ୟବହାର ପରେ ଗ୍ରାଇଣ୍ଡର ପ୍ଲଗ ବାହାର କରିଦିଅନ୍ତୁ । ପ୍ଲଗ ଲାଗି ରହିଲେ । ଲଗାତର ବିଦ୍ୟୁତ ପ୍ରବାହିତ ହେବ । ଫଳରେ ଗ୍ରାଇଣ୍ଡର କାର୍ଯ୍ୟଦକ୍ଷତା ବ୍ୟାହତ ହେବାର ସମ୍ଭାବନା ଦେଖାଦେବ ।

# ଇଣ୍ଟରଭ୍ୟୁ ଗେଟଅପ୍

**ସବୁ ଆଶାୟୀ ପ୍ରାର୍ଥୀ ଜବ୍ ଇଣ୍ଟରଭ୍ୟୁରେ ଭଲ କରିବାକୁ ଚାହାନ୍ତି । ଏଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ନିଜର ବେଷ୍ଟ ଦେବା ସତ୍ତ୍ୱେ କେବେ କେବେ ସଫଳତା ମିଳିନଥାଏ । ଏହା ପଛରେ ଅନ୍ୟ ଏକ କାରଣ ହେଉଛି ଗେଟଅପ୍ । ଏହା ମଧ ପର୍ସନାଲିଟିକୁ ପ୍ରଭାବିତ କରିଥାଏ । ତେଣୁ ଜବ୍ ଇଣ୍ଟରଭ୍ୟୁ ପାଇଁ ଯାଉଥିଲେ କିପରି ତେଣୁ ଜବ୍ ଇଣ୍ଟଭ୍ୟୁ ପାଇଁ ଯାଉଥିଲେ କିପରି ଗେଟଅପ୍ ନେବେ ଜାଣି ରଖନ୍ତୁ...**

ଯଦି ଆପଣ ଆକାଉଣ୍ଟ, ଫାଇନାନ୍ସ, ଲ', କନ୍ସଲ୍ଟାନ୍ସି ଭଳି ଇଣ୍ଡଷ୍ଟ୍ରିରେ ଇଣ୍ଟରଭ୍ୟୁ ପାଇଁ ଯାଉଥାନ୍ତି ତେବେ ଫର୍ମାଲ ଡ୍ରେସ୍ ବାଛନ୍ତୁ । କେତେକ ସ୍ଥାନରେ ଇଣ୍ଟରଭ୍ୟୁ ପାଇଁ ଡ୍ରେସକୋଡ୍ ଲାଗୁ କରାଯାଇଥାଏ, ଯଦି ସେପରି ହୋଇଥାଏ ତାହାକୁ ପିନ୍ଧନ୍ତୁ ନଚେତ୍ ପ୍ଲେନ୍ ଶାର୍ଟ ସହିତ ଫର୍ମାଲ ପ୍ୟାଣ୍ଟ ଏବଂ ବ୍ଲେଜର ପିନ୍ଧନ୍ତୁ । ତା ସହିତ କାଜୁଆଲ ପରିବର୍ତ୍ତେ ଫର୍ମାଲ ଜୋତା ବାଛନ୍ତୁ । କାର୍ପୋରେଟ୍ ଇଣ୍ଡଷ୍ଟ୍ରୀ ଇଣ୍ଟରଭ୍ୟୁ ପାଇଁ ମଧ ଏହି ଗେଟଅପ୍ ପରଫେକ୍ଟ ।

ଆଡଭର୍ଟାଇଜିଂ, ଗ୍ରାଫିକ୍ ଡିଜାଇନ୍, ମ୍ୟୁଜିକ୍ ଆଦି ଭଳି କ୍ରିଏଟିଭ୍ ଇଣ୍ଡଷ୍ଟ୍ରିରେ ଇଣ୍ଟରଭ୍ୟୁ ଥିଲେ ଏଭଳି ଗେଟଅପ୍ ବାଛନ୍ତୁ ଯାହା ଆପଣଙ୍କୁ ଡିସେଣ୍ଟ ଲୁକ୍ ଦେବା ସହ କ୍ଲାସି ମଧ ଲାଗିବ । ଏଥିରେ ଆପଣ ଫର୍ମାଲ ସହିତ କାଜୁଆଲ ଡ୍ରେସକୁ ମିକ୍ସ ମ୍ୟାଚ୍ ବି କରିପାରିବେ ।

ଯଦି କୌଣସି ଫ୍ୟାଶନ ବା ଗ୍ଲାମର ଇଣ୍ଡଷ୍ଟ୍ରିରେ ଇଣ୍ଟରଭ୍ୟୁ ଦେବାକୁ ଯାଉଛନ୍ତି ତେବେ ସେଥିପାଇଁ ଷ୍ଟାଇଲିସ୍ କାଜୁଆଲ ଗେଟଅପ୍ ବାଛି ପାରିବେ ତାହା ଟ୍ରେଣ୍ଡି ହୋଇଥିଲେ ଆପଣ ଲାଟେଷ୍ଟ ଫ୍ୟାଶନ୍ ସହ ଅପଡେଟ ଅଛନ୍ତି ବୋଲି ଜଣାପଡ଼ିଥାଏ । ଏହା ସହିତ ପରଫେକ୍ଟ ଜୋତା ଏବଂ ଆସେସରିଜ ବାଛିବା ବି ଗୁରୁତ୍ୱପୂର୍ଣ । ତେବେ ମନେରଖନ୍ତୁ ଟ୍ରେଣ୍ଡି ଲାଗିବା ନିଶାରେ ଏମିତି ଆଉଟଫିଟ୍ ବାଛନ୍ତୁ ନାହିଁ ଯାହା ଆପଣଙ୍କ ପର୍ସନାଲିଟିକୁ ସୁଟ୍ କରୁନଥିବ ।



ଯେଉଁ ବି ଫିଲ୍ଡରେ ଇଣ୍ଟରଭ୍ୟୁ ଥାଉ ନା କାହିଁକି କେବେ ଆବଶ୍ୟକରୁ ଅଧିକ ଗର୍ଜିଅସ୍ କିମ୍ବା ଟ୍ରାଡସନାଲ ପୋଷାକ ବାଛନ୍ତୁ ନାହିଁ । ଇଣ୍ଟରଭ୍ୟୁ ପାଇଁ ସର୍ବଦା ସଫା ଏବଂ ଆଇରନ୍ ଦିଆହୋଇଥିବା ପୋଷାକ ବ୍ୟବହାର କରନ୍ତୁ। ରେଡ୍, ପିଙ୍କ, ୟୋଲୋ ଭଳି ବୋଲ୍ଡ କଲର ପୋଷାକ ପରିବର୍ତ୍ତେ ହ୍ୱାଇଟ୍ , ବ୍ଲୁ, ବ୍ଲାକ୍, ଗ୍ରେ ଭଳିଫର୍ମାଲ କଲର ପୋଷାକ ପିନ୍ଧନ୍ତୁ । ପୋଷାକ ଅନୁସାରେ ହିଁ ଜୋତା ବାଛନ୍ତୁ । ଅଧିକ ଷ୍ଟାଇଲିଶ୍ କିମ୍ବା ଶବ୍ଦ କରୁଥିବା ଜୋତା ପିନ୍ଧିବା ଦ୍ୱାରା ଏହା ଆପଣଙ୍କ ପର୍ସନାଲିଟି ପରେ ନକାରାତ୍ମକ ପ୍ରଭାବ ପକାଇଥାଏ ।



ଇଣ୍ଟରଭ୍ୟୁ ପାଇଁ ଯାଉଥିଲେ ଆବଶ୍ୟକରୁ ଅଧିକ ମେକଅପ୍ କିମ୍ବା ଜୁଏଲେରି ବ୍ୟବହାର କରନ୍ତୁ ନାହିଁ ।

# ......ସ୍ୱାଦ ରହିବ......

*ଖାଦ୍ୟ ପ୍ରସ୍ତୁତି ସମୟରେ କେତେକ ଦିଗ ପ୍ରତି ଦୃଷ୍ଟି ଦେବା ଜରୁରୀ । ଏହା ସହିତ ନଷ୍ଟ ହୋଇଯାଇଛି ବୋଲି ଭାବୁଥିବା କେତେକ ସାମଗ୍ରୀ ମଧ ଆବଶ୍ୟକ ସମୟରେ ପୁନଃ ବ୍ୟବହାର ଯୋଗ୍ୟ ହୋଇପାରେ । ଏ ସମ୍ପର୍କରେ ଜାଣିରଖନ୍ତୁ -*

- କେକ୍ ପ୍ରସ୍ତୁତ କରୁଥିଲେ ୧ ଚାମଚ ଚିନି ସୁନେଲି ରଙ୍ଗର ହେବା ପର୍ଯ୍ୟନ୍ତ ଭାଜି ଏହାକୁ କେକ୍ ମିଶ୍ରଣରେ ଭଲଭାବେ ମିଶଶଇ ଦିଅନ୍ତୁ । ରଙ୍ଗ ଭଲ ଦେଖାଯିବ ।
- ଲେମ୍ବୁ ପଡ଼ିପଡ଼ି ଶୁଖିଯାଇଥିଲେ ଏହାକୁ ବ୍ୟବହାର କରିବାର ୫ମିନିଟ ପୂର୍ବରୁ ଗରମ ପାଣିରେ ବୁଡ଼ାଇ ରଖିବେ । ଲେମ୍ବୁ ପୁଣି ସତେଜ ଲାଗିବ ।
- ଡାଲି କରୁଥିବା ସମୟରେ ସେଥିରେ ୧ଚିମୁଟା ହଳଦି ଏବଂ ମ ଟୋପା ବାଦାମ ତେଲ ପକାଇଦେବେ । ଡାଲିର ସ୍ୱାଦ ବଢ଼ିଯିବ ।
- ରାତିରେ ଯଦି ବୁଟ ଭିଜାଇବାକୁ ଭୁଲି ଯାଇଥାନ୍ତି, ତେବେ ସକାଳୁ ରୋଷେଇ କରିବା ପୂର୍ବରୁ ଏହାକୁ ଘଣ୍ଟାଏ ଗରମ ପାଣିରେ ଭିଜାଇଦେବେ ।
- ଶୁଖିଲା ଲଙ୍କା ରଖୁଥିବା ଡବାରେ ଚିମୁଟାଏ ହେଙ୍ଗୁ ପକାଇଦେଲେ ଲଙ୍କା ଶୀଘ୍ର ଖରାପ ହୁଏ ନାହିଁ ।

# ଅଳଙ୍କାର ସଫେଇ ନାମରେ ଲୁଟ

ବାରିପଦା,୧୦।୧୨ (ନି.ପ୍ର): ବାରିପଦା ପୌରବାସୀଙ୍କୁ ଟାର୍ଗେଟ କରିଛି ଲୁଟେରା । ପ୍ରଥମେ ବ୍ୟାଙ୍କରୁ ଟଙ୍କା ଉଠାଉଥିବା ବ୍ୟକ୍ତିଙ୍କୁ ଟାର୍ଗେଟ କରି ସେମାନଙ୍କ ନିକଟରୁ ଟଙ୍କା ଲୁଟ କରୁଛି ପୁଣି କେତେବେଳେ ବ୍ୟବସାୟୀଙ୍କୁ ବନ୍ଧୁକରେ ଆକ୍ରମଣ କରି ଟଙ୍କା ଲୁଟି ନେଇଯାଉଛି । ବର୍ତମାନ ଘରର ମହିଳାମାନଙ୍କୁ ଟାର୍ଗେଟ କରି ସେମାନଙ୍କ ନିକଟରୁ ଅଳଙ୍କାର ସଫା କରିବା ଆଳରେ ଗହଣା ଲୁଟ କରିବା ଆରମ୍ଭ କରିଛି । ଏହିଭଳି ଏକ ଘଟଣା ଆଜି ବାରିପଦା ପୌରପରିଷଦର ୧୪ ନମ୍ବର ୱାର୍ଡ଼ ତୁଳସୀଚଉରା ଅଂଚଳରେ ଘଟିଥିବାର ଜଣାପଡ଼ିଛି । ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ସନାତନ କର ବାରିପଦା ସହରର ତୁଳସୀଚଉରାସ୍ଥିତ କ୍ଷେତ୍ରମୋହନ ରଣାଙ୍କ ଘରେ ଭଡ଼ାରେ ରହି ଅଟୋ ଚଳାଇ ପରିବାର ଭରଣପୋଷଣ କରିଥାଏ । ଆଜି ପୂର୍ବାହ୍ନ ପ୍ରାୟ ସାଢ଼େ ଦଶ ସମୟରେ ସନାତନ କର ଓ ଘରର ମାଲିକ କ୍ଷେତ୍ରମୋହନ ଓ କ୍ଷେତ୍ରମୋହନଙ୍କ ସ୍ତ୍ରୀ ଘରେ ନ ଥିବା ସମୟରେ ଜଣେ ଅପରିଚିତ ବ୍ୟକ୍ତି ପହଁଚି ଧାତୁ ସଫା କରିଦେବ ବୋଲି କହିଥିଲା । ପ୍ରଥମେ ପିତଳ ଧାତୁରେ ନିର୍ମିତ ଜିନିଷକୁ ସଫାଇ କରାଇ କଥାବାର୍ତାରେ ଘରର ମହିଳାମାନଙ୍କୁ ପ୍ରଭାବିତ କରାଇବାରେ ସଫଳ ହେବା ପରେ ସୁନା ଅଳଙ୍କାର ସଫାଇ କରାଇ ଦେବ ବୋଲି କହିବାରୁ ସନାତନଙ୍କ ସ୍ତ୍ରୀ ରଶ୍ମିତା କର ଓ କ୍ଷେତ୍ରମୋହନଙ୍କ ଝିଅ ଲପିତା ରଣାଙ୍କ ନିକଟରୁ ଗୋଟାଏ ସୁନା ହାର, ସୁନାରେ ନିର୍ମିତ ଲକେଟ ଓ କାନଫୁଲ ଲୁଟି ଫେରାର ହୋଇଯାଇଥିଲା । ଖବର ପାଇ ସନାତନ ଘରେ ପହଁଚି ସମସ୍ତ ବିଷୟ ଅବଗତ ହେବା ପରେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଥିବାର ଜଣାପଡ଼ିଛି ।

# ନରବଳୀ ନିମନ୍ତେ ପିଲା ଚୋରୀ ଉଦ୍ୟମ ଅଭିଯୋଗ : ଜଣେ ଗିରଫ

## ପୁଲିସ ବିଭାଗ ଡ଼ିଏସପି ଘଟଣାସ୍ଥଳରେ ପହଁଚି ତଦନ୍ତ ଜାରି ରଖିଛନ୍ତି

ବାରିପଦା,୧୦।୧୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକ ଅଧୀନ କଳାବାଡ଼ିଆ ଓ କୁଳିଅଣା ବ୍ଲକର କୁଳିଅଣାଠାରେ ୨୨ କୋଟି ୯୯ ଲକ୍ଷ ଟଙ୍କାର ବ୍ୟୟ ଅଟକଳାରେ ୩ଟି ଗଳା ପୋଲର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ହରିଆଣା ରାଜ୍ୟର ଇ ୫ ଇନଫ୍ରାଷ୍ଟ୍ରକଚର କମ୍ପାନୀ ଉକ୍ତ ଗଳା ପୋଲର ନିର୍ମାଣ କାର୍ଯ୍ୟ ଟେଣ୍ଡରରେ ପାଇଛି । କମ୍ପାନୀ ପକ୍ଷରୁ ୧୮ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଜଗନ୍ନାଥଖୁଂଟା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଏକ ଅସ୍ଥାୟୀ କ୍ୟାମ୍ପ ନିର୍ମାଣ କରାଯାଇଛି ଏବଂ ସେଠାରେ କମ୍ପାନୀର ଇଞ୍ଜିନିୟର, କର୍ମଚାରୀ ଓ ଶ୍ରମିକମାନେ ରହିଛନ୍ତି । ଆଜି ଉକ୍ତ ଇ ୫ ଇନଫ୍ରାଷ୍ଟ୍ରକଚର କମ୍ପାନୀର ୩ ଜଣ କର୍ମଚାରୀ ନିକଟସ୍ଥ ଗ୍ରାମ ଆଖଡ଼ାଶାଳର ୩ ଜଣ ନାବାଳିକା ଓ ଜଣେ ନାବାଳକକୁ କେନାଲ ନିକଟରେ ବୁଲୁ ଥିବାର ଦେଖି ସେମାନଙ୍କୁ ଧରିବା ପାଇଁ ଦୌଡ଼ାଉଥିବାର ଗ୍ରାମବାସୀମାନେ ଦେଖିବାକୁ ପାଇଥିଲେ । ଏହାପରେ ନୂତନ ପୋଲ ନିର୍ମାଣ ସମୟରେ ପିଲା ବଳୀ ଦେବା ନିମନ୍ତେ କମ୍ପାନୀର କର୍ମଚାରୀମାନେ ପିଲାମାନଙ୍କୁ ଧରିବା ନିମନ୍ତେ ଦୌଡ଼ାଉଥିବା ଖବର ଗ୍ରାମରେ ପ୍ରଚାରିତ ହେବା ପରେ ଆଖଡ଼ାଶାଳ ଓ ଜଗନ୍ନାଥଖୁଂଟା ଗ୍ରାମବାସୀମାନଙ୍କ ମଧ୍ୟରେ ଉତେଜନା ଦେଖା ଦେଇଥିଲା ଏବଂ ପ୍ରାୟ ୨ ଶହରୁ ଅଧିକ ଗ୍ରାମବାସୀ ପହଁଚି କ୍ୟାମ୍ପକୁ ଘେରାଉ କରି ଦୋଷୀକୁ ଅବିଳମ୍ବେ ଗିରଫ କରାଯିବା ନିମନ୍ତେ ଦାବି କରିଥିଲେ । ଖବରପାଇ ଡ଼ିଏସପି ଯଦୁନାଥ ଜେନା ଓ ବାଙ୍ଗିରିପୋଷି ଥାନା ଅଧିକାରୀ ଦୟାନିଧି ଦାସ ସଦଳବଳେ କ୍ୟାମ୍ପ ନିକଟରେ ପହଁଚି ଅଭିଯୁକ୍ତ ୩ ଜଣଙ୍କ ମଧ୍ୟରୁ ହରିଆଣା ରାଜ୍ୟ ଭିୱାନୀ ଜିଲ୍ଲା ମୁଣ୍ଡାଲଖୁଆଡ଼ର ଜୟ ଭଗବାନ(୫୫)ଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଦୁଇ ଜଣ ଫେରାର ହୋଇଯାଇଥିଲେ । ସେମାନଙ୍କୁ ଗିରଫ କରିବା ନିମନ୍ତେ ପୁଲିସ ଉଦ୍ୟମ ଜାରି ରଖିଛି । ଏବିଷୟକୁ ନେଇ କଳାବାଡ଼ିଆ ପଂଚାୟତ ସମିତି ସଦସ୍ୟ ସନ୍ତୋଷ କୁମାର କଳିଆଙ୍କ ଲିଖିତ ଅଭିଯୋଗ କ୍ରମେ ପୁଲିସ ପକ୍ଷରୁ ଥାନାରେ ୨୦୩/୨୦୨୦ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ନରବଳି ନିମନ୍ତେ ପିଲା ଚୋରୀ ଉଦ୍ୟମ ଖବରକୁ ନେଇ ବାଙ୍ଗିରିପୋଷି ବ୍ଲକ ଅଂଚଳରେ ଏକ କୁକୁଆ ଭଲ ଖେଳାଇ ଯାଇଥିବା ବେଳେ କ୍ୟାମ୍ପର କର୍ମଚାରୀମାନେ ଏହାକୁ ଗୁଜବ ବୋଲି କହି ଖଣ୍ଡନ କରିଛନ୍ତି ।

# ଓଲଟିଲା ବସ୍ : ୩୫ ଆହତ

ବାରିପଦା,୧୦।୧୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବାମନଘାଟି ଉପଖଣ୍ଡ ଅନ୍ତର୍ଗତ ରାଇରଙ୍ଗପୁର ଗ୍ରାମାଂଚଳ ଥାନା ଅଧିନ ହାତୀବାରି ଜଙ୍ଗଲ ନିକଟରେ ଆଜି ଅପରାହ୍ନରେ ଏକ ବସ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡିବା ଫଳରେ ୩୫ ଜଣ ଯାତ୍ରୀ ଆହତ ହୋଇଛନ୍ତି । ତନ୍ମଧ୍ୟରେ ୧୦ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି । ଅଗ୍ନିଶମ ବିଭାଗର ଦୁଇଟି ଟିମ୍ ଓ ସ୍ଥାନୀୟ ଜନସାଧାରଣଙ୍କ ସହାୟତାରେ ଆହତ ଓ ଗୁରୁତର ମାନଙ୍କୁ ଉଦ୍ଧାର କରାଯାଇ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ତନ୍ମଧ୍ୟରୁ ଜଣେ ନାବାଳିକା ସମେତ ତିନି ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ସେମାନଙ୍କୁ ଅଧିକ ଚିକିତ୍ସା ନିମନ୍ତେ ବାରିପଦା ପିଆରଏମ୍ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି ।

ବସ୍ ଟି ରାଇରଙ୍ଗପୁରରୁ ପ୍ରାୟ ୪୦ ଜଣ ଯାତ୍ରୀଙ୍କୁ ନେଇ ବାରିପଦା ଅଭିମୁଖେ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା ।

# ଗଛରେ ପିଟିଲା ବାଇକ୍ : ବାପପୁଅ ମୃତ

ଢ଼େଙ୍କାନାଳ,୧୦।୧୨ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍ ଅନ୍ତର୍ଗତ ବିଜାଡ଼ିହି ଛକ ନିକଟରେ ଆଜି ପୂର୍ବାହ୍ନରେ ଏକ ବାଇକ୍ ଭାରସାମ୍ୟ ହରାଇ ଗଛରେ ଧକ୍କା ଦେବା ଫଳରେ ବାପାପୁଅଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବାପା ରମଣୀ ରଞ୍ଜନ ମଲ୍ଲିକ ଓ ପୁଅ ସୁବ୍ରତ ରଞ୍ଜନ ମଲ୍ଲିକ । ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଁଚି ଉଭୟଙ୍କ ମୃତଦେହ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

# ଶ୍ରୀମନ୍ଦିର ଖୋଲିବା ପ୍ରସଙ୍ଗ : ଆସନ୍ତା ୧୨ ରେ ଛତିଶା ନିଯୋଗ ବୈଠକ

ପୁରୀ,୧୦।୧୨ (ନି.ପ୍ର): ଶ୍ରୀମନ୍ଦିର ଖୋଲିବା ପ୍ରସଙ୍ଗ ନେଇ ଆସନ୍ତା ୧୨ ତାରିଖରେ ବସିବ ଛତିଶା ନିଯୋଗ ବୈଠକ । ଏନେଇ ସମସ୍ତ ନିଯୋଗର କର୍ମକର୍ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚିଠି କରାଯାଇଛି । ଏହି ଦିନ ମଧ୍ୟାହ୍ନ ୧୨ ଟାରେ ନିଳାଦ୍ରୀ ଭକ୍ତ ନିବାସରେ ବୈଠକ ଅନୁଷ୍ଠିତ ହେବ । ବୈଠକରେ ମଧ ପହିଲି ଭୋଗ ନୀତି, ମକର ସଂକ୍ରାନ୍ତୀ ଓ ଦେବାଭିଶେକ ନୀତି ନିର୍ଘଂଟ କରାଯିବ ବୋଲି ସୂଚନା ମିଳିଛି ।

ପ୍ରକାଶ ଥାଉକି, ପୂର୍ବରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ଡ. କ୍ରିଶନ କୁମାର ଡ଼ିସେମ୍ବର ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ ଶ୍ରୀମନ୍ଦିର ଖୋଲିବ ବୋଲି କହିଥିଲେ । ଶ୍ରଦ୍ଧାଳୁ ମାନଙ୍କ ପାଇଁ ସ୍ୱତନ୍ତ୍ର ଏସଓପି ପ୍ରସ୍ତୁତ କରାଯିବ ଏବଂ ସେହି ଏସଓପି ଆଧାରରେ ମନ୍ଦିର ଖୋଲିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ ।

# ଗଣମାଧ୍ୟମର ୩ ଜଣ କାର୍ଯ୍ୟରତ ଜିଲ୍ଲା ପ୍ରତିନିଧିମାନଙ୍କୁ ଆଂଚଳିକ ପରିବହନ ଅଧିକାରୀଙ୍କ ଦୁର୍ବ୍ୟବହାର

ବାରିପଦା,୧୦।୧୨ (ନି.ପ୍ର): ବାରିପଦା ଆଂଚଳିକ ପରିବହନ ବିଭାଗ ଦୁର୍ନୀତିର ଗନ୍ତାଘର ପାଲଟି ଥିବାର ଅଭିଯୋଗ ହସ୍ତଗତ ହେବା ପରେ ସେ ସମ୍ପର୍କରେ ଖବର ସଂଗ୍ରହ କରିବା ନିମନ୍ତେ ୩ ଜଣ ଗଣମାଧ୍ୟମର ପ୍ରତିନିଧି ବାରିପଦା ମଧ ଦେଇ ଯାଇଥିବା ୧୮ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ମୁର୍ଗାବାଡ଼ି ନିକଟରେ ଥିବା ଜିଲ୍ଲା ଆଂଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଁଚି ପରିବହନ ଅଧିକାରୀଙ୍କୁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଭେଟି ଥିଲେ । ମାତ୍ର ଆଂଚଳିକ ପରିବହନ ଅଧିକାରୀ ଗୋପାଳକୃଷ୍ଣ ଦାସ ଏଥିରେ ଉତକ୍ଷିପ୍ତ ହୋଇ କାର୍ଯ୍ୟାଳୟ ପ୍ରକୋଷ୍ଠରେ କ୍ୟାମେରା ଖୋଲିବାକୁ କିଏ ଅନୁମତି ଦେଲା, ତୁମେ ମୋର ଅଥରେଟି ନୁହଁ ତୁମକୁ କାହିଁକି ଉତର ଦେବି, ତୁମେ ମୋର କଣ କରିପାରିବ ଆଦି କହିବା ସାଙ୍ଗକୁ ବିଭିନ୍ନ ଆପତିଜନକ ଶଦ୍ଦ ସମ୍ମୁଖରେ ଥିବା ଗଣମାଧ୍ୟମର ପ୍ରତିନିଧିମାନଙ୍କ ପ୍ରତି ପ୍ରୟୋଗ କରିଥିବା ବିଷୟକୁ ନେଇ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ସୁବ୍ରତ ପ୍ରଧାନଙ୍କ ପକ୍ଷରୁ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ ହେବା ପରେ ଥାନାରେ ଆଂଚଳିକ ପରିବହନ ଅଧିକାରୀ ଶ୍ରୀଦାସଙ୍କ ନାମରେ ଆଇପିସି ଧାରା ୨୯୪ ଅନୁସାରେ ଏକ ମାମଲା ରୁଜୁ କରାଯାଇଛି । ସେହିପରି ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀଦାସଙ୍କ ପକ୍ଷରୁ ବାରିପଦା ଟାଉନ ଥାନାରେ ପାଲଟା ଅଭିଯୋଗ କରାଯିବା ପରେ ଥାନାରେ ଗଣମାଧ୍ୟମର ପ୍ରତିନିଧି ସୁବ୍ରତ ପ୍ରଧାନ ଓ ସାଥୀରେ ଥିବା ଗଣମାଧ୍ୟମର ପ୍ରତିଧିମାନଙ୍କ ବିରୋଧରେ ଆଇପିସି ଧାରା ୩୫୩, ୫୦୬ ଆଦି ଅନୁସାରେ ମାମଲା ରୁଜୁ କରାଯାଇଛି । ମୟୂରଭଞ୍ଜ ଜିଲ୍ଲାରେ ଗଣମାଧ୍ୟମର କାର୍ଯ୍ୟରତ ପ୍ରତିନିଧିମାନେ ଖବର ସଂଗ୍ରହ କରିବାକୁ ଯାଉଥିବା ସମୟରେ ବିଭିନ୍ନ ସମୟରେ ସରକାରୀ ବାବୁମାନଙ୍କ ସହ ବ୍ୟକ୍ତିବିଶେଷଙ୍କ ଆକ୍ରୋଶର ଶିକାର ହେଉଥିବାର ଅନେକ ନଜିର ରହିଛି । ପ୍ରଶାସନ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୁରକ୍ଷା ଦେବା କ୍ଷେତ୍ରରେ ବିଫଳ ହୋଇଛନ୍ତି । ଫଳରେ ଆଜି ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମରେ କାର୍ଯ୍ୟରତ ପ୍ରତିନିଧିମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା ଏବଂ ଆଂଚଳିକ ପରିବହନ ଅଧିକାରୀ ଗୋପାଳକୃଷ୍ଣ ଦାସଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକଙ୍କ ଜରିଆରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଗଲା । ରବିବାର ମଧ୍ୟରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରା ନ ଗଲେ ଆସନ୍ତା ସୋମବାର ସମସ୍ତ କାର୍ଯ୍ୟରତ ଗଣମାଧ୍ୟମର ପ୍ରତିନିଧିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବାର ସର୍ବସମ୍ମତି କ୍ରମେ ନିଷ୍ପତି ଗୃହୀତ ହୋଇଥିଲା । ଉକ୍ତ ବୈଠକରେ ଗଣମାଧ୍ୟମର ପ୍ରତିନିଧି ରାଧାଶ୍ୟାମ ପ୍ରଧାନ, ରାଜକିଶୋର ଦାଶ, ସତ୍ୟଜିତ ସୋମ, ଅଭିଜିତ ମହାନ୍ତି, ପ୍ରିୟବ୍ରତ ମିଶ୍ର, ମାନସ ବେହେରା, ଅକ୍ଷୟ ଅଗ୍ରୱାଲା, ଦୋଳଗୋବିନ୍ଦ ବାରିକ, ସୁବ୍ରତ ପ୍ରଧାନ, ଲକ୍ଷ୍ମଣ ଜେନା, ଦୀପକ କୁମାର ନାୟକ, ସୌମ୍ୟରଞ୍ଜନ ପଟ୍ଟନାୟକ, ସନ୍ତୋଷ କୁମାର ବରଜ, ରାଜ ଗୁପ୍ତା, ବିଶ୍ୱଜିତ୍ ଭୂୟାଁ, ସୁକାନ୍ତ ଜାଉ, ରୂପମ ସ୍ୱାଇଁ, ଦିଲ୍ଲୀପ ମହାନ୍ତି, ପ୍ରମୁଖ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

# ମୟୂରଭଞ୍ଜ ଜିଲ୍ଲାରୁ ନୂଆ ୨୦ କରୋନା ପଜିଟିଭ୍ ଚିହ୍ନଟ: ଜଣେ ବୃଦ୍ଧା ମୃତ

ବାରିପଦା,୧୦।୧୨ (ନି.ପ୍ର): ଓଡ଼ିଶାରୁ ଆଜି ଚିହ୍ନଟ ହୋଇଥିବା ୩୪୩ କରୋନା ପଜିଟିଭ୍ କେଶ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାରୁ ୨୦ ଜଣ କରୋନା ଆକ୍ରାନ୍ତ ରହିଛନ୍ତି ଏବଂ ରାଜ୍ୟରେ ମୟୂରଭଞ୍ଜ ଜିଲ୍ଲା ସର୍ବାଧିକ ଆକ୍ରାନ୍ତ ତାଲିକାର ଷଷ୍ଠ ସ୍ଥାନରେ ରହିଛି । ଏଥିସହ ଜିଲ୍ଲାରେ କୋଭିଡ଼-୧୯ ଭୂତାଣୁ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇ ୧୩, ୪୮୧ରେ ପହଁଚିଛି । କରୋନା ସଂକ୍ରମିତମାନଙ୍କ ମଧ୍ୟରୁ କ୍ରିଟିକାଲମାନଙ୍କୁ କୋଭିଡ଼ ହସପିଟାଲରେ ଚିକିତ୍ସା ନିମନ୍ତେ ଭର୍ତି କରାଯାଇଥିବା ବେଳେ ସ୍ୱଳ୍ପ ଓ ଲକ୍ଷଣ ନ ଥିବା ବ୍ୟକ୍ତିମାନଙ୍କୁ ହୋମ ଆଇସୋଲେସନରେ ରଖାଯାଇ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି । ସେହିପରି ଡ଼ିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ସୁସ୍ଥ ସଂଖ୍ୟା ୧୩,୨୫୧ ରହିଥିବା ସମୟରେ ଡ଼ିସେମ୍ବର ୧୦ ତାରିଖ ସୁଦ୍ଧା ୧୪୬ ଜଣ ସକ୍ରିୟ ଥାଇ କୋଭିଡ଼ ହସପିଟାଲ ଓ ହୋମ ଆଇସୋଲେସନରେ ଚିକିତ୍ସା ହେଉଛନ୍ତି । ଏଥି ସହିତ ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଜାରି କରିଥିବା ସୂଚନା ଆଧାରରେ ଆଜି ଜିଲ୍ଲାରୁ ଚିକିତ୍ସାଧୀନ ଅବସ୍ଥାରେ ଜଣେ ୭୦ ବର୍ଷୀୟା ବୃଦ୍ଧାଙ୍କର ମୃତ୍ୟୁ ହୋଇଛି । ଏହାକୁ ମିଶାଇ ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୮୪ କୁ ବୃଦ୍ଧି ପାଇଛି ।

# କେନ୍ଦ୍ରାପଡା ଗସ୍ତରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟା

କେନ୍ଦ୍ରାପଡ଼ା,୧୦।୧୨ (ନି.ପ୍ର): ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟା ମନ୍ଦାକିନି କର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଶିଶୁ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଗୁଡିକର ସମୀକ୍ଷା କରିଥିଲେ । ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କ ସହ ବିଚାର ବିମର୍ଶ କରି ବାଲ୍ୟ ବିବାହ, ଶିଶୁ ଶ୍ରମିକ ଓ ଅସହାୟ ପିଲାଙ୍କୁ ସହାୟତା ଆଦି ସମସ୍ୟା ଉପରେ ସୂଚନା ପ୍ରଦାନ କରି ଏହି ସମସ୍ୟା ଗୁଡିକୁ ପ୍ରଶାସନ ଦୃଷ୍ଟିକୁ ଆଣିବା ପାଇଁ ଗଣମାଧ୍ୟମ ଉଦ୍ୟମ କରିବାକୁ ଅନୁରୋଧ କରିଥିଲେ । ଏହା ସହିତ ଜିଲ୍ଲାରେ ଥିବା ବିଭିନ୍ନ ଅଂଚଳ ଯଥା ଶିଶୁ ମଙ୍ଗଳ କମିଟି କାର୍ଯ୍ୟାଳୟ, ଲୁଥେରାନ ମହିଳା ସମିତି ପରିଚାଳିତ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ଶିଶୁ ବିକାଶ ବିଭାଗ ତରଫରୁ ଚାଲିଥିବା ୱାନଷ୍ଟପ ସେଣ୍ଟର ସଖୀ ପ୍ରଭୃତି କେନ୍ଦ୍ର ଗୁଡିକୁ ବୁଲି ଅନୁଧାନ କରିଥିଲେ । ଏହି ଗସ୍ତ ସମୟରେ ଇନିସପେକ୍ଟର ସସ୍ମିତା ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ବାଦଲ କୁମାର ଦାସ, ଭାରପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ପ୍ରମୁଖ ଗସ୍ତ ସମୟରେ ଉପସ୍ଥିତ ଥିଲେ ।

# ତାମିଲନାଡୁରେ ଗତ ୨୪ ଘଂଟାରେ ୧,୨୨୦ କରୋନାର ନୂଆ ମାମଲା

ଚେନ୍ନାଇ,୧୦।୧୨ (ନି.ପ୍ର): ତାମିଲନାଡୁରେ ଗତ ୨୪ ଘଂଟାରେ ୧,୨୨୦ ନୂଆ କରୋନାର ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ୧୭ ଜଣଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହିତ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୭,୯୫,୨୪୦ ହୋଇଛି । ରାଜ୍ୟରେ ମୋଟ ମୃତ୍ୟୁ ସଂଖ୍ୟା ବଢି ୧୧,୮୫୩ ହୋଇଛି ।

# ବିଶ୍ୱ ମାନବାଧିକାର ଦିବସରେ ମାନବ ଅଧିକାର ସୁରକ୍ଷା ପାଇଁ ଦାବି

ଭୁବନେଶ୍ୱର,୧୦।୧୨ (ନି.ପ୍ର): ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ତରଫରୁ ସ୍ଥାନୀୟ ମହାତ୍ମା ଗାନ୍ଧୀ ମାର୍ଗ ଠାରେ ବିଶ୍ୱ ମାନବାଧିକାର ଦିବସ ପାଳନ ଅବସରରେ ଏକ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଯାଇଛି । ୧୯୪୮ ମସିହା ମିଳିତ ଜାତିସଂଘର ନିଷ୍ପତିକ୍ରମେ ଡ଼ିସେମ୍ବର ୧୦ ତାରିଖକୁ ମାନବାଧିକାର ଦିବସ ଭାବରେ ଘୋଷଣା କରାଯାଇଛି । ଆଜିର ଅନୁଷ୍ଠିତ ବିକ୍ଷୋଭ ସଭାରେ ପାର୍ଟିର ବରିଷ୍ଠ ନେତା ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଜନାର୍ଦ୍ଦନ ପତି ଉଦ୍‌ବୋଧନ ଦେଇ କହିଥିଲେ ଯେ, ମାନବ ଅଧିକାର ଦିବସ ଘୋଷଣାର ୭୨ ବର୍ଷ ପରେ ମଧ ବିଭିନ୍ନ ଦେଶରେ ବ୍ୟାପକ ଭାବେ ମାନବିକ ଅଧିକାର ଉଲଂଘନ କରାଯାଉଛି । ମଧ୍ୟପ୍ରାଚ୍ୟର ସିରିଆ ଏବଂ ବିଭିନ୍ନ ଆଫ୍ରିକୀୟ ଦେଶମାନଙ୍କରେ ମାନବ ଅଧିକାରକୁ ବର୍ବରତାର ସହିତ ଦମନ କରାଯାଉଛି । ଆମ ଦେଶରେ ମଧ ଜାମ୍ମୁ କାଶ୍ମୀରକୁ ଜେଲ୍‌ରେ ପରିଣତ କରାଯାଇ ମାନବ ଅଧିକାରକୁ ହନନ କରାଯାଉଛି । ଦେଶର ବୁଦ୍ଧିଜୀବୀ, କବି, ଲେଖକମାନଙ୍କୁ ଅର୍ବାଚିନ ନକ୍ସଲ କିମ୍ବା ରାଷ୍ଟ୍ରଦ୍ରୋହୀ ଆଖ୍ୟା ଦେଇ ଅମାନବିକ ଭାବରେ ବନ୍ଦୀ କରି ରଖାଯାଇଛି । ଦେଶର ୨୦ କୋଟି ଲୋକ ଭୋକ ଉପାସରେ ଦିନ କାଟୁଛନ୍ତି । ଭୋକରେ ଥିବା ମଣିଷର ମାନବ ଅଧିକାର କଣ ରହିଲା ବୋଲି ପ୍ରଶ୍ନ କରିଛନ୍ତି ? ଆଦିବାସୀ, ଦଳିତ, ମହିଳା ଅଧିକାରକୁ ହନନ କରିବା ମଧ ଗୁରୁତର ମାନବିକ ଅଧିକାର ଉଲଂଘନ । ଦେଶର ଶାସକ କର୍ପୋରେଟ ସ୍ୱାର୍ଥରେ ଭିଟାମାଟିରୁ ଉଚ୍ଛେଦ, ସାମ୍ପ୍ରଦିକ ବିଭେଦ ସୃଷ୍ଟି ବନ୍ଦ କରିବା, ମିଥ୍ୟା ଆରୋପରେ ଜେଲ୍‌ରେ ଥିବା ବନ୍ଦୀମାନଙ୍କୁ ମୁକ୍ତି କରିବା, ବାକ୍ ସ୍ୱାଧୀନତା, ଖାଦ୍ୟର ଅଧିକାର ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଦାବି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିପିଆଇଏମ୍‌ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସୁରେଶ ପାଣିଗ୍ରାହୀ, ରାଜ୍ୟ କମିଟି ସଭ୍ୟ ସାଲ ମାର୍ଣ୍ଡି, ପାର୍ଟିର ଆ ଲିକ ସମ୍ପାଦକ ରାମଚନ୍ଦ୍ର ତ୍ରିପାଠୀ, ପ୍ରଭାତ ପାଣିଗ୍ରାହୀ, ଜୟପ୍ରକାଶ ଭଞ୍ଜଦେଓ, ରମେଶ ଜେନା, ପୂର୍ଣ୍ଣଚନ୍ଦ୍ର ପାଢୀ ପ୍ରମୁଖ ଉପସ୍ଥିତ ରହି ସରକାର ବିଶ୍ୱ ମାନବିକ ଅଧିକାରର ଅନୁଚିନ୍ତା ଯଥା- ମୁକ୍ତି, ସମାନତା ସ୍ୱାଧୀନ ଭାବରେ ଆତ୍ମ ମର୍ଯ୍ୟାଦାର ସହିତ ଜୀବନ ଯାପନ କରିବାର ଅଧିକାରକୁ ସୁରକ୍ଷିତ ରଖିବା, ଅଭିବ୍ୟକ୍ତିର ସ୍ୱାଧୀନତା, ବାକ୍ ସ୍ୱାଧୀନତା ଉପରେ ଆକ୍ରମଣ ବନ୍ଦ କରିବା, ମାନବିକ ଅଧିକାକୁ ଉଲଂଘନ କରାଯାଇ ଜେଲ୍‌ରେ ଥିବା ସମସ୍ତ ରାଜନୈତିକ, ସାମାଜିକ ବ୍ୟକ୍ତିବିଶେଷଙ୍କୁ ମୁକ୍ତ କରିବା, ଖାଦ୍ୟ, ବାସ, କାମ, ଜୀବନ ଏବଂ ଜୀବିକାର ଅଧିକାରକୁ ପ୍ରତିଷ୍ଠା କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେଲେ ମାନବାଧିକାର ଦିବସର ଉପଯୁକ୍ତ ସମ୍ମାନ ହେବ ବୋଲି ମତପ୍ରକାଶ କରିଥିଲେ ।

# ଗଞ୍ଜାମ ପୋଲିସର କାର୍ଯ୍ୟାନୁଷ୍ଠାନ : ୬୦ ହଜାର ୯୦୦ ଟଙ୍କା ଜୋରିମାନା ଆଦାୟ

ଗଞ୍ଜାମ,୧୦।୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ପୋଲିସ ପକ୍ଷରୁ ଗତ ୯ ତାରିଖ ସକାଳ ଠାରୁ ୧୦ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଂଟା ମଧ୍ୟରେ କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀ, ବେପରୁଆ ଗାଡି ଚାଳକ ଓ ବେଆଇନ ମଦ କାରବାର ଉପରେ ଚଢ଼ଉ କରାଯାଇଛି । ପୋଲିସର ସୂଚନା ଅନୁଯାୟୀ, ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରିଥିବା ବେପରୁଆ ଗାଡ଼ି ଚାଳକଙ୍କ ଠାରୁ ୫୮ ହଜାର ୯୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ସେହିପରି ମାସ୍କ ବ୍ୟବହାର କରୁନଥିବା ବ୍ୟକ୍ତିବିଶେଷଙ୍କ ନିକଟରୁ ୨୦୦୦ ଟଙ୍କା ଆଦାୟ କରାଯାଇଛି । ଏହିପରି ଜୋରିମାନା ବାବଦକୁ ମୋଟ୍ ୬୦ ହଜାର ୯୦୦ ଟଙ୍କା ଆଦାୟ କରାଯାଇଛି । ସେହିପରି ଗୋଟିଏ ଜୁଆ ଆଡ୍ଡା ଉପରେ ଚଢ଼ଉ କରାଯିବା ସହ ୧୪ ହଜାର ୪୫୦ ଟଙ୍କା ଜବତ କରାଯାଇଛି । ଘଟଣାରେ ପୋଲିସ ୭ ଜଣଙ୍କୁ ଗିରଫ କରିଛି । ଅନୁରୂପ ଭାବେ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ମଦ ବ୍ୟବସାୟୀଙ୍କ ଉପରେ ଚଢ଼ଉ କରାଯିବା ସହିତ ଏସବୁ ସ୍ଥାନରୁ ୬୦୭.୧ ଲିଟର ମଦ ଜବତ ହୋଇଛି । ୧୩ ଜଣଙ୍କୁ ଗିରଫ କରାଯାଇଛି । ଏ ସଂକ୍ରାନ୍ତରେ ପୃଥକ୍ ପୃଥକ୍ ୧୩ଟି ଅବକାରୀ ମାମଲା ରୁଜୁ କରାଯାଇଛି ।

# ଓଡ଼ିଶା ମାନବାଧିକାର୍ ଆୟୁକ୍ତ ପକ୍ଷରୁ ବିଶ୍ୱ ମାନବିକ ଅଧିକାର୍ ଦିବସ ପାଳିତ

ଭୁବନେଶ୍ୱର,୧୦।୧୨ (ନି.ପ୍ର): ଓଡ଼ିଶା ମାନବାଧିକାର ଆୟୋଗରେ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଛି । ଓଡ଼ିଶାରେ ୨୦୦୩ ମସିହା ଜୁଲାଇ ୧୧ ତାରିଖରୁ ମାନବାଧିକାର ଆୟୋଗ କାର୍ଯ୍ୟ କରି ଆସୁଛି । ଆୟୋଗ କାର୍ଯ୍ୟ ଆରମ୍ଭ କରିବା ଦିନଠାରୁ ପ୍ରତିବର୍ଷ ବିଭିନ୍ନ ମାମଲାରେ ଅଧିକରୁ ଅଧିକ ଦୋଷୀ ସାବ୍ୟସ୍ତ ହେଉଛନ୍ତି । ଆୟୋଗ ମୁଖ୍ୟତଃ ଅସୁବିଧାରେ ଥିବା ମହିଳା, ଶିଶୁ, ବୟସ୍କ, ଅସମର୍ଥ, ବୃଦ୍ଧାବସ୍ଥାରେ ରୋଗଯୋଗୁ ଦୁର୍ବଳ, ମାନସିକ ଅନଗ୍ରସର, ହାଜତରେ ଥିବା ବ୍ୟକ୍ତିଙ୍କ ଅଭିଯୋଗ, ସାମାଜିକ ସୁଯୋଗରୁ ବଂଚିତଙ୍କ ଅଧିକାରକୁ ସୁରକ୍ଷା ଦେବା ଦିଗରେ ଅଗ୍ରାଧିକାର ଭିତିରେ ପଦକ୍ଷେପ ନେଇ ଆସିଛି । ଓଡ଼ିଶା ମାନବାଧିକାର ଆୟୁକ୍ତର ଅଧକ୍ଷ ମାନ୍ୟବର ଜଷ୍ଟିସ୍ ଶ୍ରୀ ବି.କେ. ପଟେଲ୍ ବିଶ୍ୱ ମାନବାଧିକାର ଦିବସ ଉପଲକ୍ଷେ ଆଜି ଆୟୋଜିତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଥିଲେ ଶାସନକୁ ବ୍ୟବସ୍ଥିତ କରିବା ଦିଗରେ ତଥା ଜନସାଧାରଣଙ୍କୁ ତାଙ୍କର ସାମାଜିକ, ଆର୍ଥିକ ତଥା ସାଂସ୍କୃତିକ ଅଧିକାର ଯୋଗାଇଦେବା ପାଇଁ ଆୟୋଗ କାର୍ଯ୍ୟ କରିଆସୁଛି । ବର୍ତମାନ ସୁଦ୍ଧା ଜନସାଧାରଣଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେବା କ୍ଷେତ୍ରରେ ଆୟୋଗ ବହୁ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେଇଛନ୍ତି । ସମୟ କ୍ରମେ ଲୋକମାନେ ମାନବାଧିକାର ଉଲ୍ଲଂଘନ ଏକ ସାଂଘାତିକ ବ୍ୟାପାର ବୋଲି ଉପଲବ୍ଧି କଲେଣି । ୨୦୨୦ ଡିସେମ୍ବର ୧ ତାରିଖ ସୁଦ୍ଧା ପ୍ରାୟ ୩୪୧୯ ଅଭିଯୋଗ ଆୟୋଗ ଗ୍ରହଣ କରିଛି । ଆଜିର ଏହି ଉତ୍ସବରେ ମାନ୍ୟବର ସଦସ୍ୟ ଜଷ୍ଟିସ୍ ଶ୍ରୀ ରଘୁବୀର ଦାଶ, ମାନ୍ୟବର ସଦସ୍ୟ ଶ୍ରୀ ଅସୀମ ଅମିତାଭ ଦାଶ, ଅତିରିକ୍ତ ଡି.ଜି. ପୋଲିସ୍-ଇନ୍‌ଭେଷ୍ଟିଗେସନ୍ ଶ୍ରୀ ବିଜୟାନନ୍ଦ ଝା, ସଚିବ ଶ୍ରୀ ସୁନୀଲ ନାୟକ, ରେ ଜିଷ୍ଟର ଶ୍ରୀ ଶଙ୍ଖ ଚକ୍ରବର୍ତୀ ସହକାରୀ ରେ ଜିଷ୍ଟର ବିଶ୍ୱଜିତ ଚନ୍ଦ୍ର ବ ର୍ମନ ଏବଂ ଆୟୁକ୍ତର ସମସ୍ତ ଉଚ୍ଚପଦାଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ବିଶେଷ ଟ୍ରେନ୍ ସମୟ ସାରଣୀ

ଭୁବନେଶ୍ୱର,୧୦।୧୨ (ନି.ପ୍ର): ୦୨୮୩୯/୦୨୮୪୦ ଭୁବନେଶ୍ୱର-ଚେନ୍ନାଇ ସେଂଟ୍ରାଲ୍ - ଭୁବନେଶ୍ୱର ସାପ୍ତାହିକ ବିଶେଷ ଟ୍ରେନ୍ ୧୭ରୁ ୩୧ ଡିସେମ୍ବର, ୨୦୨୦ ମଧ୍ୟରେ ପ୍ରତ୍ୟେକ ଗୁରୁବାର ଦିନ ଭୁବନେଶ୍ୱର ଛାଡ଼ିବ ଏବଂ ୧୮ ଡିସେମ୍ବର ୨୦୨୦ରୁ ୧ ଜାନୁୟାରୀ, ୨୦୨୧ ମଧ୍ୟରେ ପ୍ରତ୍ୟେକ ଶୁକ୍ରବାର ଦିନ ଚେନ୍ନାଇ ସେଂଟ୍ରାଲ ଛାଡ଼ି ସଂଶୋଧିତ ସମୟ ସହିତ ଚଳାଚଳ କରିବ । ଏହି ଟ୍ରେନ୍ ଅପରାହ୍ନ ୧୨ ଘ. ୧୦ ମି.ରେ ଭୁବନେଶ୍ୱର ଛାଡ଼ି ତା ପରଦିନ ସକାଳ ୭ ଘ. ୪୦ମି.ରେ ଚେନ୍ନାଇ ସେଂଟ୍ରାଲରେ ପହଂଚିବ ଏବଂ ଚେନ୍ନାଇ ସେଂଟ୍ରାଲରୁ ପୂର୍ବାହ୍ନ ୧୦ ଘଂଟାରେ ଛାଡ଼ି ଏବଂ ତା ପରଦିନ ସକାଳ ୫ ଘ. ୫୫ ମି.ରେ ଭୁବନେଶ୍ୱରରେ ପହଂଚିବ । ୦୨୮୪୫/୦୨୮୪୬ ଭୁବନେଶ୍ୱର-ବାଙ୍ଗାଲୋର କ୍ୟାଂଟ-ଭୁବନେଶ୍ୱର ସାପ୍ତାହିକ ସ୍ପେଶାଲ ପ୍ରତ୍ୟେକ ରବିବାର ଦିନ ୧୩ରୁ ୨୭ ଡିସେମ୍ବର, ୨୦୨୦ ମଧ୍ୟରେ ଭୁବନେଶ୍ୱର ଛାଡ଼ିବ ଏବଂ ୫ ଡିସେମ୍ବର, ୨୦୨୦ରୁ ୨୯ ଡିସେମ୍ବର, ୨୦୨୦ ମଧ୍ୟରେ ପ୍ରତ୍ୟେକ ମଙ୍ଗଳବାରରେ ବାଙ୍ଗାଲୋର କ୍ୟାଂଟ ଛାଡ଼ିବ । ଏହି ଟ୍ରେନ୍ ଭୁବନେଶ୍ୱରରୁ ୦୭୩୦ ଘଂଟାରେ ଛାଡ଼ି ବାଙ୍ଗାଲୋର କ୍ୟାଂଟରେ ତା ପରଦିନ ପହଂଚିବ ଏବଂ ବାଙ୍ଗାଲୋର କ୍ୟାଂଟରୁ ଅପରାହ୍ନ ୪ ଘ. ୪୫ ମି.ରେ ଛାଡ଼ି ଭୁବନେଶ୍ୱରଠାରେ ତା ପରଦିନ ସନ୍ଧ୍ୟା ୬ଘ. ୧୫ ମି.ରେ ପହଂଚିବ । ୦୨୮୯୮/୦୨୮୯୭ ଭୁବନେଶ୍ୱର - ପୁଡୁଚେରୀ - ଭୁବନେଶ୍ୱର ସାପ୍ତାହିକ ବିଶେଷ ଟ୍ରେନ୍ ୧୫ ରୁ ୨୯ ଡିସେମ୍ବର, ୨୦୨୦ ମଧ୍ୟରେ ଭୁବନେଶ୍ୱରରୁ ମଙ୍ଗଳବାର ଦିନ ଏବଂ ୧୬ ଡିସେମ୍ବର, ୨୦୨୦ରୁ ୩୦ ଡିସେମ୍ବର, ୨୦୨୦ ମଧ୍ୟରେ ପ୍ରତ୍ୟେକ ବୁଧବାର ଦିନ ପୁଡୁଚେରୀ ଛାଡ଼ି ସଂଶୋଧିତ ସମୟ ସହିତ ଚାଲିବ । ଏହି ଟ୍ରେନ୍ ମଧ୍ୟାହ୍ନ ୧୨ ଘ. ୧୦ମି.ରେ ଭୁବନେଶ୍ୱର ଛାଡ଼ି ପରଦିନ ମଧ୍ୟାହ୍ନ ୧୨ ଘ. ୧୦ ମି.ରେ ପୁଡୁଚେରୀରେ ପହଂଚିବ ଏବଂ ସନ୍ଧ୍ୟା ୬ ଘ. ୪୫ ମି.ରେ ପୁଡୁଚେରୀରୁ ଛାଡ଼ି ଏବଂ ପରଦିନ ସନ୍ଧ୍ୟା ୬ ଘ. ୧୦ ମି.ରେ ଭୁବନେଶ୍ୱରରେ ପହଂଚିବ ।

# ଓକିଲ ସଂଘ ବୈଠକ : ମାର୍ଚ୍ଚରେ ନିର୍ବାଚନ, ମଧ୍ୟବର୍ତ୍ତୀ କାଳୀନ କମିଟି ଗଠନ

କେନ୍ଦ୍ରାପଡ଼ା,୧୦।୧୨ (ନି.ପ୍ର): କେନ୍ଦ୍ରାପଡା ଓକିଲ ସଂଘ ନିର୍ବାଚନକୁ ନେଇ ବିବାଦ ଦେଖାଦେବାରୁ ସଂଗ କାର୍ଯ୍ୟାଳୟ ମୁଖ୍ୟ ଫାଟକ ବନ୍ଦ କରିଥିଲେ । ୫ ହଜାର ଟଙ୍କା ପାଇଁ ନିର୍ବାଚନ ବାତିଲ କରାଯାଇ ଥିବାରୁ ଏହାକୁ ନେଇ ସଂଘର ସଦସ୍ୟ ଆଇନଜୀବି ମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ବାଦ ବିବାଦ ଦେଖା ଦେଇଥିଲେ । ତେବେ ଏହି ବିବାଦର ସମାଧାନ କରି ପୂର୍ବାବସ୍ଥା ଫେରାଇ ଆଣିବା ଓ ନିର୍ବାଚନକୁ ସୁରୁଖୁର ରେ ପରିଚାଳନା କରିବା ପାଇଁ ଏକ ଜରୁରୀ ବୈଠକ ଗୁରୁବାର ସଭାପତି ସରୋଜ ରାଜ ସିଂହଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଥିଲା । ତେବେ ଆସନ୍ତା ମାର୍ଚ୍ଚ ମାସରେ ସଂଘର ନିର୍ବାଚନ କରିବା ସମ୍ବନ୍ଧୀୟ ନୀତି ନିଷ୍ପତିକୁ ପରିଚାଳନା କରିବା ପାଇଁ ଏକ ମଧ୍ୟବର୍ତୀ କାଳୀନ କମିଟି ଗଠନ ହେବ ବୋଲି ସୂଚନା ମିଳିଛି । ଏହା ସହ ନିର୍ବାଚନକୁ ବାତିଲ କରିବା ପ୍ରସ୍ତବ ଉଠାଇଥିବା ନିର୍ବାଚନ ଅଧିକାରୀଙ୍କ ପ୍ରସ୍ତାବ ଆଦୌ ଗ୍ରହଣୀୟ ନୁହେଁ ବୋଲି ମତ ପ୍ରକାଶ ପାଇବା ସହ ଏଭଳି ଚିନ୍ତାଧାରା କୁ ବୈଠକରେ ନିନ୍ଦା କରାଯାଇ ଥିଲା । ଏହି ବୈଠକରେ ସଂପାଦକ ବିବେକାନନ୍ଦ ଦାସ, ପୂର୍ବତନ ସଭାପତି ଭୀମସେନ ଭୂୟାଁ, ଦେବଦାସ ମହାନ୍ତିଙ୍କ ସହ ଗୋବର୍ଦ୍ଧନ ରାଉତ, ଗୋକୁଳ ରଞ୍ଜନ ଦାସ, କୁଞ୍ଜ ବିହାରୀ ପରିଡା, ରମେଶ ଚନ୍ଦ୍ର ଲେଙ୍କା, ରମାକନ୍ତ ସ୍ୱାଇଁ, ସରୋଜ କୁମାର ଜେନା, ସୁବୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ରାୟଗଡ଼ା ପୋଲିସ୍‌ର ବଡ ସଫଳତା: ଲୁଟେରାଙ୍କଠାରୁ ୧ ଲକ୍ଷ ୧୭ ହଜାର ୨୦୦ ଟଙ୍କା ଓ ୨ଟି ବାଇକ୍ ଜବତ୍, ଅଭିଯୋଗକାରୀଙ୍କୁ ୯୭ ହଜାର ୨୦୦ ଟଙ୍କା ଫେରସ୍ତ






ରାୟଗଡ଼ା,୧୦।୧୨ (ନି.ପ୍ର): ରାୟଗଡ଼ା ଜିଲ୍ଲାରେ ଅପରାଧୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଗତ କିଛି ମାସ ହେବ ବାହାର ଜିଲ୍ଲାରୁ ଲୁଟେରା ଗ୍ୟାଙ୍ଗମାନେ ଆସି ଏଠାରେ ଅଚାନକ ସମୟ ସୁଯୋଗ ଦେଖି ଦୁର୍ବଳ ଓ ଅବଳାଙ୍କ ଉପରେ ଆକ୍ରମଣ କରିଥିବା ବହୁ ଅଭିଯୋଗ ହୋଇଚି । ଗତ ଡ଼ିସେମ୍ବର ୨ ତାରିଖରେ ଦିନ ସାଢେ ୧୨ଟା ସମୟରେ ରାୟଗଡ଼ା ସହର ସ୍ଥିତ କପିଳାସ ହୋଟେଲ ସମ୍ମୁଖରୁ କିଛି ଦୁର୍ବୃର୍ତ୍ତ ୯୭ ହଜାର ୨୦୦ ଟଙ୍କା ଝାଂପି ନେଇଥିବା ଅଭିଯୋଗ ହୋଇଥିଲା। ହେଲେ ଗତକାଲି ଜିଲ୍ଲା ପୋଲିସ ପକ୍ଷରୁ ଜଣେ ଲୁଟେରାଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଲୁଟେରା ଜଣକ ଗାମ ଜିଲ୍ଲା ଆସ୍କା ର ଗୋଲାପାଲି କଲେଜ ଛକ ସ୍ଥିତ ଆଲୁ ସାନ୍ତୁ (୨୩) ବୋଲି ଜଣା ପଡିଛି। ଅଭିଯୁକ୍ତ ଠାରୁ ଦୁଇଟି ବାଇକ୍ ଏବଂ ୧ ଲକ୍ଷ ୧୭ ହଜାର ୨୦୦ ଟଙ୍କା ଜବତ କରିଛି। ଗତ ୨ ତାରିଖ ରେ ଜେଉଁ ଲୁଟ୍ ଘଟଣା ହୋଇଥିଲା ତାହା ସମ୍ପୃକ୍ତ ବ୍ୟକ୍ତି ଏବଂ ତାହାର ଅନ୍ୟ କିଛି ସହଯୋଗୀଙ୍କ ଦ୍ୱାରା ହୋଇଥିବା ଅଭିଯୁକ୍ତ ପ୍ରକାଶ କରିଛି। ସୂଚନା ଏହାକି ଯେ ସମ୍ପୃକ୍ତ ଗ୍ୟାଙ୍ଗ ଗତ ଫେବୃୟାରୀ ରୁ ନଭେମ୍ବର ମାସ ମଧ୍ୟରେ ଯେଉଁ ସବୁ ଲୁଟ୍ ମାମଲା ଚାନ୍ଦୀଲୀ ଥାନ ଓ ପଦ୍ମପୁର ଥାନାରେ ରୁଜୁ ହୋଇଛି ସେଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ପ୍ରକାଶ କରିଥିଲା। ଏହି ସବୁ ଘଟଣା ପରେ ଜିଲ୍ଲା ପୋଲିସ ତରଫରୁ ଏହି ପ୍ରକାର ଲୁଟେରା ଗ୍ୟାଙ୍ଗ ପ୍ରତି ତୀକ୍ଷଣ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସାଧାରଣରେ ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି।

## ରାୟଗଡ଼ା ପୋଲିସ୍ ରତ୍ନ ପଥର ଜବତ୍ ଘଟଣାରେ ଆଉ ୨ ଜଣଙ୍କୁ ଗିରଫ

ରାୟଗଡ଼ା,୧୦।୧୨ (ନି.ପ୍ର): ରାୟଗଡ଼ା ସହରରେ ୧୫୧ କିଲୋ ବହୁ ମୂଲ୍ୟବାନ ରତ୍ନ ପଥର ଜବତ୍ ଘଟଣା ରେ ଅଭିଯୁକ୍ତ ଜିତେନ୍ଦ୍ର କୁମାର ବେହେରାଙ୍କୁ ଗତ ୭ ତାରିଖ ଦିନ ଗିରଫ କରିବା ପରେ ଜିଲ୍ଲା ପୋଲିସ ସମ୍ପୃକ୍ତ ମାମଲାରେ କେଉଁ କେଉଁ ମାନେ ଜଡ଼ିତ ଅଛନ୍ତି ତାହା ଉପରେ ତଦନ୍ତ ଚାଲୁ ରଖିଛି। ଜିଲ୍ଲା ପୋଲିସ ପକ୍ଷରୁ ଦୁଇ ଜଣ ବ୍ୟକ୍ତିଙ୍କୁ ଗିରଫ କରି ପଚରାଉଚରା କରୁଛି, ସେମନେ ହେଲେ ସୁଦ୍ଧା ସାହି ବୌଦ୍ଧର ଜଣେ ବ୍ଲକ ଗ୍ରାଣ୍ଟ ଶିକ୍ଷକ, ରାଧା ମୋହନ ମହନା (୫୩), ପିତା- ଗମେଶ୍ୱର ମହନା ଏବଂ ମୁନିଗୁଡ଼ାର ସୁବାସ ରତ୍ନାଲୁ (୪୫), ପିତା- ଗୋପିନାଥ ରତ୍ନାଲୁ, ଦୁହିଁଙ୍କୁ ପୋଲିସ୍ ଗିରଫ କରିଛି। ଏହି ଘଟଣାର ଆଉ କେଉଁ କେଉଁ ମାନେ ଜଡ଼ିତ ଅଛନ୍ତି ତାହାର ତଦନ୍ତ ଜାରି ରଖିଥିବା ଏସ ପି ଶ୍ରବଣ ବିବେକ ଏମ ପ୍ରକାଶ କରିଛନ୍ତି ।

## ଜଳେଶ୍ୱର ଉପକାରାଗାରରେ 'ଓଡିଶା କାରାଗାର ପ୍ରତିଷ୍ଠା ଦିବସ' ପାଳିତ

ଜଳେଶ୍ୱର, ୧୦/୧୨ (ନିପ୍ର) : କାରାଗାର ମାନଙ୍କରେ ବଂଦିଭାବେ ନିସଙ୍ଗ ଜୀବନବିତାଉଥିବା ଅନ୍ତେବାସୀଙ୍କ ମାନସୀକ ଓ ଶାରିରୀକ ଅଭିବୃଦ୍ଧି ନିମନ୍ତେ ଆଜି ସକାଳ ୧୧.୩୦ମି. ସମୟରେ ଡିଜି ସନ୍ତୋଷ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ଓଡିଶା କାରାଗାର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଜଳେଶ୍ୱର ଉପକାରାଗାରରେ ଥିବା ୧୧୩ଜଣ ଅନ୍ତେବାସୀ ଓ ଜେଲ କର୍ମଚାରୀଙ୍କୁ ନେଇ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଅନ୍ତେବାସୀମାନଙ୍କ ମଧ୍ୟରେ ପ୍ରଥମେ କେକ୍‌କାଟି ଭଲିବଲ୍, ବେଡମିଣ୍ଟନ, କେରାମ୍, ଚେସ୍, ଲୁଡୁ ଇତ୍ୟାଦି ପ୍ରତିଯୋଗୀତା କରାଯାଇ ବିଜେତା ମାନଙ୍କୁ ସିଲ ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ଜଳେଶ୍ୱର ସବ୍‌ଜେଲର ଅନୁସୂୟା ଷଡଙ୍ଗୀ, ଶୁଭଲକ୍ଷ୍ମୀ ଦଳାଇ, ହିନ୍ଦୁରାମ ମାଝି, ଝାଡେଶ୍ୱର ବେହେରା, ସରୋଜ ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ଅଜୟ ନାୟକ, ସତ୍ୟବ୍ରତ ବେହେରା, ଦିଲ୍ଲିପ ମୁଖୀ, ଚିତ୍ତ କର ପ୍ରମୁଖ ଉପସ୍ଥିତ ରହି ଅନ୍ତେବାସୀଙ୍କୁ ଉତ୍ସାହିତ କରିଥିଲେ ।

## ପୂର୍ବତନ ମୁଖ୍ୟ କିରାଣୀ ତଥା ସମାଜସେବୀ ଓ ସାହିତ୍ୟିକ କୁଂଜବିହାରୀ ଦେଙ୍କ ପରଲୋକ

ଜଳେଶ୍ୱର, ୧୦/୧୨ (ନିପ୍ର) : ଜଳେଶ୍ୱର ମ୍ୟୁନିସିପାଲଟିର ୧୬ନଂ ୱାର୍ଡ ଅଲାଲପୁରର ସମାଜସେବୀ ସାହିତ୍ୟିକ ତଥା ପୂର୍ବତନ ମୁଖ୍ୟକିରାଣୀ କୁଂଜବିହାରୀ ଦେ ଆଜି ଗୁରୁବାର ସକାଳ ୫.୩୦ମି.ରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧିନ ଅବସ୍ଥାରେ ସେ ମୃତ୍ୟୁବରଣ କରିଛନ୍ତି । ସେ ଜଣେ ଧର୍ମପରାୟଣ, ସାହିତ୍ୟାନୁରାଗି ଓ ପରପୋକାରୀ ବ୍ୟକ୍ତି ଥିଲେ । ବାଲେଶ୍ୱର ସବ୍‌କଲେକ୍ଟରଙ୍କ କାର୍ଯ୍ୟାଳୟରେ ମୁଖ୍ୟ କିରାଣୀ ଭାବେ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ । ତାଙ୍କ ଚାକିରୀକାଳ ମଧ୍ୟରେ ସେ ବସ୍ତା, ଜଳେଶ୍ୱର ତହସିଲରେ ଜଣେ କର୍ତ୍ତବ୍ୟନିଷ୍ଠ କର୍ମଚାରୀ ହିସାବରେ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କର ମୃତ୍ୟୁରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁବେଳକୁ ତାଙ୍କର ୭୯ ବର୍ଷ ହୋଇଥିଲା । ମୃତ୍ୟୁଶର୍ଯ୍ୟାନିକଟରେ ତାଙ୍କର ଦୁଇପୁତ୍ର ଶକ୍ତି ମାଧବ, ନୀଳମାଧବ, ବିଧବା ସ୍ତ୍ରୀ ହୀରାମଣୀ ଓ ଅନ୍ୟାନ୍ୟ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ନିଜ ଗାଁ ଅଲାଲପୁର ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପାଦନ ହୋଇଥିଲା ।

## ଗୁଣୁପୁରରେ ବିଶ୍ୱ ମାନବାଧିକାର ଦିବସ ଅନୁଷ୍ଠିତ




ଗୁଣୁପୁର,୧୦।୧୨ (ନି.ପ୍ର): ଆଜି ରାୟଗଡା ଜିଲ୍ଲା ଗୁଣୁପୁର ସଦର ଶୈବ ମନ୍ଦିର ପରିସରରେ ବିଶ୍ୱ ମାନବାଧିକାର ଦିବସ ୨୦୨୦ ଅନୁଷ୍ଠିତ ହୋଇ ଯାଇଛି ପ୍ରତି ବର୍ଷ ଡିସେମ୍ବର ୧୦ ତାରିଖକୁ ବିଶ୍ୱ ମାନବାଧିକାର ଦିବସ ଭାବେ ପାଳନ କରାଯିବା ଅବସରରେ ରାୟଗଡା ଜିଲ୍ଲା ମାନବାଧିକାର କାଉନ୍ସିଲର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ରାଜଗୁରୁ ମହାପାତ୍ର ଯୋଗ ଦେଇ ଏହି ଦିବସର ଉଦେଶ୍ୟ ଏବଂ ଲକ୍ଷ୍ୟ ଉପରେ ବୁଝାଇବା ବେଳେ ରାୟଗଡା ଜିଲ୍ଲାର ବରିଷ୍ଠ ସାମ୍ବାଦିକ ପ୍ରମୋଦ ସାହୁ ଯୋଗ ଦେଇ ରାୟଗଡା ଜିଲ୍ଲା ଭଳି ଉପା' ଆଦିବାସୀ ଅଧ୍ୟୁଷିତ ନକ୍ସଲ ପ୍ରବଣ ଜିଲ୍ଲାରେ ଏହି ସଙ୍ଗଠନର ଗୁରୁ ଦାୟିତ୍ୱ ସହ ଆବଶ୍ୟକତା ଉପରେ ବୁଝାଇ ଥିଲେ ଗରିବ ଲୋକଙ୍କୁ ସେବା ଯୋଗାଇ ଦେବା ଏହି ମାନବାଧିକାର କାଉନ୍ସିଲର ଲକ୍ଷ୍ୟ ରହିବା ଉଚିତ ବୋଲି ଅନ୍ୟମାନେ ମତବ୍ୟକ୍ତ କରିଥଲେ ଅନ୍ୟମାନଙ୍କ ମଧ୍ୟରେ ଗୋପାଳ ପାଢ଼ୀ ପ୍ରମୁଖ ଯୋଗ ଦେଇ ଥିଲେ ।

## ସମ୍ବେଦଶୀଳ ଓ ଅନଗ୍ରସର ବର୍ଗଙ୍କ ମାନବିକ ଅଧିକାର ସୁରକ୍ଷା ଲାଗି ପ୍ରତିବଦ୍ଧ ହୁଅ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମାନବିକ ଅଧିକାର ଦିବସ ଅବସରରେ ଏକ ଦୃଢ଼, ନ୍ୟାୟପୂର୍ଣ୍ଣ ଓ ସର୍ବାଙ୍ଗୀନ ଅଭିବୃଦ୍ଧିର ବିଶ୍ୱ ନିର୍ମାଣ ନିମନ୍ତେ ବୈଷମ୍ୟ, ପକ୍ଷପାତିତାର ବିଲୋପ ସହିତ ସମସ୍ତଙ୍କର, ବିଶେଷତଃ ସମ୍ବେଦଶୀଳ ଓ ଅନଗ୍ରସର ବର୍ଗଙ୍କ ମାନବିକ ଅଧିକାର ସୁରକ୍ଷା ସକାଶେ ପ୍ରତିବଦ୍ଧ ହେବାକୁ ଆହ୍ୱାନ ଜଣାଇଛନ୍ତି ।

## ରାଜ୍ୟରେ ଆଉ ୫ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୧୭୯୪

ଭୁବନେଶ୍ୱର,୧୦।୧୨ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୫ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୭୯୪ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଜି ମୃତ୍ୟୁବରଣ କରିଥିବା କରୋନା ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା, ବଲାଙ୍ଗୀର, କେନ୍ଦୁଝର, ମୟୁରଭଂଜ ଓ ସୁନ୍ଦରଗଡ ଜିଲ୍ଲାର ଜଣେ – ଜଣେ ଅଛନ୍ତି। ଖୋର୍ଦ୍ଧା ଜିଲ୍ଲାର ଜଣେ ୫୩ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ବଲାଙ୍ଗୀର ଜିଲ୍ଲାର ଜଣେ ୭୦ ବର୍ଷୀୟ କରୋନା ସଂକ୍ରମିତ ମହିଳା ମୃତ୍ୟୁବରଣ କରିଛନ୍ତି। କେନ୍ଦୁଝର ଜିଲ୍ଲାର ଜଣେ ୭୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ମୟୁରଭଂଜ ଜିଲ୍ଲାର ଜଣେ ୭୦ ବର୍ଷୀୟ ମହିଳାଙ୍କ କରୋନାରେ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୬୬ ବର୍ଷୀୟ ପୁରୁଷ କୋରାନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି।

## ନୂତନ କୋର୍ଟର ବିଭିନ୍ନ ସମସ୍ୟା ସମ୍ପର୍କରେ ସଭାପତି ପ୍ରାର୍ଥୀଙ୍କ ସାମ୍ବାଦିକ ସମ୍ମିଳନୀ

ଜଳେଶ୍ୱର, ୧୦/୧୨ (ନିପ୍ର) : ବହୁ ପ୍ରତିକ୍ଷୀତ ଜଳେଶ୍ୱର କୋର୍ଟ ନୂତନ ଗୃହକୁ ସ୍ଥାନାନ୍ତର ଡିସେମ୍ବର ୨ ତାରିଖରୁ ହୋଇଥିଲେ ମଧ୍ୟ ଅଦ୍ୟାବଧି ସେଠାରେ ବହୁ ମୌଳିକ ଅସୁବିଧା ରହିଥିବା ସଂପର୍କରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଆଇନଜିବୀ ତଥା ସରକାରୀ ଓକିଲ ପତୀତପାବନ ପ୍ରଧାନ ପ୍ରକାଶ କରିଛନ୍ତି । ନୂତନ ଭାବେ ପ୍ରତିଷ୍ଠିତ ଅସ୍ଥାୟୀ ଏଡିଜେ କୋର୍ଟକୁ ସ୍ଥାୟୀ କରିବା, ସବୁ ପଂଚାୟତରେ ମଧୁବାବୁ ଆଇନ୍‌ଜିବୀ ନିଯୁକ୍ତି କରିବା, ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ବସ୍ତା ବ୍ଲକର ୧୪ଟି ପଂଚାୟତ ଜଳେଶ୍ୱର କୋର୍ଟ ପରିସରକୁ ଆସିବା, ଭୋଗରାଇରେ ସ୍ଥାନୀୟ କୋର୍ଟଗୃହ ନିର୍ମାଣ ହେବା, ମହୁରର, ନୋଟାରୀ, ମହକିଲଙ୍କ ଲାଗି ସ୍ଥାୟୀ ଗୃହ ନିର୍ମାଣ, ଲାଇବ୍ରେରୀ ନିର୍ମାଣ, କୋର୍ଟ ନିକଟରେ ଜାତୀୟ ରାଜପଥ ୬୦ ଉପର ଦେଇ ଏକ ପାଦଚଲା ସେତୁ ନିର୍ମାଣ କରିବା, ତୁରନ୍ତ ଟ୍ରାଫିକ୍ ପୁଲିସ୍ ମୁତୟନ ହେବା, ସ୍ଥାୟୀ ଫାଣ୍ଡି ସ୍ଥାପନ ହେବା, ହାଇମାକ୍ସ ଲାଇଟ୍‌ର ବ୍ୟବସ୍ଥା ହେବା, ଅଗ୍ନିନିର୍ବାପକ ଯନ୍ତ୍ର ବ୍ୟବସ୍ଥା କରିବା, କୋର୍ଟ ପରିସରରେ ପିଇବାପାଣିର ବ୍ୟବସ୍ଥା ହେବା, କେଣ୍ଟିନ୍‌ର ବ୍ୟବସ୍ଥା ହେବା, ଜଳେଶ୍ୱରରୁ କୋର୍ଟ ପର୍ଯ୍ୟନ୍ତ ବସ୍ ଗମନାମନର ବ୍ୟବସ୍ଥା ହେବା ଇତ୍ୟାଦି ସଂପର୍କରେ ସେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ନୂଆ ସଂସଦ ଭବନର ...

ସେ କହିଥିଲେ ଯେ ସେ ଯେତେବେଳେ ପ୍ରଥମଥର ପାଇଁ ସଂସଦ ଭବନରେ ପ୍ରବେଶ କଲେ, ସେତେବେଳେ ସେ ପ୍ରଥମେ ମଥାପାତି ଗଣତନ୍ତ୍ରର ଏହି ପବିତ୍ର ମନ୍ଦିରକୁ ପ୍ରଣିପାତ ଜଣାଇଥିଲେ । ସେ କହିଥିଲେ ଯେ ନୂଆ ସଂସଦ ଭବନରେ ଅନେକ ନୂଆ କଥା କରାଯାଉଛି । ଏହା ଫଳରେ ସାଂସଦମାନଙ୍କର ଦକ୍ଷତା ବଢିବ ଓ ସେମାନଙ୍କ କାର୍ଯ୍ୟ ସଂସ୍କୃତି ଆଧୁନିକ ରୂପ ନେବ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ପୁରୁଣା ସଂସଦ ଭବନ ସ୍ୱାଧୀନତା ପରବର୍ତ୍ତୀ ଭାରତକୁ ଦିଗ୍ ?ଦର୍ଶନ ଦେଇଥିଲା । ନୂଆ ସଂସଦ ଭବନ ଆତ୍ମନିର୍ଭର ଭାରତ ନିର୍ମାଣକୁ ଦେଖିବ ଓ ଏହାର ସାକ୍ଷୀ ରହିବ । ପୁରୁଣା ସଂସଦ ଭବନରେ ଦେଶର ଆବଶ୍ୟକତା ପୂରଣ ପାଇଁ କାର୍ଯ୍ୟ କରାଯାଉଥିଲା ; ଏବେ ଏକବିଂଶ ଶତାବ୍ଦୀର ଆଶା ଆକାଂକ୍ଷା ପୂରଣ ପାଇଁ ନୂଆ ଭବନ ସହାୟକ ହେବ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଅନ୍ୟତ୍ର ଗଣତନ୍ତ୍ରର ଅର୍ଥ ନିର୍ବାଚନ ପଦ୍ଧତିର ପରିପାଳନ, ସରକାର ଗଠନ, ଶାସନ ଏବଂ ପ୍ରଶାସନ ମଧ୍ୟରେ ସୀମିତ; କିନ୍ତୁ ଭାରତରେ ଗଣତନ୍ତ୍ର ଅର୍ଥ ଭିନ୍ନ । ଏହା ଜୀବନର ଏକ ମୂଲ୍ୟବୋଧ । ଏହା ଏକ ଜୀବନର ମାର୍ଗ ଏବଂ ରାଷ୍ଟ୍ରର ଆତ୍ମା । ସେ ଆହୁରି କହିଛନ୍ତି ଯେ ଭାରତର ଗଣତନ୍ତ୍ର ଶତାବ୍ଦୀ ଶତାବ୍ଦୀର ଅଭିଜ୍ଞତାକୁ ନେଇ ବିକଶିତ ହୋଇଥିବା ଏକ ବ୍ୟବସ୍ଥା । ଆହୁରି ମଧ ଏଥିରେ ଏକ ଜୀବନମନ୍ତ୍ର, ଜୀବନର କିଛି ଅଂଶ ଓ ଶୃଙ୍ଖଳିତ ବ୍ୟବସ୍ଥା ରହିଛି; ଯାହା ଭାରତୀୟ ଗଣତନ୍ତ୍ରର ବିଶେଷତ୍ୱ । ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତର ଗଣତାନ୍ତ୍ରିକ ଶକ୍ତି ଦେଶର ବିକାଶ ପ୍ରକ୍ରିୟାକୁ ବଳ ଯୋଗାଉଛି ଏବଂ ଦେଶବାସୀଙ୍କୁ ନୂଆ ବିଶ୍ୱାସ ଦେଉଛି । ଭାରତରେ ଗଣତନ୍ତ୍ର ନିରନ୍ତରଭାବେ ପ୍ରତିବର୍ଷ ନବୀକୃତ ହେଉଛି । ପ୍ରତି ନିର୍ବାଚନରେ ଅଧିକରୁ ଅଧିକ ଭୋଟଦାତା ନିଜର ମତାଧିକାର ସାବ୍ୟସ୍ତ କରୁଥିବା ଦେଖିବାକୁ ମିଳୁଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆହୁରି କହିଛନ୍ତି ଯେ ଭାରତରେ ଗଣତନ୍ତ୍ର ସର୍ବଦା ମତଭେଦ ଦୂର କରିବା ସହ ସୁଶାସନ ପାଇଁ ଏକ ମାଧ୍ୟମ ହୋଇଆସିଛି । ବିବିଧ ଦୃଷ୍ଟିକୋଣ, ବିଚାର ଓ ପ୍ରସ୍ତାବନା ଆଦି ଭାରତର ଏହି ଉଜ୍ଜ୍ୱଳ ଗଣତନ୍ତ୍ରକୁ ସଶକ୍ତ କରିଛି । ସେ କହିଛନ୍ତି ଆମ ଗଣତନ୍ତ୍ର ଲକ୍ଷ୍ୟସ୍ଥଳରେ ପହଂଚିବା ପାଇଁ ସର୍ବଦା ଅଗ୍ରଗତି କରୁଛି । ଏଥିରେ କୌଣସି ମତଭେଦ ଘଟିଲେ ସଂପୃକ୍ତ ପକ୍ଷ ଯେ ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟାରୁ ବିଚ୍ୟୁତ ନ ହୋଇଛନ୍ତି ସେ ପର୍ଯ୍ୟନ୍ତ ଏହାର ସମାଧାନ ପାଇଁ ସୁଯୋଗ ରହିଛି । ସେ କହିଛନ୍ତି ଯେ ନୀତି ଏବଂ ରାଜନୀତି ଅଲଗା ଜିନିଷ ହୋଇପାରେ, ଆମେ କିନ୍ତୁ ଜନସାଧାରଣଙ୍କ ସେବା ପାଇଁ ରହିଛୁ । ଅତଏବ ଏହି ଅନ୍ତିମ ଲକ୍ଷ୍ୟ ନେଇ କୌଣସି ମତଭେଦ ରହିବା ଉଚିତ ନୁହେଁ । ପାର୍ଲାମେଂଟ ଭିତରେ କିମ୍ବା ବାହାରେ, ବିତର୍କ ଯେଉଁଠାରେ ବି ହେଉ ପଛକେ ଜାତିର ସେବା ଏବଂ ରାଷ୍ଟ୍ରୀୟ ସ୍ୱାର୍ଥ ପାଇଁ ଉତ୍ସର୍ଗୀକୃତ ହେବାର ଆମ ସଂକଳ୍ପ ସବୁଠି ପ୍ରତିଫଳିତ ହେବାର ଆବଶ୍ୟକତା ରହିଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସଂସଦ ଭବନର ସ୍ଥିତିର ମୂଳ ଭିତ୍ତି ହେଲା ଗଣତନ୍ତ୍ର । ତେଣୁ ଗଣତନ୍ତ୍ରକୁ ତାହାର ଚରମ ସଫଳତାରେ ପହଂଚାଇବା ଦିଗରେ ଜନସାଧାରଣ ନିଜର ଦାୟିତ୍ୱକୁ ମନେ ପକାଇ ନିଷ୍ଠାପରଭାବେ କାର୍ଯ୍ୟ କରିବାର ସମୟ ଆସିଛି ।

## ଗୋଟିଏ ଦିନରେ ....

'ସେହିପରି ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ଆକ୍ରାନ୍ତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୨୧ ଜଣ, ଦେବଗଡ଼ରୁ କେହି ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଢେଙ୍କାନାଳରୁ ୩ ଜଣ ଚିହ୍ନଟ ହୋଇଥିବା ବେଳେ ଗଜପତିରୁ ଜିଲ୍ଲାରୁ କେହି ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଞ୍ଜାମରୁ ୮ ଜଣ, ଜଗତ୍‌ସିଂହପୁରରୁ ୧୩ ଜଣ, ଯାଜପୁରରୁ ୮ ଜଣ, ଝାରସୁଗୁଡ଼ାରୁ ୮ ଜଣ, କଳାହାଣ୍ଡିରୁ ୧୦ ଜଣ, କନ୍ଧମାଳର ଜିଲ୍ଲାରୁ କେହି ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୮ ଜଣ, କେନ୍ଦୁଝରରୁ ୧୪ ଜଣ, ଖୋର୍ଦ୍ଧାରୁ ୩୨ ଜଣ, କୋରାପୁଟରୁ ୧ ଜଣ, ମାଲକାନଗିରିରୁ ୫ ଜଣ କରୋନା ଆକ୍ରାନ୍ତ ଚିହ୍‌ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୨୦ ଜଣ, ନବରଙ୍ଗପୁରରୁ କେହି ସଂକ୍ରମିତ ହୋଇ ନାହାନ୍ତି । ନୟାଗଡ ଜିଲ୍ଲାରୁ ୨ ଜଣ, ନୂଆପଡ଼ାରୁ ୧୨ ଜଣ, ପୁରୀରୁ ୨୨ ଜଣ, ରାୟଗଡା ଜିଲ୍ଲାରୁ ୨, ସମ୍ବଲପୁରରୁ ୧୫ ଜଣ, ସୋନପୁରରୁ ୧, ସୁନ୍ଦରଗଡ଼ରୁ ୪୧ ଜଣ ଓ ଷ୍ଟେଟ୍‌ପୁଲ୍‌ରୁ ୭ ଜଣ ଚିହ୍ନଟ ହୋଇଛନ୍ତି।

## ୧୮ ମାସରେ ....

ଅତ୍ୟାଧୁନିକ ଡିଜାଇନ ସହିତ ଯାତ୍ରୀମାନଙ୍କର ସୁବିଧା ସୁଯୋଗ, ବସ୍ ମାନଙ୍କର ପ୍ରସସ୍ତ ପ୍ରବେଶ ଓ ପ୍ରସ୍ଥାନ ତଥା ବାଣିଜ୍ୟିକ ସ୍ଥାନ ଆଦି ଉପରେ ଏଥିରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି । ମୁଖ୍ୟମନ୍ତ୍ରୀଙ୍କ ୫-ଟି କାର୍ଯ୍ୟକ୍ରମ ଅଧିନରେ ଏହି ଆନ୍ତଃରାଜ୍ୟ ବସ ଟର୍ମିନାଲର ରୂପାନ୍ତରୀକରଣ କାର୍ଯ୍ୟ ହାତକୁ ନିଆଯାଇଛି ।ମୁଖ୍ୟମନ୍ତ୍ରୀଙ୍କ ଏହି ପରିଦର୍ଶନ ସମୟରେ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ସର୍ବଶ୍ରୀ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ ଟି) ଶ୍ରୀ ଭି.କେ. ପାଣ୍ଡିଆନ, ଭୁବନେଶ୍ୱର ମହାନଗର ନିଗମର କମିଶନର ଓ ପୋଲିସ କମିଶନର ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୫୮୮ କୋଟି ଟଙ୍କାର ....

ଶିଳ୍ପାନୟନ ନିମନ୍ତେ ଏହି ପ୍ରକଳ୍ପ ଗୁଡ଼ିକର ଗୁରୁତ୍ୱ ଏବଂ ରାଜ୍ୟର ବିଭିନ୍ନ ଶିଳ୍ପାଂଚଳରେ ଉପଲବ୍ଧ ଥିବା ଜମିର ସଦ୍ୟତନ ସ୍ଥିତି ବିଷୟରେ ଶ୍ରୀ ସିଂ ସୂଚ ନା ଦେଇଥିଲେ । ପ୍ରକଳ୍ପ ଗୁଡ଼ିକୁ ଜମି ଆବଂଟନ ନିମନ୍ତେ ନିତୀଗତ ଅନୁମୋଦନ ଦେଇ ଇଡ୍‌କୋ ଦ୍ୱାରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ଉଦ୍ୟୋଗୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରକଳ୍ପ ଗୁଡ଼ିକର ତ୍ୱରିତ କାର୍ଯ୍ୟାନ୍ୱୟନ ନିମନ୍ତେ ଆବଶ୍ୟକୀୟ ସହଯୋଗ ଯୋଗାଇଦେବା ପାଇଁ ମଧ ଶ୍ରୀ ତ୍ରିପାଠୀ ସମ୍ପୃକ୍ତ ବିଭାଗ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟସ୍ତରୀୟ ସିଙ୍ଗିଲ୍ ୱିଣ୍ଡୋ ଏବଂ ନୋଡ଼ାଲ୍ ବିଭାଗ ମାନଙ୍କ ମାଧ୍ୟମରେ ଆସିଥିବା ୧୨ଟି ଏବଂ ଜିଲ୍ଲାସ୍ତରୀୟ ସିଙ୍ଗିଲ୍ ୱିଣ୍ଡୋ ମାଧମରେ ଆସିଥିବା ୧୫ଟି ପୁଂଜି ନିବେଶ ପ୍ରସ୍ତାବକୁ ବୈଠକରେ ଜମି ଆବଂଟନ କରାଯାଇଥିଲା । ମୁଖ୍ୟତଃ ବି-ୱାନ୍ ବିଜିନେସ୍ ହାଉସ ପ୍ରାଇଭେଟ୍ ଲିଃର ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ, ଫାଲକନ୍ ସାମୁଦ୍ରିକ ଚିଙ୍ଗୁଡ଼ି ପ୍ରକ୍ରିୟାକରଣ, ଏବଂ ଇନ୍‌ଟେକ୍ ଇଣ୍ଡିଆ ଲିଃର ଚିଙ୍ଗୁଡ଼ି ଖାଦ୍ୟ ଉତ୍ପାଦନ ଉଦ୍ୟୋଗ ପାଇଁ ଡେରାସ୍‌ର ସି-ଫୁଡ୍ ପାର୍କରେ ଜମି ଦେବା ନିମନ୍ତେ ନିଷ୍ପତି ହୋଇଥିଲା । ସେହିପରି ୟୁ.ପି. ଏନ୍ ସଫ୍‌ଟୱେୟାର ୟୁନିଟ୍ ଏବଂ ରାଜ୍ୟ ଡାଟା ସେଂଟର ପାଇଁ ଇନଫୋଭ୍ୟାଲି-୨ ଶିଳ୍ପାଂଚଳ, ବିଶବ କୌଶଳ କେନ୍ଦ୍ର ପାଇଁ ମଂଚେଶ୍ୱର ଶିଳ୍ପାଂଚଳ, ଅଟୋମୋବାଇଲ୍ କ୍ଲଷ୍ଟର ପାଇଁ ଖୋର୍ଦ୍ଧା ଜିଲ୍ଲାର ବାଲିଅନ୍ତା ତହସିଲ ଏବଂ ପାହାଳ ରସଗୋଲା କମନ ଫେସିଲିଟି ସେଂଟର ପାଇଁ ଖୋର୍ଦ୍ଧା ଜିଲ୍ଲାର ଅନନ୍ତପୁର ଠାରେ ଜମି ଦିଆଯିବା ନିମନ୍ତେ ନିଷ୍ପତି ହୋଇଥିଲା ।

## ପରୀର ପରିବାରକୁ ....

ତେଣୁ ତଦନ୍ତର କୌଣସି ପ୍ରାସଙ୍ଗିକତା ନାହିଁ । ନିରପେକ୍ଷ ତଦନ୍ତ ଏବଂ ପରୀକୁ ନ୍ୟାୟ ପାଇଁ ସମଗ୍ର ଘଟଣାକୁ ସିବିଆଇ ଦ୍ୱାରା ତଦନ୍ତ କରିବାକୁ ଶ୍ରୀମତୀ ପୁରନ୍ଦେଶ୍ୱରୀ ଦାବୀ କରିଛନ୍ତି । ଏହା କେବଳ ଏକ ହତ୍ୟାକାଣ୍ଡ ନୁହେଁ ବରଂ ଚୋରା ଅଙ୍ଗପ୍ରତ୍ୟଙ୍ଗ ବ୍ୟବସାୟ ସହ ସଂପୃକ୍ତିର ଅଭିଯୋଗ ଆସିଛି । ଚୋରା ମଣିଷ ଅଙ୍ଗ ବ୍ୟବସାୟରେ ସଂପୃକ୍ତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ।ପରୀ ହତ୍ୟାକାଣ୍ଡ ଘଟଣାରେ କଂଗ୍ରେସ ଦଳର ଅସଲି ମୁଖା ପଦାରେ ପଡିଛି । କଂଗ୍ରେସ ଦଳର କିଛି ନେତୃବୃନ୍ଦମାନେ ଶାସକ ଦଳ ସହ ମିଶି ଯାଇ ସମଗ୍ର ଘଟଣାକୁ ଚାପିଦେବା ପାଇଁ ଅର୍ଥ ନେଇଥିବାର କଂଗ୍ରେସର ନେତାମାନେ ହିଁ ସ୍ୱୀକାର କରିଛନ୍ତି । ଏହା ଅତ୍ୟନ୍ତ ଲଜ୍ଜାଜନକ ବୋଲି ଶ୍ରୀମତୀ ପୁରନ୍ଦେଶ୍ୱରୀ କହିଛନ୍ତି । ଏହି ଅବସରରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି, ବରିଷ୍ଠ ନେତା କେ.ଭି.ସିଂହଦେଓ, ବରିଷ୍ଠ ନେତ୍ରୀ ସୁରମା ପାଢୀ, ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡା, ଅନୀତା ଶୁଭଦର୍ଶିନୀ, ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ, ରବି ନାଏକ, ଡ.ଲେଖାଶ୍ରୀ ସାମନ୍ତସିଂହାର, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟ, ରାଜ୍ୟ ମୁଖପାତ୍ର ଡ.ଯତୀନ ମହାନ୍ତି, ବିରଂଚି ତ୍ରିପାଠୀ, ଠାକୁର ରଣଜିତ୍ ଦାସ, ସୁରଥ ବିଶ୍ୱାଳ, ଜିଲ୍ଲା ସଭାପତି ଲାଲା ମନୋଜ ରାୟ, ଇରାନୀ ରାୟ, ଜିଲ୍ଲା ପ୍ରଭାରୀ ନିରଂଜନ ମିଶ୍ର, କସ୍ତୁରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଭଦ୍ରକ ବନ୍ଦ ସଫଳ

## ରାଜପଥ ସମେତ ଦୋକାନ ବଜାର ଓ ସରକାରୀ କାର୍ଯ୍ୟାଳୟ ବନ୍ଦ




ଭଦ୍ରକ,୧୦।୧୨ (ନି.ପ୍ର): ଭଦ୍ରକ ଜିଲ୍ଲାରେ ଏକ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ଦାବୀ କରି ଆଜି ଜିଲ୍ଲା କଂଗ୍ରେସ ପକ୍ଷରୁ ଭଦ୍ରକ ସହର ବନ୍ଦ କରାଯାଇଥିଲା। ସକାଳ ୬ଟା ଠାରୁ ଏହି ବନ୍ଦ ଆରମ୍ଭ ହୋଇ ସନ୍ଧ୍ୟା ୬ରେ ଶେଷ ହୋଇଥିଲା। କଚେରୀ ବଜାର, ବନ୍ତ ଛକ, ଚରମ୍ପା ଚରମ୍ପା ବଜାର, ବାଇପାସ୍ ଛକ, ହଳଦୀଡିହ ବାଇପାସ୍ ଛକ, ବାଙ୍କାବଜାର, ପୁରୁଣାବଜାର, ପାନଅଡତ୍, କଦମବେଡ଼ା ସମେତ ସହରର ସମସ୍ତ ଦୋକାନ ବଜାର, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ପୋଷ୍ଟଅଫିସ୍, ବେସରକାରୀ କାର୍ଯ୍ୟାଳୟ ସବୁ ବନ୍ଦ ରହିଥିଲା। ଦଳ ପକ୍ଷରୁ ୧୬ ନଂ ରାଜପଥକୁ ନୂଆ ବସ୍‌ଷ୍ଟାଣ୍ଡ ଠାରେ ଅବରୋଧ କରାଯାଇଥିଲା। ଆନ୍ଦୋଳନକାରୀମାନେ ସହର ତମାମ୍ ମୋଟର ସାଇକେଲ ଶୋଭାଯାତ୍ରା କରି ବିଭିନ୍ନ ଛକ, ସରକାରୀ କାର୍ଯ୍ୟାଳୟ ଆଗରେ ପିକେଟିଂ କରି ବନ୍ଦ କରାଇଥିଲେ। ବନ୍ତ ଛକ, ହଳଦିଡିହ ଛକ, ଚରମ୍ପା ଓ ନୂଆ ବସ୍‌ଷ୍ଟାଣ୍ଡ ଠାରେ ପଥପ୍ରାନ୍ତ ସଭା କରାଯିବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଦିନ ୧୦ଟା ଠାରୁ ଦିନ ୨ ଟା ପର୍ଯ୍ୟନ୍ତ କରାଯାଇଥିଲା। ଏଥିରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁବ୍ରତ୍ ଦାସ ଅଧକ୍ଷତା କରିଥିଲେ। ଭଦ୍ରକ ଜିଲ୍ଲା ପ୍ରତି ସରକାରଙ୍କର ବୈମାତୃକ ମନୋଭାବ ଯୋଗୁ ମେଡିକାଲ କଲେଜ ପ୍ରତିଷ୍ଠା ଦାବୀକୁ ବହୁଦିନ ଧରି ଅଣଦେଖା କରାଯାଇଛି। ଯାହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଉପଯୁକ୍ତ ସେବା ପାଇ ପାରୁ ନାହାନ୍ତି। କରୋନା ଆଳ ଦେଖାଇ ରୋଗୀଙ୍କୁ ଚିକିତ୍ସା ନକରି ଫେରାଇ ଦେଉଛନ୍ତି। ସାଧାରଣ ରୋଗୀଙ୍କୁ କଟକ ରେଫର କରିବା ଏକ ନିତିଦିନିଆ ଘଟଣା। ଭଦ୍ରକ ଜିଲ୍ଲାର ଡାକ୍ତରଖାନାକୁ ଗୁଡିକୁ ଆବଶ୍ୟକ ସଂଖ୍ୟକ ଡାକ୍ତର ଆଣିବାରେ ସରକାର ଓ ଶାସକ ଦଳର ନେତା ବିଫଳ। ଭଦ୍ରକ ମେଡିକାଲରେ ଭେଂଟିଲେଟର ଥିଲେ ମଧ ତାହା କାର୍ଯ୍ୟ କରୁନାହିଁ। କୋଭିଡ଼ ପରିଚାଳନାରେ ଜିଲ୍ଲା ପ୍ରଶାସନ ଓ ଶାସକ ମିଳିତ ଭାବରେ କୋଟି କୋଟି ଟଙ୍କା ଲୁଟ କରିଛନ୍ତି। ଯାହାର ହିସାବ ଜନସାଧାରଣଙ୍କ ଆଗରେ ଜିଲ୍ଲା ପ୍ରଶାସନ ଉପସ୍ଥାପନ କରୁ। ତୁରନ୍ତ ମେଡିକାଲ କଲେଜ ସ୍ଥାପନ କରି ଜିଲ୍ଲାର ସ୍ୱାସ୍ଥ୍ୟ ଅବସ୍ଥାକୁ ସୁଧାର କରିବାକୁ ଦଳ ପକ୍ଷରୁ ଦାବୀ କରାଯାଇଥିଲା। ଆଜିର ଏହି ବନ୍ଦକୁ ଜନସାଧାରଣ, ବ୍ୟବସାୟୀ, ବିଭିନ୍ନ ସଂଗଠନମାନେ ସମର୍ଥନ ଜଣାଇ ଏହାକୁ ସଫଳ କରାଇଥିବାରୁ ଜିଲ୍ଲା ସଭାପତି ଶ୍ରୀ ଦାସ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହା ପରେ ଯଦି ରାଜ୍ୟ ସରକାର ଭଦ୍ରକର ଏହି ହକ୍ ଦାବୀ ପୂରଣ ନ କରନ୍ତି ତେବେ ଆଗାମୀ ଦିନରେ ଜିଲ୍ଲା ସମେତ ଜିଲ୍ଲାର ସମସ୍ତ ବ୍ଲକରେ ଆନ୍ଦୋଳନ କରାଯିବ। ଦରକାର ହେଲେ ଏହି ଦାବୀକୁ ନେଇ ବିଧାନସଭା ଓ ବିଧାନସଭା ବାହାରେ ମଧ ଆନ୍ଦୋଳନ କରାଯିବ ବୋଲି ଦାସ ଚେତାବନୀ ଦେଇଥିଲେ। ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀ ନେତା ନଳିନୀକାନ୍ତ ମହାନ୍ତି କହିଥିଲେ ଯେ ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା କରିବା ଜିଲ୍ଲାବାସୀଙ୍କ ନ୍ୟାର୍ଯ୍ୟ ଦାବୀ। ଜିଲ୍ଲାର ସାଂସଦ, ୪ଜଣ ବିଧାୟକ ଶାସକ ଦଳରେ ଥାଇ ଯଦି ମେଡିକାଲ କଲେଜ ସ୍ଥାପନ ନ ହୋଇ ପାରୁଛି ତେବେ ଇତିହାସ ସେମାନଙ୍କୁ କେବେ କ୍ଷମା ଦେବ ନାହିଁ। ଜିଲ୍ଲାର ବୃହତ୍ତର ସ୍ୱାର୍ଥ ମେଡିକାଲ କଲେଜ ପାଇଁ ନିଜ ସ୍ୱାର୍ଥକୁ ପରିତ୍ୟାଗ କରି ଶାସକ ଦଳର ସାଂସଦ ଓ ବିଧାୟକମାନେ ଯଦି ଆଗକୁ ଆସି ଆନ୍ଦୋଳନ କରନ୍ତି ତେବେ ଜିଲ୍ଲା କଂଗ୍ରେସ ମଧ୍ୟ ସେମାନଙ୍କୁ ପୂର୍ଣ୍ଣ ସମର୍ଥନ ଦେବ ବୋଲି ପ୍ରକାଶ କରିଥିଲେ। ପରେ ଆନ୍ଦୋଳନକାରୀମାନେ ସାଂସଦ ଓ ୪ ବିଧାୟକଙ୍କ ପୁତ୍ତଳା ଦାହ କରିଥିଲେ। ଦୀର୍ଘ ସମୟ ଧରି ରାଜପଥ ଅବରୋଧ ପରେ ଭଦ୍ରକ ତହସିଲଦାର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ନୂଆ ବସ୍‌ଷ୍ଟାଣ୍ଡ ଠାରେ ପହଞ୍ଚି ମେଡିକାଲରେ ଥିବା ସମସ୍ୟାର ସମାଧାନ କରିବାର ପ୍ରତିଶୃତି ଦେବା ସହ ଦଳ ପକ୍ଷରୁ ଦିଆଯାଇଥିବା ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ଗ୍ରହଣ କରିଥିଲେ। ପରେ ରାଜପଥ ଅବରୋଧ ହଟିଥିଲା।

## ଚାଷୀ ସଚେତନତା ରଥର ଶୁଭାରମ୍ଭ



ବାରିପଦା,୧୦।୧୨ (ନି.ପ୍ର): ଖରିଫ ଋତୁରେ ଅମଳ ହୋଇଥିବା ଧାନର ବିକ୍ରୟ ପାଇଁ ସରକାର କରିଥିବା ସବିଶେଷ ଯୋଜନା ଓ ମଣ୍ଡି ଏବଂ ନିତି ନିୟମ ବିଷୟରେ ଗ୍ରାମାଂଚଳରେ ଚାଷୀ ମାନଙ୍କୁ ସଚେତନ କରାଇବା ଉଦେଶ୍ୟରେ ଆଜି ମୟୂରଭଂଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଚାଷୀ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବରେ ମୟୂରଭ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସବୁଜ ପାତାକା ଦେଖାଇ ରଥ ଗୁଡିକର ଶୁଭାରମ୍ଭ କରିବା ସହିତ ସରକାର ଚାଷୀ ମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଖରିଫ ଋତୁର ଧାନ ବିକ୍ରୟ ପାଇଁ ସମସ୍ତ ପ୍ରକାର ଯୋଜନା କରିଥିବା ବେଳେ ଗ୍ରାମାଂଚଳରେ ବହୁ ଚାଷୀ ସଚେତନତାର ଅଭାବରୁ ବହୁ କଥା ସମୟ ମୁତାବକ ଜାଣିପାରି ନଥାନ୍ତି । ଏଣୁ ଏହି ଚାଷୀ ସଚେତନତା ରଥ ଜିଲ୍ଲାର ବିଭିନ୍ନ ବ୍ଲକର ଗ୍ରାମାଂଚଳରେ ପରିକ୍ରମା କରି ଚାଷୀ ମାନଙ୍କୁ ସଚେତନ କରାଇବ ବୋଲି ଜଣାଯାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବାରିପଦା ଉପଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡି, ବାରିପଦା ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ, ବେତନଟି ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ ।

ଶୁକ୍ରବାର,୧୧ ଡିସେମ୍ବର ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ପଶ୍ଚିମବଂଗ ଓ ଓଡିଶା ସୀମା ବିବାଦ : ସୁବର୍ଣ୍ଣରେଖା ବାଲି ସୈରାତ ଲାଗି ମୁଖ୍ୟ ଶାସନ ସଚିବଙ୍କୁ ପତ୍ର

ଜଳେଶ୍ୱର, ୧୦/୧୨ (ନିପ୍ର) : ସୁବର୍ଣ୍ଣରେଖା ବାଲି ଉତ୍ତୋଳନକୁ ନେଇ ବିଭିନ୍ନ ସମୟରେ ବିବାଦମାନ ଉପୁଜୁଥିବା ବେଳେ ଏବେ ମାକିଡିଆଠାରେ ମାକିଡିଅ 'କ' ସୌରାତକୁ ୨୦୧୫-୧୬ ଆଥିକ ବର୍ଷରେ ୫ବର୍ଷଲାଗି ଲିଜ୍ ପ୍ରଦାନ କରାଯାଇଥିଲା । ସରକାରଙ୍କ ନିୟମ ମୁତାବକ ଲିଜ୍‌ଧାରୀ ସୁଶାନ୍ତ କୁମାର ସାହୁ ଅଗ୍ରୀମ ୧୨ଲକ୍ଷ ଟଙ୍କା ସରକାରୀ ତହବିଲରେ ଜମା କରିଥିଲେ । ଜମାକାରୀ ମାଇନିଂ ପ୍ଲାନ ମଂଜୁର ହେବା ପରେ ପରିବେଶ ମଂଜୁର ନିମନ୍ତେ ଆବେଦନ କରିଥିଲେ । ସେହି ସ୍ଥାନରୁ ବେଆଇନ୍‌ଭାବେ ପଶ୍ଚିମବଂଗର ବାଲି ମାଫିଆ ମାନଙ୍କ ବାଲି ଉତ୍ତୋଳନକୁ ବିରୋଧ କରି ଏନ୍‌ଜିଟି କୋର୍ଟରେ ମାମଲା ରୁଜୁ କରାଯାଇଥିଲା । ଏନ୍‌ଜିଟିର ନିର୍ଦ୍ଦେଶ କ୍ରମେ ବିବାଦୀୟ ସ୍ଥାନରୁ ବାଲି ଉତ୍ତୋଳନ ନ କରିବାକୁ ଏକ ଅନ୍ତରୀଣ ଅଦେଶ ପ୍ରଦାନ କରିଥିଲେ । ଏନ୍‌ଜିଟି ୩ ମାସ ମଧ୍ୟରେ ସୀମାବିବାଦ ତୁଟାଇବା ପାଇଁ ଉଭୟ ଓଡିଶା ଓ ପଶ୍ଚିମବଂଗ ସରକାରକୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଅଦ୍ୟାବଧି ଏହାର କୌଣସି ସ୍ଥାୟୀ ସମାଧାନ ହୋଇ ନଥିବାରୁ ସ୍ଥାନୀୟ ଅଂଚଳବାସୀ ବାଲି ପାଇବାରୁ ବଂଚିତ ହେଉଛନ୍ତି । ଫଳରେ ସରକାର ରାଜସ୍ୱ ହରାଇବା ସହିତ ସ୍ଥାନୀୟ ଗରିବ ଲୋକେ ନିଜର ଆବାସ ଗୃହ ନିର୍ମାଣ କରିବାରେ ଘୋର ଆର୍ଥୀକ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ସରକାରୀ ଓ ବେସରକାରୀ ନିର୍ମାଣ ନିମନ୍ତେ ପ୍ରାୟ ୩୫ କିମି ଦୂରରୁ ବାଲି ପରିବହନ ହେଉଥିବାରୁ ଲୋକଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି । ତେଣୁ ତୁରନ୍ତ ସୀମାନିର୍ଦ୍ଧାରଣ କରି ମାକିଡିଆ 'କ' ସୈରାତକୁ କାର୍ଯ୍ୟକ୍ଷମ କରିବାକୁ ମୁଖ୍ୟ ଶାସନ ସଚିବ, ଆଇନ୍ ବିଭାଗ ସଚୀବ, ରାଜସ୍ୱ ବିଭାଗ ସଚିବ, ୫ଟି ସଚିବ ଓ ଆର୍‌ଡିସି କଟକଙ୍କୁ ଦାବି ପତ୍ରପ୍ରଦାନ କରାଯାଇଛି ।

# ଚାଷୀଙ୍କୁ ବାବୁଲାଲ ଅଗରୱାଲା ସ୍ମୃତି ପୁରସ୍କାର ପ୍ରଦାନ

## ମୟୂରଭଞ୍ଜର ୨୬ଟି ବ୍ଲକର ଶ୍ରେଷ୍ଠ ବିବେଚିତ ଚାଷୀଙ୍କୁ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କାର ପ୍ରଦାନ




ବାରିପଦା,୧୦।୧୨ (ନି.ପ୍ର): ବେସରକାରୀ ଉଦ୍ୟମରେ ୨୧ବର୍ଷ ଧରି ମୟୂରଭଞ୍ଜ ଜିଲାର ୨୬ଟି ବ୍ଲକର ଅଗ୍ରଣୀ କୃଷକଙ୍କୁ ସମ୍ବର୍ଦ୍ଧିତ କରାଯିବା ପରମ୍ପରା ସମଗ୍ର ଓଡିଶାରେ ଅନନ୍ୟ ବୋଲି ରାଜ୍ୟ ସରାକରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁଦାମ ମାର୍ଣ୍ଡି ମୁଖ୍ୟ ଅତିଥି, ମୟୂରଭଞ୍ଜ ଲୋକସଭା ସାଂସଦ ଇଂ ବିଶ୍ୱେଶ୍ୱର ଟୁଡୁ ବିଶେଷ ଅତିଥି ଏବଂ ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମତପୋଷଣ କରିଛନ୍ତି । ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବାବୁଲାଲ ଅଗରୱାଲା ମେମୋରିଆଲ ଆୱାର୍ଡ ଫାଉଣ୍ଡେସନ ପକ୍ଷରୁ ସ୍ୱର୍ଗତ ବାବୁଲାଲ ଅଗରୱାଲାଙ୍କ ୨୩ତମ ଶ୍ରାଦ୍ଧବାର୍ଷିକୀ ଦିବସ ଅବସରରେ ଆୟୋଜିତ ୨୧ତମ ବାର୍ଷିକ ଜିଲାସ୍ତରୀୟ ବାବୁଲାଲ ଅଗରୱାଲା ସ୍ମୃତି ପୁରସ୍କାର ପ୍ରଦାନ ଉତ୍ସବରେ ଅତିଥିମାନେ ଯୋଗ ଦେଇ ଉପରୋକ୍ତ ମତପୋଷଣ ସହ କୃଷି ଓ କୃଷକର ଉନ୍ନତି ବିନା ଦେଶର ବିକାଶ ସମ୍ଭବ ନ ଥିବାରୁ ଏକ ବିକାଶଶୀଳ ସମାଜ ଓ ରାଷ୍ଟ୍ର ଗଠନ ପାଇଁ କୃଷିକ୍ଷେତ୍ର ଓ କୃଷିଜୀବୀ ମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ଅଧିକ ସଚେତନ ହେବା ନେଇ ଗୁରୁତ୍ୱାରୋପ କରିଥିଲେ । ସମାଜସେବୀ ମୁରାରିଲାଲ ଶର୍ମା ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ । ଫାଉଣ୍ଡେସନର ଚେୟାରମ୍ୟାନ ତଥା ଭାରତ କୃଷକ ସମାଜର ଆଜୀବନ ସଦସ୍ୟ ଡ. ବିଜୟ କୁମାର ଅଗରୱାଲାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୟୂରଭଞ୍ଜ ଜିଲା ମୁଖ୍ୟ କୃଷି ଅଧିକାରୀ ଦାମୋଦର ସେଠୀ ଜିଲାର କୃଷି ସହିତ ଚାଷ କାର୍ଯ୍ୟ ପାଇଁ ଥିବା ବିଭିନ୍ନ ସରକାରୀ ପ୍ରୋତ୍ସାହନ ସଂପର୍କରେ ଅବଗତ କରାଇଥିଲେ । କୃଷି ବୈଜ୍ଞାନିକ ଡ. ମନୋଜ କୁମାର ଚାନ୍ଦ ସ୍ୱାଗତ ଜଣାଇ କୃଷି ବିଭାଗର ସଂଯୋଜନାରେ ବ୍ଲକୱାରୀ ଶ୍ରେଷ୍ଠ କୃଷକଙ୍କୁ ଚୟନ କରାଯାଇ ୨୧ ବର୍ଷ ଧରି ବାବୁଲାଲ ଅଗରୱାଲା ସ୍ମୃତି ବାର୍ଷିକ ପୁରସ୍କାର ପ୍ରଦାନ କରାଯାଉଥିବାର ଉଲ୍ଲେଖ କରିଥିଲେ । ମୟୂରଭଞ୍ଜ ଯୁବା ସମାଜର ଉପଦେଷ୍ଟା ସରୋଜ ବୋଷ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ପରିବେଶବିତ ସନ୍ତୋଷ ମହାନ୍ତି ବାବୁଲାଲ ଅଗରୱାଲାଙ୍କ ସ୍ମୃତିଚାରଣ କରି କର୍ମମୟ ଜୀବନ ସଂପର୍କରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଦିବଂଗତ ବାବୁଲାଲ ଅଗରୱାଲାଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିବା ବେଳେ ଶେଷରେ ଫାଉଣ୍ଡେସନର ସହଯୋଗୀ ଅକ୍ଷୟ ଅଗରୱାଲା ଧନ୍ୟବାଦ ଦେଇଥିଲେ । ଏହି ଉତ୍ସବରେ ଜିଲାର ୨୬ଜଣ ବ୍ଲକୱାରୀ ଶ୍ରେଷ୍ଠ କୃଷକମାନଙ୍କ ମଧ୍ୟରୁ ଭୀମଚରଣ ହେମ୍ବ୍ରମ(ବାରିପଦା), ବିଜୟ କୁମାର ମହାରଣା (ଶାମାଖୁଂଟା), ଗୌରମୋହନ ତୁଙ୍ଗ(ଶୁଳିଆପଦା), ଶଶିକାନ୍ତ ସାମଲ(ବେତନଟୀ), ଦୁର୍ଯ୍ୟୋଧନ ମହାନ୍ତ (ବଡସାହି), ଗୁଣନିଧି ମହାନ୍ତ (ମୋରଡା), ବିନୋଦ କୁମାର ପାଲ (ରାସଗୋବିନ୍ଦପୁର), ସୁବାସ ଚନ୍ଦ୍ର ମହାନ୍ତ (ବାଙ୍ଗିରିପୋଷି), ଏକାଦଶୀ ଗିରି (କୁଳିଅଣା), ସିଙ୍ଗରାୟ ମାଝି (ସାରସକଣା), ପୂର୍ଣ୍ଣଚନ୍ଦ୍ର ପଣ୍ଡା (ଉଦଳା), କାର୍ତ୍ତିକେଶ୍ୱର ନାୟକ (କପ୍ତିପଦା), ଗୋରାଚାନ୍ଦ ସିଂ (ଖୁଂଟା), ଯଶୋବନ୍ତ ମହାନ୍ତି (ଗୋପବନ୍ଧୁନଗର), ମୁନା ନାଏକ (କରଂଜିଆ), ଟୁଟୁରାମ ମହାନ୍ତ (ଠାକୁରମୁଣ୍ଡା), ଉମାକାନ୍ତ ମହାନ୍ତ (ଶୁକ୍ଳି), ପ୍ରଜ୍ଞାପତି ମହାନ୍ତ (ଯଶିପୁର), ରବୀନ୍ଦ୍ର ତିରିଆ (ରରୁଆଁ), ପରମେଶ୍ୱର ମାଝି (ରାଇରଙ୍ଗପୁର), ଦେବଦତ୍ତ ମହାନ୍ତ (ବିଶୋଇ), ଈଶ୍ୱର ଚନ୍ଦ୍ର ସୋରେନ (ବିଜାତଳା), ଲକ୍ଷ୍ମଣ ଚରଣ ମହାନ୍ତ (କୁସୁମୀ), ବିଶ୍ୱନାଥ ମୁର୍ମୁ (ଜାମଦା), ବଳିନ୍ଦ୍ର ମହାନ୍ତ (ବହଳଦା) ଓ ଲଛମନ ମୁର୍ମୁ (ତିରିଂ) ପ୍ରମୁଖଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିବା ସହ ମାନପତ୍ର ଓ ଉପଢୌକନ ପ୍ରଦାନ କରିଥିଲେ ।

# ମା' ସ୍ୱପ୍ନେଶରୀ ସନ୍ତୋଷୀ ଦେବୀଙ୍କ କଳସ ଯାତ୍ରା ଓ ଘଟ ସ୍ଥାପନା ପୂଜୋତ୍ସବ



ଭଦ୍ରକ,୧୦।୧୨ (ନି.ପ୍ର): ଏହି ଜିଲାର କଲେଇ ପଂଚାୟତ ଚୁନିଦାସ୍ଥିତ ମା' ସ୍ୱପ୍ନେଶରୀ ସନ୍ତୋଷୀ ଦେବୀଙ୍କ ଚାରିଦିନ ବ୍ୟାପୀ ମନ୍ଦିର ପ୍ରତିଷ୍ଠା ଉତ୍ସବର ଆଜି ୨ୟ ଦିନରେ କଳସ ଯାତ୍ରା, ଓ ଘଟ ସ୍ଥାପନା ପୂଜୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ପ୍ରାତଃରେ ମହିଳାମାନଙ୍କ ଦ୍ୱାରା କପାଳୀ ନଦୀରୁ କଳସରେ ଜଳ ଅଣାଯାଇ ସହର ପରିକ୍ରମା ପୂର୍ବକ ପୂଜାସ୍ଥଳରେ ଘଟ ସ୍ଥାପନା ପରେ ରୀତିନୀତି ଅନୁଯାୟୀ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା । ପଣ୍ଡିତ ଓ ବେଦବିତ୍‌ମାନଙ୍କ ବେଦଧ୍ୱନିରେ ସ୍ଥାନୀୟ ଅଂଚଳରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଏହି ପୂଜାରେ ପୁରୀ ଶ୍ରୀମନ୍ଦିରର ସେବାୟତ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମାଙ୍କ ସମେତ ବହୁ ବିଦ୍ୱାନ ପଣ୍ଡିତ ଓ ସେବାୟତମାନେ ଉପସ୍ଥିତ ଥିଲେ । ମୁଖ୍ୟ ପରୋଧା ପୀତାମ୍ବର ପରିଡା ଓ ବାସନ୍ତୀଲତା ପରିଡା ସମସ୍ତ ରୀତିନୀତି ଅନୁସାରେ ପୂଜୋତ୍ସବର କାର୍ଯ୍ୟ ତୁଲାଇଥିଲେ । ମା'ଙ୍କ ଆଜି କଳସ ଶୋଭାଯାତ୍ରାରେ ସ୍ଥାନୀୟ ଅଂଚଳର ବହୁ ମହିଳା ଶ୍ରଦ୍ଧାଳୁ ସାମିଲ ହୋଇଥିବାର ଦେଖାଯାଇଥିଲା । ଏଠାରେ ସୂଚନାଯୋଗ୍ୟ ଗତକାଲି ମା'ଙ୍କର ଅଙ୍କୁରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ତା ପୂର୍ବଦିନ ପୁରୀରୁ ମା'ଙ୍କର ଆଜ୍ଞାମାଳ ଚୁନିଦାରେ ଆସି ପହଞ୍ଚିଥିଲା । ଆସନ୍ତାକାଲି ମା'ଙ୍କର ବିଗ୍ରହ ପ୍ରତିଷ୍ଠା ଓ ପ୍ରବେଶ ଉତ୍ସବ, ମଣ୍ଡଳ ପୂଜା, ଗୀତାଯଜ୍ଞ, ନାମଯଜ୍ଞ, ଆହୂତି ପ୍ରଦାନ ପରେ ୧୧ ତାରିଖ ଦିନ ପୂର୍ଣ୍ଣାହୂତିର କାର୍ଯ୍ୟକ୍ରମ ରହିଛି ।

# ୨୫ନମ୍ବର ୱାର୍ଡରେ ମାଇକ୍ରୋ ଏକଟିଭିଟିଜ ସେଂଟର ଉଦ୍‌ଘାଟିତ



ବାରିପଦା ,୧୦।୧୨ (ନି.ପ୍ର): ବାରିପଦା ପୌରାଂଚଳର ରିଫ୍ୟୁଜି କଲୋନୀ ୨୫ ନମ୍ବର ୱାର୍ଡରେ ଆଜି ମୟୂରଭ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଦ୍ୱାରା ୟୁ.ଡବ୍ଲ୍ୟୁ. ଇ.ଆଇ. ଯୋଜନାରେ ନିର୍ମିତ ମାଇକ୍ରୋ ଏକଟିଭିଟିଜ ସେଂଟରର ଶୁଭ ଉଦଘାଟନ ହୋଇଯାଇଛି । ଉକ୍ତ ଉଦଘାଟନୀ ଉତ୍ସବରେ ବାରିପଦା ଉପଜିଲ୍ଲାପାଳ ତଥା ବାରିପଦା ପୌରପରିଷଦର ନିର୍ବାହୀ ଅଧିକାରୀ ପି. ଅନ୍ୱେଷା ରେଡ୍ଡି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ମୋଟ ୫ଲକ୍ଷ ୪୪ ହଜାର ୫ଶହ ଟଙ୍କା ବ୍ୟୟ ହୋଇଥିବା ଏହି ପ୍ରକଳ୍ପରେ ସ୍ଥାନୀୟ ସହର ବାସୀ ବିଶେଷ କରି ବସ୍ତି ଅଂଚଳର ଲୋକେ ବେଶ ଉପକୃତ ହେବେ ବୋଲି ଜଣାଯାଇଛି । ଏହି କେନ୍ଦ୍ରରେ ବସ୍ତି ବାସିନ୍ଦାଙ୍କ ସାମୁହିକ ବା ଗୋଷ୍ଠୀଗତ କାର୍ଯ୍ୟ ଅନୁଷ୍ଠିତତ ହେବା ସହିତ ପିଲା ମାନଙ୍କର ଖେଳିବା ପାଇଁ ସରାମ ମଧ୍ୟ ରହିଛି । ଏହାଦ୍ୱାରା ବସ୍ତିଅଂଚଳର ଲୋକେ ସାମୁହିକ ଭାବରେ ନିଜର କାର୍ଯ୍ୟ ସମ୍ପାଦନ କରି ନିଜର ଅର୍ଥନୈତିକ ଓ ସାମାଜିକ ଅବସ୍ଥାରେ ସୁଧାର ଆଣିପାରିବା ସହିତ ସହରର ସୌନ୍ଦର୍ଯ୍ୟ କରଣ ମଧ୍ୟ ହୋଇ ପାରିବ ବୋଲି ଜଣାଯାଇଛି ।

# ନୂଆ ସଂସଦ ଭବନ ଭାରତୀୟଙ୍କ ମଧ୍ୟରେ ସାମ୍ବିଧାନିକ ମୂଲ୍ୟବୋଧର ଗୁଞ୍ଜରଣ ସୃଷ୍ଟି କରିବ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୧୦।୧୨ (ନି.ପ୍ର): ସ୍ୱାଧୀନତୋର ଭାରତର ୭୫ ବର୍ଷ ପରେ ନିର୍ମାଣ ହେବାକୁ ଥିବା ନୂଆ ସଂସଦ ଭବନ ଭାରତୀୟଙ୍କ ମଧ୍ୟରେ ସାମ୍ବିଧାନିକ ମୂଲ୍ୟବୋଧର ଗୁଞ୍ଜରଣ ସୃଷ୍ଟି କରିବ ବୋଲି ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ହୋଇଯାଇଥିବା ନୂଆ ସଂସଦ ଭବନର ଶିଳାନ୍ୟାସ ହେବା ଅବସରରେ ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଭାରତର ବିଚାରଧାରାରେ ପ୍ରେରିତ ଏବଂ ଭାରତୀୟତା ସହ ଓତଃପ୍ରୋତ ଭାବେ ଜଡ଼ିତ ନୂଆ ସଂସଦ ଭବନ ନିର୍ମାଣର ଶୁଭାରମ୍ଭ ହେବା ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ଭାରତର ଗଣତନ୍ତ୍ର ଇତିହାସରେ ଆଜିର ଦିନ ଚିରସ୍ମରଣୀୟ ହୋଇ ରହିବ । ଏକବିଂଶ ଶତାବ୍ଦୀର ନୂଆ ଭାରତରେ ନୂଆ ସଂସଦ ଦେଶର ନାଗରିକଙ୍କ ଆକାଂକ୍ଷା ସହିତ ଜଡ଼ିତ ଏବଂ ଏଥିପାଇଁ ଆମେ ଗର୍ବିତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ଗଣତନ୍ତ୍ରର ଜନନୀ ହେଉଛି ଭାରତ । ଭାରତୀୟ ଗଣତନ୍ତ୍ରର ନୂଆ ମନ୍ଦିରରେ ଭାରତୀୟଙ୍କ ସ୍ୱର ଗୁଞ୍ଜରିତ ହେବ । ଯେଉଁଠାରେ ସମସ୍ତ ବିବିଧତାର ମିଶ୍ରଣ ହେବ ଓ ସମସ୍ତ ବିଚ୍ଛିନ୍ନତା ଦୂର ହେବ । ନୂଆ ସଂସଦ ଭବନରେ ଅନେକ ଅତ୍ୟାଧୁନିକ ସୁବିଧା ଉପଲବ୍ଧ କରାଯିବ । ଯଦ୍ୱାରା ସାଂସଦଙ୍କ ଦକ୍ଷତା ବଢ଼ିବା ସଙ୍ଗେସଙ୍ଗେ ସଂସଦର କାର୍ଯ୍ୟଦକ୍ଷତା ମଧ୍ୟ ଉନ୍ନତ ହେବ । ପୁରୁଣା ସଂସଦ ଭବନ ଯେଭଳି ଭାବେ ଦେଶର ମାର୍ଗ ନିର୍ଦ୍ଧାରଣରେ କାର୍ଯ୍ୟବାହକ ହୋଇଥିଲା ସେଭଳି ନିର୍ମାଣ ହେବାକୁ ଥିବା ନୂଆ ସଂସଦ ଭବନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏକ ସଶକ୍ତ ଏବଂ ଆତ୍ମଭାରତ ନିର୍ମାଣରେ ସାକ୍ଷୀ ହେବ ଓ ୧୩୦ କୋଟି ଭାରତୀୟଙ୍କ ଆକାଂକ୍ଷାକୁ ପୂରଣ କରିବ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ।

# ଚାଷୀଙ୍କ ପାଇଁ ବିଜେଡିର ଡବଲ ଷ୍ଟାଣ୍ଡାର୍ଡ : ତାରା ବାହିନୀପତି

ଭୁବନେଶ୍ୱର,୧୦।୧୨ (ନି.ପ୍ର):ବିଜେଡି ଚାଷୀ ସମସ୍ୟାକୁ ନେଇ ଡବଲ ଷ୍ଟାଣ୍ଡାର୍ଡ ପ୍ରଦର୍ଶନ କରୁଛି । ଲୋକ ଦେଖାଣିଆ ପାଇଁ କ୍ୟାବିନେଟରେ ସଂକଳ୍ପ ପାରିତ ହୋଇଛି ବୋଲି କହିଛନ୍ତି ବରିଷ୍ଠ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି । ସ୍ୱାମୀନାଥନ୍ କମିଟିର ସୁପାରିଶ୍ ଅନୁଯାୟୀ ଏମଏସପି ବୃଦ୍ଧି କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବା ନେଇ ଗତକାଲି ରାଜ୍ୟ କ୍ୟାବିନେଟ୍ ରେ ପ୍ରସ୍ତାବ ପାରିତ ହେବା ଉପରେ ପ୍ରତିକ୍ରିୟା ରଖି ସେ ଏହା କହିଛନ୍ତି । ସେ ଆହୁରି କହିଛନ୍ତି ଯେ ଚାରିଆଡେ ଚାଷୀ ଆନ୍ଦୋଳନ ଚାଲିଛି । କଂଗ୍ରେସ ବି ଏହି ଆନ୍ଦୋଳନକୁ ସମର୍ଥନ କରିଛି । ଚାଷୀ ଆନ୍ଦୋଳନକୁ ଚାପି ଦେବାକୁ କେନ୍ଦ୍ରର ଭୟରେ ରାଜରାସ୍ତାକୁ ବିଜେଡି ଓହ୍ଲାଇନାହିଁ ।ଯଦି ଚାଷୀଙ୍କ ପାଇଁ ଦରଦ ଅଛି ରାଜରାସ୍ତାକୁ ଓହ୍ଲାନ୍ତୁ । ଅନେକ କ୍ଷେତ୍ରରେ ଦିଲ୍ଲୀରେ ବିଜେପିକୁ ସପୋର୍ଟ କରୁଛନ୍ତି କିନ୍ତୁ କୌଣସି ପରିସ୍ଥିତିରେ ଚାଷୀଙ୍କୁ ସମର୍ଥନ କରୁନାହାନ୍ତି । ସଂକଳ୍ପ ପାରିତ ହେଲା , କଣ ଚାଷୀ ସୁବିଧା ପାଇଯିବ । ରାଜ୍ୟ ସରକାର ବୋନସ ଘୋଷଣା କରୁନାହାନ୍ତି କାହିଁକି । ଯଦି ଦରଦ ଅଛି ଚାଷୀଙ୍କ ପାଇଁ ଆଗାମୀ ଅଧିବେଶନରେ ବିଧାନସଭାରେ ବିଲ ଆଣନ୍ତୁ ଓ ରାସ୍ତାକୁ ଓହ୍ଲାନ୍ତୁ । ନିଜ ସୁବିଧା ପାଇଁ ବିଜେଡି ଡ୍ରାମା କରୁଛି ବୋଲି ସେ କହିଛନ୍ତି ।

# ବିଶ୍ୱ ମାନବ ଅଧିକାର ଦିବସ ପାଳିତ

ଭୁବନେଶ୍ୱର,୧୦।୧୨ (ନି.ପ୍ର): ଭାରତୀୟ ଗଣତାନ୍ତ୍ରୀକ ମାନବ ଅଧିକାର ସୁରକ୍ଷା ସଂଗଠନ ପକ୍ଷରୁ ବିଶ୍ୱ ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି । ଭାରତରେ କରୋନାରେ ମୃତ୍ୟୁ ହେଉଥିବାରୁ କରୋନା ସଚେତନତା ହିଁ ମୁଖ୍ୟ କାର୍ଯ୍ୟ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି । କରୋନାକୁ ନଦୂରାଇଲେ, ମାସ୍କ ନପିନ୍ଧିଲେ, ସାନିଟାଇଜ୍ ହୋଇ ନରହିଲେ ଅନ୍ୟର ଅଧିକାର କ୍ଷୁର୍ଣ୍ଣ ହେବ । ଏଥି ପାଇଁ ସର୍ବଦା ମାସ୍କ ବ୍ୟବହାର କରିବା ସାମାଜିକ ଦୂରତା ରଖିବା, ହାତକୁ ସାନିଟାଇଜ୍ କରିବା ପାଇଁ ସଂଗଠନର କର୍ମକର୍ତାମାନେ କହିଥିଲେ । ଏନେଇ କରୋନା ସଚେତନତା ଶୋଭାଯାତ୍ରା କରାଯାଇଥିଲା । ପୂର୍ବାହ୍ନରେ ମାଉସିମା' ଛକରୁ ରଥ ଦାଣ୍ଡ, ବିବେକାନନ୍ଦ ମାର୍ଗ ପରିକ୍ରମା କରାଯାଇଥିଲା । ସଂଘଠନର ରାଜ୍ୟ ସଭାପତି ଗଦାଧର ଦାସ ଓ କେନ୍ଦ୍ରୀୟ ସଚିବ ଲିଙ୍ଗରାଜ ସାହୁଙ୍କ ପରିଚାଳନାରେ ଏହି ଶୋଭାଯାତ୍ରାରେ ବିଧାୟକ ସୁରେଶ କୁମାର ରାଉତରାୟ, ଶିକ୍ଷାବିତ୍ ପ୍ରସନ୍ନ କୁମାର ଚୌଧୁରୀ, ଜୟ କୃଷ୍ଣ ମଲିଆ, କପିଳ ପଣ୍ଡା, ଜ୍ଞାନ ପ୍ରକାଶ ପାଲ, ସଞ୍ଜିବ କୁମାର ସାହୁ, ଶକ୍ତି ପ୍ରସାଦ ସାହୁ ବହୁ ସଭ୍ୟସାମିଲ ହୋଇଥିଲେ । କରୋନା ସଚେତନତା ଓ ମାସ୍କ ବଂଟନ କରାଯାଇଥିଲା ।

# ଲିଙ୍ଗଭିତ୍ତିକ ହିଂସାର ବିଲୋପ ହେବା ଜରୁରୀ

ଭୁବନେଶ୍ୱର,୧୦।୧୨ (ନି.ପ୍ର): ଆନ୍ତର୍ଜାତିକ ମାନବିକ ଅଧିକାର ଦିବସ ଓ ୧୬ ଦିବସୀୟ ଲିଙ୍ଗଭିତ୍ତିକ ହିଂସା ବିରୋଧୀ କାର୍ଯ୍ୟକ୍ରମର ଶେଷ ଦିବସ ଅବସରରେ ଅତିଥିମାନେ ଲିଙ୍ଗଭିତ୍ତିକ ହିଂସାର ବିଲୋପ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଛନ୍ତି । ମହିଳା ଓ ଯୁବତୀ ମାନଙ୍କୁ ଅଧିକ ସଂଗଠିତ ହେବା ସହ ସ୍ୱର ଉତ୍ତୋଳନ କରିବାକୁ ପଡିବ ବୋଲି ସିସିଡବ୍ଲୁଡି ଓ ଆକ୍ସନ୍‌ଏଡ୍ ତରଫରୁ ଆୟୋଜିତ ଲିଙ୍ଗଭିତ୍ତିକ ହିଂସାର ବିଲୋପ ସଂପର୍କୀତ ମାନବ ଶୃଙ୍ଖଳ ଓ ଚିତ୍ରାଙ୍କନ ପ୍ରଦର୍ଶନୀ ମାଧ୍ୟମରେ ପ୍ରତିଫଳିତ ହୋଇଥିଲା । ସ୍ଥାନୀୟ ପଥରବନ୍ଧ ବସ୍ତି ୱାର୍ଡ ନଂ. ୧୭ ଠାରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମହିଳା ଓ ଯୁବତୀମାନେ ମତାମତ ବାକ୍ସରେ ନିଜର ମତ ପ୍ରଦାନ କରିଥିଲେ । ଅତିଥି ଭାବରେ ଆକ୍ସନ୍‌ଏଡ୍‌ର ଆଂଚଳିକ ପରିଚାଳକ ଦେବବ୍ରତ ପାତ୍ର, ଶୁଭେନ୍ଦୁ କୁମାର ରାୟ, ଗୌରାଙ୍ଗ ଚନ୍ଦ୍ର ମହାପାତ୍ର,




ଉଷାରାଣୀ ବେହେରା, ସିସିଡବ୍ଲୁଡିର ସଂପାଦକ ସଦାଶିବ ସ୍ୱାଇଁ, ଭୁବନେଶ୍ୱର ୟଙ୍ଗ ଅର୍ବାନ୍ ୱିମେନ୍ ଫୋରମ୍‌ର ସଭାପତି ସସ୍ମିତା ମହାରାଣା ପ୍ରମୁଖ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମକୁ ରେଣୁବାଳା ସାହୁ, ଗୀତାଞ୍ଜଳୀ ପଣ୍ଡା, ଦମୟନ୍ତୀ ସାହୁ, କଲ୍ୟାଣୀ ରାଉତ, କୃଷ୍ଣଚନ୍ଦ୍ର ମହନ୍ତ, ସଂଗ୍ରାମ କେଶରୀ ମଣ୍ଡଳ ପ୍ରମୁଖ ପରିଚାଳନା କରିଥିଲେ । ଏଥିରେ ଅଣସଂଗଠିତ ଶ୍ରମିକ ମଞ୍ଚର ପ୍ରକାଶ ସାମଲ ଓ ବୈଷ୍ଣବ ଚରଣ ଲେଙ୍କା ଯୋଗଦାନ କରିଥିଲେ ।

## ବିଜ୍ଞାପନ

ମୁଁ ଶ୍ରୀ ଅକ୍ଷୟ କୁମାର ରାଉତ,ପି ୰ ବୈକୁଣ୍ଠ ରାଉତ,ଗ୍ରାମ-ଖାନପୁର,ପୋଷ୍ଟ- ପାଣିଛତ୍ର,ଭାୟା-କୁପାରୀ,ଜି-ବାଲେଶ୍ୱର ଅଟେ । ମୁଁ ବାଇକରେ ଖଇରାକୁ ଯାଉଥିବା ବେଳେ ମୋର ଖତିୟାନଟି କେଉଁଠି ପଡିଯାଇଛି,ବହୁ ଖୋଜା ଖୋଜି କରି ମିଳିନପାରି ନାହିଁ । ଖତିୟାନ ନଂ ୧୧୦/୧୭ ଏବଂ ପ୍ଲଟ ନଂ ୮୭/୨୨୬ ଅଟେ । ଯଦି କୌଣସି ସହୃଦୟ ବ୍ୟକ୍ତି ପାଇବେ ଉପରୋକ୍ତ ଠିକଣାରେ ଓ ମୋବାଇଲ ନଂ ୯୫୫୬୩୯୬୧୭୩ ରେ ଯୋଗା ଯୋଗ କରିବାକୁ ବିନୀତ ଅନୁରୋଧ ।

ଶ୍ରୀ ଅକ୍ଷୟ କୁମାର ରାଉତ,
ପି ୰ ବୈକୁଣ୍ଠ ରାଉତ,
ଗ୍ରାମ-ଖାନପୁର, ପୋଷ୍ଟ- ପାଣିଛତ୍ର,
ଭାୟା-କୁପାରୀ, ଜି-ବାଲେଶ୍ୱର

## ଭୁବନେଶ୍ୱରରେ ସୁସ୍ଥଙ୍କ ଠାରୁ ଆକ୍ରାନ୍ତ ଅଧିକ

ଭୁବନେଶ୍ୱର,୧୦।୧୨ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଗୁରୁବାର ଦିନ ଆଉ ୩୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରେ ୧୫ ଜଣ ସଂଗରୋଧ ଓ ୨୨ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି । ଅନ୍ୟପକ୍ଷରେ ୩୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରୁ ଆଜି ପର୍ଯ୍ୟନ୍ତ ୩୧,୦୪୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୩୦,୪୬୭ ଜଣ ସୁସ୍ଥ ହୋଇସାରିଛନ୍ତି । ଏବେ ୩୨୬ ଜଣ ଆକ୍ରାନ୍ତ ସକ୍ରିୟ ଥିବା ବେଳେ ୨୨୭ ଜଣଙ୍କର ମୃତ୍ୟୁ ହୋଇଛି । ଆଜି ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ପଟିଆରୁ ୩ ଜଣ, ଶ୍ରୀରାମନଗର , ଖଣ୍ଡଗିରି , ନୟାପଲ୍ଲୀ ଓ ଟଙ୍କପାଣିରୋଡ୍ ରୁ ୨ ଜଣ ଲେଖାଏଁ ରହିଛନ୍ତି ।

# ବାରିପଦା ପୌରପାଳିକା ପକ୍ଷରୁ ସହରର ତିନୋଟି ସ୍ଥାନରେ ଏଲଇଡି ଷ୍ଟ୍ରିଟ ଲାଇଟ ଆଲୋକୀକରଣ ବ୍ୟବସ୍ଥା ଉଦ୍‌ଘାଟିତ

ବାରିପଦା,୧୦।୧୨ (ନି.ପ୍ର): ବାରିପଦା ପୋରପାଳିକା ପକ୍ଷରୁ ସହରୀ ଆଲୋକିକରଣ ଯୋଜନା କାର୍ଯ୍ୟକ୍ରମରେ ତା ୯/୧୨/୨୦୨୦ ରିଖ ସଂଧ୍ୟାରେ ସହରର ମହାରାଜପୁର ୱାର୍ଡ ନଂ-୨୭, ରାଣିବନ୍ଧରୁ ରଙ୍ଗାମାଟିଆ ଛକ, ରଙ୍ଗାମାଟିଆ ଛକରୁ ଦେବେନ୍ଦ୍ରପୁର ଏବଂ ସତ୍ୟସାଇ ଛକରୁ ଦାରୋଗାଡାହି ଗୋଲେଇ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ତିନୋଟି ସ୍ଥାନରେ ସର୍ବସାଧାରଣଙ୍କ ପାଇଁ ଏଲଇଡି ଷ୍ଟ୍ରିଟ ଲାଇଟ ଆଲୋକି କରଣ ବ୍ୟବସ୍ଥା ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ, ଭା.ପ୍ର.ସେ.ଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ଏହି



ଆଲୋକିକରଣ ବ୍ୟବସ୍ଥା 'ଲରେ ଉକ୍ତ ୱାର୍ଡ ବାସୀ ତଡା ସର୍ବସାଧାରଣ ଉପକୃତ ହୋଇପାରିବେ । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ବାରିପଦା ଉପଜିଲ୍ଲାପାଳ ତଥା ପୌର ନିର୍ବାହୀ ଅଧିକାରୀ ପି. ଅନ୍ୱେଷା ରେଡ୍ଡି, ଭା.ପ୍ର.ସେ. ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଭାଗୀୟ ପୌର କର୍ମଚାରୀ ଏବଂ ସ୍ଥାନିୟ ଅଂଚଳର ହିତାଧିକାରୀ ତଥା ଜନସାଧାରଣ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଜ୍ଞାପକ ସଂଖ୍ୟା ୫୮୦/ ତା ୯/୧୨/୨୦୨୦ ରିଖ । ଏହାର ଏକକିତା ନକଲ ଗଣ ମାଧ୍ୟମର ଜିଲ୍ଲାପ୍ରତିନିଧି, ବାରିପଦା/ ଆକାଶବାଣୀ କେନ୍ଦ୍ର ନିର୍ଦ୍ଦେଶକ ବାରିପଦା ଙ୍କ ଅବଗତି ତଥା ପ୍ରକାଶନ ଓ ପ୍ରସାରଣ ନିମନ୍ତେ ପ୍ରେରଣ କରାଗଲା ।

## ଖୁବ ଶୀଘ୍ର ଖୋଲିପାରେ କଲେଜ : ଉଚ୍ଚଶିକ୍ଷା ସଚିବ

ଭୁବନେଶ୍ୱର,୧୦।୧୨ (ନି.ପ୍ର): ଖୁବ୍ ଶୀଘ୍ର କଲେଜ ଖୋଲିବାକୁ ଚିନ୍ତା କରୁଛନ୍ତି ରାଜ୍ୟ ସରକାର । ଏ ନେଇ ସରକାର ଚୂଡ଼ାନ୍ତ ନିଷ୍ପତି ନେବେ ବୋଲି କହିଛନ୍ତି ଉଚ୍ଚଶିକ୍ଷା ସଚିବ ଶାଶ୍ୱତ ମିଶ୍ର । ସେ କହିଛନ୍ତି, ୟୁଜି ଓ ପିଜି ପାଇଁ ସେମିଷ୍ଟର ପରୀକ୍ଷା ଘୁଂଚିବ । କ୍ଲାସରେ ୭୦/୮୦ ଦିନ ପାଠପଢ଼ା ହେବା ପରେ ପରୀକ୍ଷା ହେବ । ଯଦି କଲେଜ ଖୋଲିବାରେ ବିଳମ୍ବ ହେବ, ତା'ହେଲେ ସିଲାବସ ହ୍ରାସ ଚିନ୍ତା କରାଯାଇପାରେ । ଏହା ସହିତ ଅନଲାଇନ୍ ପଢ଼ାକୁ ନେଇ ପରୀକ୍ଷା କଲେ ଫେଲ୍ ହାର ବଢ଼ିବ । ଏଥିସହଂସ୍କୃତ ୟୁନିଭରସିଟିର ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କର ଲକଡାଉନ ପୂର୍ବରୁ ଫିଜିକାଲ କ୍ଲାସ ସରିଯାଇଥିଲା, ସେମାନଙ୍କୁ ପରୀକ୍ଷା ନିମନ୍ତେ ଅନୁମତି ଦିଆଯାଇଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo